


ଆସିବ
ଦବଙ୍ଗ-୪
ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-146 ♦SATURDAY ♦22 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୪୬ ♦ଶନିବାର ♦୨୨ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ରେକର୍ଡ ସ୍ତରକୁ ଖସିଲା ଟଙ୍କା ମୂଲ୍ୟ



### ଆମେରିକା ସହ ବାଣିଜ୍ୟ ଆଲୋଚନା ବିଳମ୍ବର ପ୍ରଭାବ

### ୧ ଡଲାର=୮୯.୬୮ ଟଙ୍କା

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ଫେଡେରାଲ୍ ରିଜର୍ଭ ଆଡୁ ସୁଧ ହାରରେ କୌଣସି ହ୍ରାସ ସମ୍ଭାବନା ନ ଥିବା ସମ୍ପର୍କିତ ରିପୋର୍ଟ ଆସିବା ପରେ ଭାରତୀୟ ମୁଦ୍ରା 'ଟଙ୍କା' ମୂଲ୍ୟରେ ହ୍ରାସ ଘଟିଛି। ଫଳରେ ଶୁକ୍ରବାର ଟଙ୍କା ରେକର୍ଡ ସର୍ବନିମ୍ନ ୮୯.୬୮ ସ୍ତରକୁ ଖସିଆସିଛି। ଭାରତ ଏବଂ ଆମେରିକା ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତିରେ ପହଞ୍ଚି ନାହାଁନ୍ତି। ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ଆମେରିକା-ଭାରତ ବାଣିଜ୍ୟରେ ବାଧା ଏବଂ ଫେଡେରାଲ୍ ରିଜର୍ଭରୁ ସୁଧ ହାର ହ୍ରାସର ଆଶା ହ୍ରାସ ପାଇବା ଭାରତୀୟ ମୁଦ୍ରାକୁ ପ୍ରଭାବିତ କରୁଛି। ଆମେରିକାରୁ ଆସିଥିବା ଏହି ଆଶ୍ଚର୍ଯ୍ୟ କରିବା ଭଳି ଖବର ଭାରତୀୟ ମୁଦ୍ରାର ଗତିକୁ ବାଧା ଦେଉଛି, ଯାହାର ଫଳସ୍ୱରୂପ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଏହାର ସର୍ବନିମ୍ନ ସ୍ତରକୁ ଖସିଆସିଛି। ଶେଷ ଥର ପାଇଁ ଟଙ୍କା ୮୯.୩୪ ସ୍ତରରେ କାରବାର କରିଥିଲା। ଅଗଷ୍ଟ ଶେଷ ଭାଗରେ ଭାରତୀୟ ରପ୍ତାନି ଉପରେ ଆମେରିକାର ଶୁଳ୍କ ଲାଗୁ ହେବା ▶ପୃଷ୍ଠା-୭

## ମେକ୍ସିକୋର ଫାତିମା ବ୍ରହ୍ମାଣ୍ଡ ସୁନ୍ଦରୀ



■ ବ୍ୟାଙ୍କକ୍, ୨୧।୧୧ (ଏଜେନ୍ସି): ମେକ୍ସିକୋର ଫାତିମା ବୋସ ପର୍ଣ୍ଣାଣ୍ଡିଜ୍ ଏଥର ବ୍ରହ୍ମାଣ୍ଡ ସୁନ୍ଦରୀର ଆଖ୍ୟା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଥାଇଲାଣ୍ଡର ପ୍ରଭିନାର ସିଂ, ଭେନେଜୁଏଲାର ଷ୍ଟିଫାନି ଆବାସାଲି, ଫିଲିପାଇନ୍ସର ମା ଆହିଷ୍ଟା ମାନାଲୋ ଓ କୋଟ

### ଟପ୍-୩୦ରେ ଭାରତର ମଣିକା ବିଶ୍ୱକର୍ମା

ଡି ଆଇଭରୀର ଓଲିଭିଆ ୟାସ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ରନର୍ସଅପ ବିବେଚିତ ହୋଇଥିଲେ। ପ୍ରତିଯୋଗିତାରେ ବିଜୟୀ ହେବା ପରେ ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୫ ବର୍ଷୀୟ ଫାତିମାଙ୍କୁ ମୂର୍ଖ ବୋଲି କୁହାଯିବା କାରଣରୁ ସେ ଏହି ପ୍ରତିଯୋଗିତା ଛାଡି ଚାଲିଯାଇଥିଲେ। କିନ୍ତୁ ପରେ ଏଥିପାଇଁ ଆୟୋଜକ କ୍ଷମା ମାଗିବାରେ ପରେ ପୁଣିଥରେ ▶ପୃଷ୍ଠା-୭

## ଏୟାର ଶୋ'ରେ ତେଜସ୍ ଧ୍ୱଂସ



■ ଦୁବାଇ, ୨୧।୧୧ (ଏଜେନ୍ସି): ଦୁବାଇ ଏୟାର ଶୋ'ରେ ଭାରତୀୟ ବାୟୁସେନାର ତେଜସ ଫାଇଟର ଜେଟ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଅଲ ମକ୍ତୁମ ଏୟାରପୋର୍ଟରେ ଚାଲିଥିବା ଏୟାର ଶୋ'ରେ ଏକ ଡେମୋ ଫ୍ଲାଇଟ୍ ଅବସରରେ ଏହି ଦୁର୍ଘଟଣା ଘଟିଥିଲା। ଶୁକ୍ରବାର ଭାରତୀୟ ସମୟ ଅନୁସାରେ ଅପରାହ୍ନ ୩.୪୦ରେ ଏହି ଦୁର୍ଘଟଣା

### ପାଇଲଟ୍ ମୃତ

ଘଟିଥିଲା। ଏଥିରେ ପାଇଲଟ ମୃତ୍ୟୁବରଣ କରିଛନ୍ତି ବୋଲି ଭାରତୀୟ ବାୟୁସେନା ତରଫରୁ କୁହାଯାଇଛି। ବିମାନ ପଡିବାରେ ପରେ ସେଥିରେ ନିଆଁ ଲାଗିଥିଲା ଓ ବିମାନ ବନ୍ଦରରେ କଳା ଧୂଆଁର ଦେଖାଯାଇଥିଲା। ତେଜସ୍ ବିମାନ କ୍ରାଶ୍ ହେବା ଫଳରେ ଏହାର ଯାଞ୍ଚ୍ ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରୀ ବସାଯାଇଛି। ପାଇଲଟ୍ ନେଗେଟିଭ୍ ଜି-ଫୋର୍ସ ଟର୍ଣ୍ଣରୁ ରିକଭର କରିପାରି ନଥିଲେ। ଫଳରେ ବିମାନ ଉପରୁ ନିୟନ୍ତ୍ରଣ ହରାଇଥିଲେ। ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟ୍‌ରେ ୯ ବିଭାଗର ୧୨ ପ୍ରସ୍ତାବକୁ ମୋହର

# ଇ-ଲଟେରୀରେ ଲଘୁ ଖଣିଜ ଲିଜ୍

■ ଭୁବନେଶ୍ୱର, ୨୧।୧୧ (ସମିସ): ଏଣିକି ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଆବଣ୍ଟନ ପାଇଁ ନିଲାମ ବ୍ୟବସ୍ଥା ପରିବର୍ତ୍ତେ ପ୍ରଚଳନ ହେବ ଇ-ଲଟେରୀ। ବାଲି ଘାଟ, ପଥର ଖଣି, ମୋରମ ଖଣି ଆଦିକୁ ଇ-ଲଟେରୀ ମାଧ୍ୟମରେ ଆବଣ୍ଟନ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବରେ ବାଜିଛି ମୋହର। ଏହା ସହିତ ୟୁନିଫର୍ମ ସେବା କର୍ମଚାରୀ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଚୟନ ଆୟୋଗ ଗଠନ ସହ କ୍ୟାବିନେଟ ବୈଠକରେ ୯ ଟି ବିଭାଗର ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସୂଚନା ଅନୁସାରେ ରାଜ୍ୟରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ସଂଶୋଧନ ଦ୍ୱାରା ରାଜ୍ୟରେ ଲଘୁ ଖଣିଜ ଅନ୍ତର୍ଭୁକ୍ତ ବାଲି, ପଥର ଖଣି ଆଦି ପାଇଁ



### କ୍ୟାବିନେଟ ନିଷ୍ପତ୍ତି

### ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩, ସର୍ବାଧିକ ୫ ଲିଜ୍

### ବଢ଼ିଲା ଅନୁସୂଚୀତ ଜାତି ଓ ଜନଜାତି ଶିକ୍ଷାର୍ଥୀଙ୍କ ବୃତ୍ତି

ନିଲାମୀ ପ୍ରକ୍ରିୟା ବନ୍ଦ କରାଯାଇ ଲଟେରୀ ବ୍ୟବସ୍ଥା ଆରମ୍ଭ ହେବ। ନିଲାମ ଯୋଗୁଁ ବହୁତ ଅଧିକ ଦାମ୍‌ରେ ବାଲିଘାଟ ସହ ଅନ୍ୟ ଖଣିଗୁଡ଼ିକ ନିଆଯାଉଛି। ଏହାଦ୍ୱାରା ବଜାରରେ ଏହାର ଦର ଅଧିକ ରହୁଛି। ତେଣୁ ସରକାର ନୂଆ ନୀତି ଆଣିବା ସହ ଲଟେରୀ ଜରିଆରେ ଫ୍ଲୋର୍ ପ୍ରାଇସ୍ ବଦଳରେ ଏକ ଅତିରିକ୍ତ ଚାର୍ଜ ନିର୍ଦ୍ଧାରଣ କରାଯିବ। ଲିଜଧାରୀ ମାନେ ବାଲି, ପଥର, ମୋରମ ଆଦିକୁ କେଉଁ ଦରରେ ବିକ୍ରି କରିବେ ତାହା ମଧ୍ୟ ସରକାର ନିର୍ଦ୍ଧାରଣ ▶ପୃଷ୍ଠା-୭

### ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ 'ଓୟୁଏସ୍‌ଏସ୍‌ସି'

■ ଭୁବନେଶ୍ୱର, ୨୧।୧୧ (ସମିସ): ରାଜ୍ୟରେ ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କୁ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଆୟୋଗ 'ଓଡ଼ିଶା ୟୁନିଫର୍ମ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓୟୁଏସ୍‌ଏସ୍‌ସି)' ଗଠନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

### ସ୍ୱତନ୍ତ୍ର ଆୟୋଗରେ ରହିବେ ଜଣେ ଅଧ୍ୟକ୍ଷ, ୨ ସଦସ୍ୟ

ଗୃହ ବିଭାଗ ସମେତ ଅବକାରୀ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୁଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଏହି ଆୟୋଗ କାର୍ଯ୍ୟ କରିବ। ଏହାସହ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍‌ଏସ୍‌ସି) ନିୟମାବଳୀ-୨୦୨୫ ପ୍ରଣୟନ କରିବାକୁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ଦିଆଯାଇଛି। ଏହି ଆୟୋଗରେ ଜଣେ ଅଧ୍ୟକ୍ଷଙ୍କ ▶ପୃଷ୍ଠା-୭

## ଆଜି ସୃଷ୍ଟି ହେବ ଲଘୁଚାପ

### ଶକ୍ତିଶାଳୀ ବାତ୍ୟା ପାଇଁ ପାଗ ଅନୁକୂଳ

■ ଭୁବନେଶ୍ୱର, ୨୧।୧୧ (ସମିସ): ମାଲେସିଆ ନିକଟବର୍ତ୍ତୀ ମଲ୍ଲାକାରେ ସମୁଦ୍ରପତ୍ତନ ଠାରୁ ୫.୮ କି.ମି ବିସ୍ତାର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି (ଶନିବାର) ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମଲ୍ଲାକା ଷ୍ଟ୍ରିଟ୍‌ରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇ ସାରିଛି। ଶନିବାର ସକାଳ ସୁଦ୍ଧା ଏହା ସଦୃଶ ଲଘୁଚାପରେ ପରିଣତ ହେବ। ୨୬ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେଇପାରେ। ଏହା ଶୀଘ୍ର ଘନୀଭୂତ ହୋଇ ଉତ୍ତର ବା ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତ କରିବ। ୨୮ରେ ଏହା ଅଧିକ ଶକ୍ତିଶାଳୀ ହୋଇ ଏକ ଭୀଷଣ ବାତ୍ୟାରେ ରୂପ ନେବ ଓ ୨୯ କିମ୍ବା ୩୦ ଏବା ଅତି ଭୀଷଣ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ କିଛି ମଡେଲ୍ ଆକଳନ କରୁଛନ୍ତି। ଅତି ଭୀଷଣ ବାତ୍ୟାରେ ପରିଣତ ହେବା ପରେ ଏହା ଦକ୍ଷିଣ-ପଶ୍ଚିମ ଓ ପଶ୍ଚିମ-କେନ୍ଦ୍ରୀୟ ସଂଲଗ୍ନ ବଙ୍ଗୋପସାଗରକୁ ମୁହାଁଇବ। ବାତ୍ୟା ଅଧିକ ଘନୀଭୂତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାର କାରଣ ଦର୍ଶାଇ ପ୍ରଫେସର ପଶୁପାଳକ କହିଛନ୍ତି ଯେ ଏହା ଆର୍ଦ୍ର, ଉପ-ଉଷ୍ମ ମଣ୍ଡଳରେ ଅବସ୍ଥିତ ହେବା ସହ ଶୁଷ୍କ ବାୟୁର ମଧ୍ୟ ▶ପୃଷ୍ଠା-୭




### ଓଡ଼ିଶା-ଆନ୍ଧ୍ର ଉପରେ ଅଧିକ ପ୍ରଭାବ ଆଶଙ୍କା

### ଓଡ଼ିଶାରେ ସ୍ଥଳଭାଗ ଛୁଇଁବା ନେଇ ସମ୍ଭାବନା

## ଏନ୍‌ଡିଏର ବିହାର ବିଜୟ ବିଦ୍ଧାଣି

# ଧର୍ମେନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା



■ ଭୁବନେଶ୍ୱର, ୨୧।୧୧ (ସମିସ): ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହାସିକ ବିଜୟର ଅନ୍ୟତମ ନେପଥ୍ୟ ନାୟକ ତଥା ଦଳୀୟ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରରେ ଦିଆଯାଇଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଶୁକ୍ରବାର ଶ୍ରୀ ପ୍ରଧାନ ଓଡ଼ିଶା ଗସ୍ତରେ ଆସିବା ଅବସରରେ ବିମାନବନ୍ଦରରେ ହଜାର ହଜାର କର୍ମୀ, କର୍ମକର୍ତ୍ତା ଓ ସମର୍ଥକ ତାଙ୍କୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବର୍ଦ୍ଧନା ପାଇଁ ଶ୍ରୀ ପ୍ରଧାନ ଦଳୀୟ ନେତା, କର୍ମୀ, ସମର୍ଥକଙ୍କୁ ଗାମୁଛା ହଲାଇ କୃତଜ୍ଞତା ଜଣାଇଛନ୍ତି।

### କଂଗ୍ରେସର ବିଭାଜନ ରାଜନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: ଧର୍ମେନ୍ଦ୍ର

### ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏନଡିଏ ମେଣ୍ଟର ଅଭୁତପୂର୍ବ ବିଜୟ ପାଇଁ ବିହାରବାସୀଙ୍କୁ ଧନ୍ୟବାଦ। ବିହାରବାସୀ ଦେଶକୁ ବିଭାଜନ କରିବା ନିମନ୍ତେ କଂଗ୍ରେସର ନକରାତ୍ମକ ରାଜନୀତିକୁୟ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣି ଥରେ ଆଶୀର୍ବାଦ କରିଛନ୍ତି। ବିହାରରେ ପୁଣି ଥରେ ସେବା ନିମନ୍ତେ ଏନଡ଼ିଏ ସୁଯୋଗ ଦେଇ ବିହାରବାସୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି ଦେଇଛନ୍ତି। ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଜୟ ନିମନ୍ତେ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହାପରେ ଶ୍ରୀ ପ୍ରଧାନ ବିମାନବନ୍ଦରରୁ ସିଧା ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଛନ୍ତି।

## କାଳ ହେଲା ମିଛିମିଛିକା ଭାତ-ତରକାରୀ ଖେଳ

# ଲୁଣ ଭାବି ଥିମେଟ୍ ଖାଇଦେଲେ ୩ ଶିଶୁ

■ ନୀଳଗିରି, ୨୧।୧୧ (ସମିସ): ଲୁଣ ଭାବି ଥିମେଟ୍ ଖାଇଦେଲେ ୩ ଶିଶୁ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ମହିଷାପଟ୍ଟା ପଞ୍ଚାୟତ ଶାଳବଣି ଗ୍ରାମରେ ଆଜି ଏହି ଅଘଟଣ ଘଟିଛି। ସେମାନେ ହେଲେ, ଗ୍ରାମର ବାବୁଲା ସିଂଙ୍କ ପୁଅ ଯୁବରାଜ ସିଂ(୮), ଅକ୍ଷୟ ସିଂଙ୍କ ଝିଅ ଇନ୍ଦୁରେଖା ସିଂ(୫) ଓ ରମେଶ ସିଂଙ୍କ ପୁଅ ଘନଶ୍ୟାମ ସିଂ(୪)। ଗୁରୁତର ଅବସ୍ଥାରେ ସେମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଯୁବରାଜର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଘନଶ୍ୟାମକୁ ଆଇସିୟୁରେ ରଖାଯାଇଛି। ▶ପୃଷ୍ଠା-୭

### ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

### ଜଣକୁ କଟକ ସ୍ଥାନାନ୍ତର

## ୨୯ ପୁରୁଣା ଆଇନ ଶେଷ; ଲାଗୁ ହେଲା ନୂଆ ଶ୍ରମ କୋଡ୍

# ଶ୍ରମିକଙ୍କୁ ମିଳିବ ନିଶ୍ଚିତ ସାମାଜିକ ସୁରକ୍ଷା

■ ନୂଆଦିଲ୍ଲୀ ୨୧।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଦେଶରେ ଆଜି ବହୁ ପ୍ରତୀକ୍ଷିତ ଶ୍ରମ କୋଡ୍ ଲାଗୁ ହୋଇଛି। ସମସ୍ତ କ୍ଷେତ୍ରରେ ଶ୍ରମିକ କଲ୍ୟାଣ ବ୍ୟବସ୍ଥାକୁ ମଜଭୁତ କରିବା ଲାଗି ୪ ନୂଆ ଶ୍ରମ ସଂହିତା – ମଜୁରି ସଂହିତା ୨୦୧୯, ଶିଳ୍ପ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ୨୦୨୦କୁ ଶୁକ୍ରବାର କାର୍ଯ୍ୟକାରୀ କରାଯାଇଛି। ଏହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚଳିତ ୨୯ଟି ଶ୍ରମ ଆଇନର ଅନ୍ତ ଘଟିଛି। ନୂଆ ଶ୍ରମ କୋଡ୍ ଲାଗୁ ହେବା ପରେ ଦେଶରେ ଶ୍ରମିକମାନଙ୍କୁ ସୁନିଶ୍ଚିତ ନିଯୁକ୍ତିପତ୍ର, ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ସାମାଜିକ ସୁରକ୍ଷା ଆଦି କ୍ଷେତ୍ରରେ

### ଲାଭବାନ ହେବେ ୪୦ କୋଟି ଶ୍ରମିକ

ଗ୍ୟାରେଣ୍ଟି ମିଳିବା ଆଶା କରାଯାଉଛି। ଏଥିଯୋଗୁଁ ଦେଶର ପ୍ରାୟ ୪୦ କୋଟି ଶ୍ରମିକ ଲାଭବାନ ହେବେ। ନୂଆ ଶ୍ରମ କୋଡ୍ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି, ଯେଉଁଥିରେ ଗିଗ୍ ଓ ପ୍ଲାଟଫର୍ମ ୱାର୍କର, ମହିଳା କର୍ମଚାରୀ ଓ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ କାମ କରୁଥିବା ଶ୍ରମିକଙ୍କୁ ଲାଭ ମିଳିବ। ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ ହେବା ପରେ ନିଯୁକ୍ତି କ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ସୁନିଶ୍ଚିତ ନିଯୁକ୍ତିପତ୍ର ପ୍ରଦାନ, ଲିଖିତ ପ୍ରମାଣପତ୍ରରେ ସ୍ୱଚ୍ଛତା, ଚାକିରି ସୁରକ୍ଷା ଏବଂ ସ୍ଥାୟୀ ନିଯୁକ୍ତିକୁ ସୁନିଶ୍ଚିତ କରାଯିବ। ସମସ୍ତ ଶ୍ରମିକଙ୍କୁ ପିଏଫ୍, ଇଏସଆଇସି, ବୀମା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ମିଳିବ। ଏଥିସହ ସମସ୍ତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ଓ ସମୟାନୁଯାୟୀ ▶ପୃଷ୍ଠା-୭

# ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ଲଗାତର ଭାବେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗୁରୁବାର ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୫୦୬ ଥିଲା ଓ ଏହା ନିହାତି ବିପଜ୍ଜନକ ବିବେଚିତ ହୋଇଛି। ଦିଲ୍ଲୀ ଏବେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରର ଭାବେ ଅଲୋଡ଼ା ନାମ ହାସଲ କରିଛି। ବିଶ୍ୱବ୍ୟାପୀ ବାୟୁ ପ୍ରଦୂଷଣ ମାପୁଥିବା ଅନ୍ତର୍ଜାତୀୟ ସଂସ୍ଥା 'ଆଇକ୍ୟୁଏୟାର'ର ଲାଇଭ ମାନ୍ୟତାରେ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ପରିଗଣିତ ହେଉଛି। ବାୟୁରେ ବର୍ଦ୍ଧିତ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବରରେ ଓ ଡିସେମ୍ବରରେ ସବୁ ସ୍କୁଲ୍‌ରେ ସ୍ପୋର୍ଟ୍ସ ଇଭେଣ୍ଟକୁ ବନ୍ଦ କରିଦିଆଯାଇଛି। ପ୍ରଦୂଷଣ କାରଣରୁ



### ଏକ୍ୟୁଆଇ ୫୦୬ରେ ପହଞ୍ଚିଲା

### ସ୍କୁଲ୍‌ରେ କ୍ରୀଡ଼ା ଇଭେଣ୍ଟ ଉପରେ ରୋକ

ଦିଲ୍ଲୀରେ ସବୁ ପ୍ରକାର କ୍ରୀଡ଼ା ଇଭେଣ୍ଟକୁ ସ୍ଥଗିତ ରଖିବାକୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ନିର୍ଦ୍ଦେଶ ଦେଇଛି। ଦିଲ୍ଲୀର ପ୍ରଦୂଷିତ ବାୟୁ ଏବେ ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ବୋଲି କମିଶନ କହିଛି। ପୂର୍ବରୁ ଅକ୍ଟୋବର ୧୮ରେ ଦିଲ୍ଲୀ- ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଦିଲ୍ଲୀରେ କ୍ରୀଡ଼ା ସମ୍ପର୍କିତ ସବୁ ପ୍ରକାର ପ୍ରତିଯୋଗିତାକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସେପଟେ ସାରା ଦେଶରେ ପ୍ରବଳ ଥଣ୍ଡା ଜାରି ରହିଛି। ଶୀତର ପ୍ରକୋପ ବୃଦ୍ଧି ପାଇଥିବାରୁ ଦିଲ୍ଲୀର ପ୍ରଦୂଷଣ ଆହୁରି ଖରାପ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭୋପାଳ, ଇନ୍ଦୋର ସମେତ ମଧ୍ୟପ୍ରଦେଶର ୧୨ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିବାର ରେକର୍ଡ କରାଯାଇଛି। ରାଜଗଡ଼ରେ ତାପମାତ୍ରା ୭.୫ ଡିଗ୍ରୀ ଥିଲା। ଜବଲପୁରରେ ଘନ କୁହୁଡି ଛାଇ ରହିଥିଲା। ଉତ୍ତରାଖଣ୍ଡର ବଦ୍ରିନାଥରେ ତାପମାତ୍ରା ମାଇନସ ୬ ଡିଗ୍ରୀ ତଳକୁ ଖସିଛି। ଅଗାମୀ କିଛି ଦିନ ପାଗ ଏହି ଭଳି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

# ମୁଁ ବୌଦ୍ଧ, କିନ୍ତୁ ଧର୍ମନିରପେକ୍ଷ: ସିଜେଆଇ ଗଭାଇ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୨୩ ତାରିଖରେ ଅବସର ଗ୍ରହଣ କରୁଛନ୍ତି। କିନ୍ତୁ ଆଜି ସୁପ୍ରିମକୋର୍ଟରେ ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ମାତ୍ର କେଇ ମାସର କାର୍ଯ୍ୟକାଳରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହା ମଧ୍ୟରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନରେ କଟକଣା ପ୍ରମୁଖ ସାମିଲ ରହିଛି। ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏସନ (ଏସସିଏଇଆରଏ) ପକ୍ଷରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନାରେ ସିଜେଆଇ କହିଛନ୍ତି ଯେ ମୁଁ ବୌଦ୍ଧ ଧର୍ମକୁ ମାନୁଛି। କିନ୍ତୁ ପ୍ରକୃତରେ ମୁଁ ଧର୍ମନିରପେକ୍ଷ ବ୍ୟକ୍ତି। ହିନ୍ଦୁ, ଶିଖ୍, ଇସ୍‌ଲାମ ସମେତ ସବୁ ଧର୍ମରେ ମୋର ବିଶ୍ୱାସ ରହିଛି। ଏହି ଧର୍ମନିରପେକ୍ଷତା ବିଷୟରେ ମୁଁ ବାପାଙ୍କଠାରୁ ଶିକ୍ଷା କରିଥିଲି। ମୋ ବାପା ସମ୍ପୂର୍ଣ୍ଣ ଭାବେ ଧର୍ମନିରପେକ୍ଷ ଥିଲେ। ସେ ଡ. ବାବା ସାହେବ ଆମ୍ବେଦକରଙ୍କ ଅନୁଗାମୀ ଥିଲେ। ମୁଁ ଛୋଟ ଥିବା ସମୟରେ ବାପାଙ୍କ ସହ ପ୍ରସିଦ୍ଧ ଦରଗା ଏବଂ ଗୁରୁଦ୍ୱାର ଯାଉଥିଲି। ଏଭଳି ଭାବେ ସବୁ ଧର୍ମକୁ ସମ୍ମାନ କରୁଥିବା ପରିବେଶରେ ମୁଁ ବଡ଼ ହୋଇଥିଲି। ପ୍ରାୟ ୨୦ ବର୍ଷ ବିଚାରପତି ରହିବା ପରେ ଆଜି ଯାହା କିଛି ବି ଅଛି, ସବୁ ନ୍ୟାୟପାଳିକା ପାଇଁ ସମ୍ଭବ ହୋଇପାରିଛି। ଏଥିପାଇଁ ଦେଶର ନ୍ୟାୟପାଳିକା ପ୍ରତି ସିଜେଆଇ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୪ ତାରିଖରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶର ୫୩ତମ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ। ସେ ୧୪ ମାସ ପାଇଁ ଏହି ପଦରେ ରହିବେ। ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ।

# ପାଣିପାଗର ଚରମ ସ୍ଥିତି; ୯ ମାସରେ ଗଲାଣି ୪୦୬୪ ଜୀବନ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତରେ ପାଣିପାଗ ଜନିତ ଚରମ ସ୍ଥିତି ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଥିଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ପ୍ରଥମ ୯ ମାସରେ ଏହା ୪୦୬୪ ଜୀବନ ନେଲାଣି। ଗତ ୪ ବର୍ଷରେ ଏଭଳି ମୃତ୍ୟୁ ୪୮ ପ୍ରତିଶତ ବୃଦ୍ଧି ପାଇଛି। ଦିଲ୍ଲୀର ଥିଙ୍କଟାଙ୍କ ସଂସ୍ଥା 'ସେଣ୍ଟର ଫର ସାଇନ୍ସ ଆଣ୍ଡ ଇନ୍‌ଭାରମେଣ୍ଟ (ସିଏସଇ)' ଏବଂ 'ଡାଉନ ଟୁ ଆର୍ଥ' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଅବଧିରେ ମଧ୍ୟପ୍ରଦେଶରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୮.୪ ନିୟୁତ ହେକ୍ଟରର ଫସଲ କ୍ଷତିଗ୍ରସ୍ତ ହୋଇଛି। ଗ୍ରୀଷ୍ମ ପ୍ରବାହ, ଶୀତ, ବଜ୍ରପାତ, ଝଡ଼, ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୯.୪୭ ନିୟୁତ ଫସଲ ନଷ୍ଟ ହୋଇଛି। ଗତ ଚାରି ବର୍ଷରେ ଏହା ୪୦୦ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ପାଣିପାଗ ଜନିତ ଚରମ ସ୍ଥିତିରେ ୩,୨୩୮ ଜଣ ପ୍ରାଣ ହରାଇଥିବାବେଳେ ୩.୨ ନିୟୁତ ହେକ୍ଟରରେ ଫସଲ ନଷ୍ଟ ହୋଇଥିଲା। ୯୯ ପ୍ରତିଶତ ଦିନରେ କୌଣସି ନା କୌଣସି ପାଣିପାଗ ଜନିତ ଚରମ ସ୍ଥିତି ସୃଷ୍ଟି ହେଉଥିବାବେଳେ ଏପରି ଧନଜୀବନ ହାନି ଘଟୁଛି। ୨୦୨୨ ପରଠାରୁ ୧୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏଭଳି ଦିନ ସଂଖ୍ୟା ବଢ଼ିବାରେ ଲାଗିଛି।

# ବିହାରରେ ୨ ଲକ୍ଷ ପୋଷ୍ଟାଲ ବାଲଟ୍‌ରୁ ୨୪ ହଜାର ନାକଚ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ବିହାର ନିର୍ବାଚନ ନେଇ ନିର୍ବାଚନ କମିଶନ ଏକ ନୂଆ ତଥ୍ୟ ପ୍ରଦାନ କରିଛନ୍ତି। ୨ ଲକ୍ଷ ପୋଷ୍ଟାଲ ବାଲଟରୁ ପାଖାପାଖି ୨୪, ୦୦୦ ଭୋଟ ନାକଚ ହୋଇଛି ବୋଲି କମିଶନଙ୍କ ତରଫରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ନିର୍ବାଚନରେ ମୋଟ୍ ୫.୦୨ କୋଟି ମତଦାନ ହୋଇଥିଲା। ଏଥିରେ ଇଭିଏମ୍ ଓ ପୋଷ୍ଟାଲ ବାଲଟ ସାମିଲ ଥିଲା। ୪.୯୩ କୋଟି ଭୋଟ୍ ବୈଧ ଥିବାବେଳେ ୯.୩୪ ଲକ୍ଷ ଭୋଟ୍ ନାକଚ୍ ହୋଇଛି। ୨.୦୧ ଲକ୍ଷ ପୋଷ୍ଟାଲ ଭୋଟ୍‌ରୁ ୨୩, ୯୮୧ ଭୋଟ୍ ନାକଚ ହୋଇଛି ବୋଲି କୁହାଯାଇଛି। ସେହିପରି ନନ୍ ଅଫ୍ ଦି ଏବଭ ଅର୍ଥାତ ନୋଟା ଭୋଟ ସଂଖ୍ୟା ୯.୧୦ ଲକ୍ଷ ଥିଲା ଏଥିରେ ଇଭିଏମ୍ ଓ ପାଷ୍ଟାଲ ବାଲଟ ଭୋଟ୍ ସାମିଲ ଥିଲା। ନୋଟାର ଭୋଟ ପ୍ରତିଶତ ୧.୮୧ ରହିଛି। ଉଲ୍ଲେଖଥାଉ କି, ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଓ ଯେଉଁ ବ୍ୟକ୍ତିମାନେ ଗୁରୁତ୍ୱପୂର୍ଣ୍ଣ ପଦବୀ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିଥାନ୍ତି।

### କର୍ଣ୍ଣାଟକ କଳିକୁ ନେଇ ଶିବକୁମାରଙ୍କ ଟିପ୍ପଣୀ

# ସବୁ ୧୪୦ ବିଧାୟକ ମୋର

ବେଙ୍ଗାଲୁରୁ, ୨୧।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ କ୍ଷମତା କଳି ଜୋର୍ ଧରିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ବୋଲାଉଥିବା କିଛି ବିଧାୟକ କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବା ପାଇଁ ଦିଲ୍ଲୀରେ ପହଞ୍ଚିବା ପରେ ଏହି ଚର୍ଚ୍ଚା ଜୋର୍ ଧରିଥିଲା। କିଛି ଦିନ ତଳେ ଶିବକୁମାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବାକୁ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଖୋରାକ ଯୋଗାଇ ଥିଲେ। ପ୍ରଥମ ଥର ଡିକେ ଏହା ଉପରେ ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ସବୁ ୧୪୦ ବିଧାୟକ ମୋର ବୋଲି ସେ କହିଛନ୍ତି। ଏପରି ଟିପ୍ପଣୀ ଦେଇ ସେ ବଡ଼ ସଙ୍କେତ ଦେଉଥିବା କୁହାଯାଉଛି। ଏହା ମାଧ୍ୟମରେ ସେ କଂଗ୍ରେସ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ଉପରେ ଚାପ ପକାଇବାକୁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି। ତେବେ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଡିକେ ଗୁଜବ କହି ଖଣ୍ଡନ କରି ଦେଇଛନ୍ତି। ଶିବକୁମାର କହିଛନ୍ତି ଯେ ଗୋଷ୍ଠୀ କନ୍ଦଳ ମୋ ରକ୍ତରେ ନାହିଁ। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ତାଙ୍କ କାର୍ଯ୍ୟକାଳ ଶେଷ କରିବେ। ଏଥିପାଇଁ ତାଙ୍କୁ ଶୁଭେଚ୍ଛା। ମୁଖ୍ୟମନ୍ତ୍ରୀ ନିଜ କ୍ୟାବିନଟ ଅଦଳବଦଳ କରିବାକୁ ଚାହୁଁଛନ୍ତି। ସେଥିପାଇଁ ବିଧାୟକମାନେ ନିଜ ପାଇଁ ଲବି କରିବାକୁ ହାଇକମାଣ୍ଡଙ୍କୁ ଭେଟିବାକୁ ଯାଇଛନ୍ତି। ରାଜ୍ୟର ସବୁ ବିଧାୟକ ମୋର। ଆମେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପାଳନ କରୁଛୁ ବୋଲି ବାରମ୍ବାର ମୁଖ୍ୟମନ୍ତ୍ରୀ ଏବଂ ମୁଁ କହିସାରିଛି।

# କାରଖାନାରେ ବିସ୍ଫୋରଣ; ୧୫ ମୃତ

ଇସ୍‌ଲାମାବାଦ୍, ୨୧।୧୧(ଏଜେନ୍ସି): ପାକିସ୍ତାନର ଫୈସଲାବାଦ୍ ନିକଟରେ ଶୁକ୍ରବାର ସକାଳେ ଏକ ବଡ଼ ଧରଣର ଅଘଟଣା ଘଟିଛି। ଏକ ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍ ହେବା କାରଣରୁ ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ପ୍ରଥମେ ବଏଲଣ ଫାଟିଥିବା ଆଶଙ୍କା କରାଯାଉଥିଲା। କିନ୍ତୁ ଏହି ଫ୍ୟାକ୍ଟ୍ରିରେ ବଏଲର ନ ଥିଲା ବୋଲି ପରେ ଜଣାପଡ଼ିଥିଲା। ଗ୍ୟାସ୍ ଲିକ୍ ହେବା କାରଣରୁ ନିଆଁ ଲାଗିଥିଲା ଓ ନିକଟରେ ଥିବା ୟୁନିଟଗୁଡିକରେ ବିସ୍ଫୋରଣ ହୋଇଥିଲା। ଘଟଣାର ଯାଞ୍ଚ୍ ପାଇଁ ପଞ୍ଜାବ ସରକାର ଏକ ୫ ସଦସ୍ୟ ବିଶିଷ୍ଟ କମିଟ୍ ଗଠନ କରିଛନ୍ତି। ନ୍ୟାସନାଲ ଟ୍ରେଡ ୟୁନିଅନ ଫେଡେରେସନ ପ୍ରତ୍ୟେକ ମୃତକଙ୍କୁ ୩୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଦେବ ବୋଲି ଘୋଷଣା କରିଛି। ଏଥିସହ ଆହତଙ୍କୁ ମାଗଣା ଚିକିତ୍ସା ଉପଲବ୍ଧ କରାଇବାକୁ ଫେଡେରେସନ ଦାବି କରିଛି।

### ବଦଳିଲା ବିହାରର କ୍ଷମତା କେନ୍ଦ୍ର

# ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହହୀନ'

- ସମ୍ରାଟ ଚୌଧୁରୀଙ୍କୁ ଗୃହ ଦାୟିତ୍ୱ
- ଜେଡିୟୁ ପାଖରେ ଅର୍ଥ ବିଭାଗ
- ଶ୍ରେୟସୀ ସିଂହ ହେଲେ କ୍ରୀଡ଼ା ମନ୍ତ୍ରୀ



ପାଟନା, ୨୧।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବୃହତ ବିଜୟ ପରେ ଏନ୍‌ଡିଏ ସରକାର ଗଠନ କରିଛି। ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଦିନକ ପରେ ନୀତୀଶ କୁମାର ନିଜ ମନ୍ତ୍ରିମଣ୍ଡଳରେ ବଡ଼ ପରିବର୍ତ୍ତନ କରିଛନ୍ତି। ଗତ ୨୦ ବର୍ଷ ପରେ ପ୍ରଥମ ଥର ପାଇଁ କ୍ଷମତା କେନ୍ଦ୍ର ବଦଳି ଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହ' ହୀନ ହୋଇଯାଇଛନ୍ତି। ତାଙ୍କ ହାତରୁ ଗୃହ ବିଭାଗ ଛଡ଼ାଇ ନିଆଯାଇଛି। ନୀତୀଶ କ୍ଷମତାରେ ଥିବା ପରଠାରୁ ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏପରି ହୋଇଛି। ଗୃହ ବିଭାଗ ଜେଡିୟୁ ପରିବର୍ତ୍ତେ ବିଜେପି ପାଖକୁ ଚାଲି ଯାଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଗୃହ ବିଭାଗ ଦାୟିତ୍ୱ ଦିଆଯାଇଛି। ଏହି ପରିବର୍ତ୍ତନକୁ ନୀତୀଶଙ୍କ ସବୁଠାରୁ ବଡ଼ ରାଜନୈତିକ ଦୁର୍ବଳତା ଏବଂ ମେଣ୍ଟରେ ବିଜେପିର ଶକ୍ତି ବୃଦ୍ଧିକୁ ସୂଚାଉଛି।

ଏଥର ନୀତୀଶ କେବଳ ମୁଖା ହୋଇ ରହିବେ। କାରଣ କ୍ଷମତାର ପ୍ରକୃତ ଚାବି ବିଜେପି ହାତକୁ ପଳାଇଛି। ପୁଲିସ ବଳରେ 'ସୁଶାସନ ବାବୁ' ବୋଲାଉଥିବା ନୀତୀଶ ଏବେ ନିଜ ଉପାଧି ହରାଇ ଦେଇଛନ୍ତି। ସେ ପୁଲିସ ବାହିନୀର ସହାୟତାରେ ଅପରାଧିଙ୍କ ଉପରେ ଲଗାମ ଲଗାଇବା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। ଯାହା ପାଖରେ ଗୃହ ବିଭାଗ ଥାଏ, ସେ ହିଁ ପ୍ରକୃତ ଶାସନ ଚଲାଇ ଥାଏ ବୋଲି ବିହାରରେ କୁହାଯାଇଥାଏ। ଏବେ କ୍ଷମତା ୧ ଅଣେ ମାର୍ଗ ପରିବର୍ତ୍ତେ, ୫ ଦେଶରତ୍ନ ମାର୍ଗକୁ ଚାଲି ଯାଇଛି। ଏବେ ସମ୍ରାଟ ଚୌଧୁରୀ ଅପରାଧୀଙ୍କ ବିରୋଧରେ ସବୁ ନିଷ୍ପତ୍ତି ନେବେ। ତାଙ୍କ ପାଖରେ ଅପରାଧ ନିୟନ୍ତ୍ରଣ, ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଦଙ୍ଗା ନିୟନ୍ତ୍ରଣ, ପୁଲିସ ବ୍ୟବସ୍ଥା, ଗୁଇନ୍ଦା ରିପୋର୍ଟ ଉପରେ ପଦକ୍ଷେପ ନେବାର ଦାୟିତ୍ୱ ରହିବ।

ନିର୍ବାଚନରେ ଏନ୍‌ଡିଏ ଜିତିବା ପରଠାରୁ ବିଜେପି ଏବଂ ଜେଡିୟୁ ମଧ୍ୟରେ ବିଭାଗକୁ ନେଇ ଟଣାଓଟରା ଲାଗି ରହିଥିଲା। ନିର୍ବାଚନ ପୂର୍ବରୁ ବିରୋଧୀ ମେଣ୍ଟ ଇଣ୍ଡିଆରେ ଯେପରି ଆସନ ବଣ୍ଟନକୁ ନେଇ ଟଣାଓଟରା ଲାଗିଥିଲା, ସେପରି ସ୍ଥିତି ଏନ୍‌ଡିଏରେ ବିଭାଗ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିଲା। ବିଜେପି ନିଜ ପାଖରେ ଗୃହ ବିଭାଗ, ବିଧାନସଭା ବାଚସ୍ପତି ପଦ, ଅର୍ଥ ବିଭାଗ ଆଦି ରଖିବାକୁ ଚାହୁଁଥିଲା। କିନ୍ତୁ ନୀତୀଶଙ୍କ ଦଳ ଏଥିପାଇଁ ରାଜି ହୋଇ ନ ଥିଲା। ରାଜ୍ୟରେ ଏହି ଭାଗବଣ୍ଟା ନ ଛିଡ଼ିବାରୁ ଦିଲ୍ଲୀ ପର୍ଯ୍ୟନ୍ତ କଥା ଯାଇଥିଲା। ଏପରିକି ଶପଥ ଗ୍ରହଣ ପୂର୍ବ ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପାଟନାରେ ପହଞ୍ଚିବା ପରେ ଏହି ପ୍ରସଙ୍ଗ ଆଲୋଚନା ହୋଇଥିଲା। ନୀତୀଶ ଗୃହ ବିଭାଗ ଛାଡ଼ିବାକୁ ରାଜି ନ ଥିବାରୁ ତାଙ୍କୁ ସମସ୍ତେ ବୁଝାଇବାକୁ ଲାଗି ଥିଲେ। ଆଜି ସକାଳୁ ମଧ୍ୟ ଏହାକୁ ନେଇ ଛକାପଞ୍ଝା ଲାଗି ରହିଥିଲା। ଦିନ ଯାକ ଏନ୍‌ଡିଏ ନେତାଙ୍କ ମଧ୍ୟରେ ମାନସମନ୍ଥନ ଚାଲିଥିଲା। ସକାଳେ ବିଜେପିର ମନ୍ତ୍ରୀ ତାଲିକା ନେଇ ସମ୍ରାଟ ଚୌଧୁରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଥିଲେ। ଉଭୟ ନେତା ଏଠାରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଠାରେ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନୀତୀଶଙ୍କୁ ଦେଇ ଆସିଥିଲେ। ଏହା ପରେ ଜେଡିୟୁ ପକ୍ଷରୁ କେଉଁ ମନ୍ତ୍ରୀଙ୍କୁ କେଉଁ ବିଭାଗ ଦିଆଯିବ ତାହାକୁ ନେଇ ବଡ଼ ନେତାଙ୍କ ସହ ମୁଖ୍ୟମନ୍ତ୍ରୀ ବୈଠକ କରିଥିଲେ। ବିଜେପି ମାଗିଥିବା ବିଭାଗକୁ ନେଇ ସେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚା କରିଥିଲେ। ଏହି ବୈଠକରେ ଲଲନ ସିଂହ, ସଞ୍ଜୟ ଝା ଏବଂ ବିଜୟ କୁମାର ଚୌଧୁରୀ ସାମିଲ ଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ନୀତୀଶ ଏବଂ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନେଇ ରାଜଭବନରେ ପହଞ୍ଚି ଥିଲେ। ୫ଟା ୧୫ରେ ଏହି ମନ୍ତ୍ରୀଙ୍କ ତାଲିକା ଜାରି କରାଯାଇଥିଲା।

ଏହା ଅନୁଯାୟୀ ଅର୍ଥ ବିଭାଗ ଜେଡିୟୁକୁ ଦିଆଯାଇଛି। ବିଜେନ୍ଦ୍ର ଯାଦବ ଶକ୍ତି ସହ ଅର୍ଥ ବିଭାଗ ଦାୟିତ୍ୱ ବୁଝିବେ। ଏହା ସହିତ ମଙ୍ଗଳ ପାଣ୍ଡେ ପୁଣିଥରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଥିବା ଜାତୀୟ ଦଳର ସୁଟର ଶ୍ରେୟସୀ ସିଂହଙ୍କୁ ଖେଳ ବିଭାଗ ଦିଆଯାଇଛି। ହାମର ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ ସୁମନଙ୍କ ବିଭାଗ ମଧ୍ୟ ବଦଳି ନାହିଁ। ତାଙ୍କ ପାଖରେ ଜଳ ସମ୍ବଳ ବିଭାଗ ରହିଛି। ସେହିପରି ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ସିଂହାଙ୍କ ପାଖରେ ରାଜସ୍ୱ ବିଭାଗ ସହିତ ଖଣି, ରାମକୃପାଳ ଯାଦବଙ୍କୁ କୃଷିମନ୍ତ୍ରୀ କରାଯାଇଛି।

### ସୁପ୍ରିମକୋର୍ଟରେ ଏସ୍‌ଆଇଆର୍ ଉପରେ ଶୁଣାଣି

# ନିର୍ବାଚନ କମିଶନଙ୍କୁ ମାଗିଲେ ଜବାବ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ବିରୋଧରେ କେରଳ ସରକାରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିରେ କେରଳରେ ଏସ୍‌ଆଇଆର ପାଇଁ ଇସି ନେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଛି। କେରଳରେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ପୌର ନିର୍ବାଚନ ହେବ। ୨୦୨୬ ମେ'ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଏସ୍‌ଆଇଆରକୁ ସ୍ଥଗିତ ରଖିବାକୁ ସରକାର ଦାବି କରିଥିଲେ। କୁହାଯାଇଥିଲା ଯେ କର୍ମଚାରୀ ଅଭାବରୁ ଏସ୍‌ଆଇଆର କରାଇବାରେ ସମସ୍ୟା ହେଉଛି। ସାମ୍ବିଧାନିକ ନିର୍ବାଚନ ଚାଲିଥିବାବେଳେ ଅଯଥାରେ ତରବରିଆ ଭାବେ ଏସ୍‌ଆଇଆର କରିବା ମତାଧିକାରର ଗଣତାନ୍ତ୍ରିକ ଅଧିକାର ବିରୋଧୀ। କେରଳ ବ୍ୟତୀତ ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ସରକାର ମଧ୍ୟ ଏସଆଇଆର ବିରୋଧରେ ଆବେଦନ ଦାଏର କରିଥିଲେ। 'ଇଣ୍ଡିଆନ ମୁସଲିମ ୟୁନିଅନ ଲିଗ' ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ପର୍ଯ୍ୟନ୍ତ ଏସଆଇଆର ବିରୋଧରେ ୧୦ ଆବେଦନ ଦାଏର ହେଲାଣି।

### ହମାସ ଭଳି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିଲା ଜୈସ

# କଶ୍ମୀର ହସ୍ପିଟାଲ ପାଲଟିଥାନ୍ତା ଅସ୍ତ୍ରଶସ୍ତ୍ର କେନ୍ଦ୍ର



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣକୁ ନେଇ ସୁରକ୍ଷା ଏଜେନ୍ସି ଗୁଡ଼ିକ ବଡ଼ ସୂଚନା ଦେଇଛନ୍ତି। ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ଭାରତରେ ହମାସ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିଲା ବୋଲି କୁହାଯାଇଛି। ସୁରକ୍ଷା ଏଜେନ୍ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୈସର ମଡ୍ୟୁଲେ କଶ୍ମୀରର ଡାକ୍ତରଖାନାଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଠିକଣା କରିବାକୁ ପ୍ରୟାସ କରୁଥିଲା। ଏହା ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ରଣନୀତି ସହ ମେଳ ଖାଉଛି। ହମାସ ଜନବହୁଳ ଅଞ୍ଚଳ, ହସ୍ପିଟାଲ ଆଦିରେ ନିଜ ଅସ୍ତ୍ରଶସ୍ତ୍ର ରଖିଥାଏ। ଜୈସର ଏହି ନେଟୱର୍କକୁ ଭାଙ୍ଗିବା ପାଇଁ ଶୁକ୍ରବାର ଗାନ୍ଦରବଲ ଏବଂ କୁପୱାଡା ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଲକରର୍ସର ଯାଞ୍ଚ କରାଯାଇଥିଲା। ଏହି ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଏବେ କେଉଁ ହସ୍ପିଟାଲକୁ ଅସ୍ତ୍ରଶସ୍ତ୍ର ଠିକଣା ବନାଇବାକୁ ପ୍ରୟାସ ହେଉଛି ଏବଂ ଯୋଗାଣ ଶୃଙ୍ଖଳ କେଉଁ ପର୍ଯ୍ୟନ୍ତ ବ୍ୟାପିଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଅନ୍ୟପକ୍ଷରେ ପାକିସ୍ତାନର ଜୈସ ହ୍ୟାଣ୍ଡଲର ହଞ୍ଜୁଲା ଦିଲ୍ଲୀ ବିସ୍ଫୋରଣ ଅଭିଯୁକ୍ତ ଡ. ମୁଜାମିଲ ସକିଲ ଗନିକୁ ବୋମା ବନାଇବାର ୪୦ ଭିଡିଓ ପଠାଇ ଥିବା ଜଣାପଡ଼ିଛି। ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ ଉଭୟଙ୍କୁ ସାକ୍ଷାତ କରାଇ ଥିଲା। ଏହା ପରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲ' ଗଠନ କରାଯାଇଥିଲା। ସେହିପରି ଆତଙ୍କବାଦୀଙ୍କ କେନ୍ଦ୍ର ପାଲଟିଥିବା ଅଲ-ଫଲାହ ୟୁନିଭର୍ସିଟି ନିକଟସ୍ଥ ଧୌଜ ଗାଁର ଏକ ଅଟା କଳକୁ ବୋମା ପ୍ରସ୍ତୁତ ପାଇଁ ବ୍ୟବହାର କରୁଥିଲେ। ଏଠାକାର ଏକ ଟ୍ୟାକ୍ସି ଡ୍ରାଇଭରର ଘରୁ ଅଟା କଳ ଏବଂ କିଛି ଇଲେକ୍ଟ୍ରୋନିକ ଜବତ କରାଯାଇଛି। ଏହି ଅଟାକଳରେ ଡ. ମୁଜାମିଲ ୟୁରିଆ ପେଡାଇ ମେସିନରେ ରିଫାଇନ କରୁଥିଲା। ଏହା ପରେ ରାସାୟନିକ ମିଶାଇ ବିସ୍ଫୋରକ ପ୍ରସ୍ତୁତ କରାଯାଉଥିଲା।

# ବାଂଲାଦେଶରେ ଭୂକମ୍ପ; ୬ ମୃତ

ଢାକା, ୨୧।୧୧(ଏଜେନ୍ସି): ବାଂଲାଦେଶରେ ଶୁକ୍ରବାର ସକାଳେ ଭାରତୀୟ ସମୟ ଅନୁସାରେ ପାଖାପାଖି ୧୦.୦୮ ମିନିଟ୍‌ରେ ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ନରସିଙ୍ଗଡ଼ିର ମାଧବଡ଼ିରେ ଭୂକମ୍ପର କେନ୍ଦ୍ର ଥିଲା। ଏହା ରାଜଧାନୀ ଢାକାଠାରୁ ୨୫ କିମି ଦୂରରେ ଅବସ୍ଥିତ। ଭୂକମ୍ପର ଝଟ୍‌କା ଏତେ ଶକ୍ତିଶାଳୀ ଥିଲେ ୧୦ ମହଲା କୋଠା ମଧ୍ୟ ଅନ୍ୟ ଆଡକୁ ନଇଁ ପଡ଼ିଥିଲା। ଭୂକମ୍ପ ପାଇଁ ମୀରପୁରରେ ଚାଲିଥିବା ବାଂଲାଦେଶ- ଭ୍ରମଣକାରୀ ଆୟର୍ଲାଣ୍ଡ ମ୍ୟାଚ୍‌କୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। କୋଲକାତା ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। କୋଲକାତାରେ ଶୁକ୍ରବାର ୧୦.୧୦ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୨ ଥିଲା। କୁଚବେହାର, ଦକ୍ଷିଣ ଦିନାଜପୁର, ମଳଦା ଓ ନଦିଆର ଏକାଧିକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା। ଗାଜିପୁରର ଶ୍ରୀପୁରରେ ଭୂକମ୍ପ ଅବସରରେ ଅଘଟଣ ଘଟିଥିଲା। ଏକ ବହୁତାଲା ବିଶିଷ୍ଟ କୋଠାରୁ ବାହାରିବାକୁ ପ୍ରୟାସ କରିବା ଅବସରରେ ଠେଲାପେଲା ଓ ଦଳଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୫୦ ଶ୍ରମିକ ଆହତ ହୋଇଥିଲେ।

# ଦିଲ୍ଲୀ ଦଙ୍ଗାରେ ହୋଇଥିଲା ଟେରର୍ ଫଣ୍ଡିଂ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ୨୦୨୦ରେ ଅଚାନକ ଦିଲ୍ଲୀ ଦଙ୍ଗା ଆରମ୍ଭ ହୋଇ ନଥିଲା ବୋଲି ଦିଲ୍ଲୀ ପୁଲିସ ଶୁକ୍ରବାର ସୁପ୍ରିମକୋର୍ଟରେ କହିଛନ୍ତି। ପୂର୍ବରୁ ହିଁ ଯୋଜନାବଦ୍ଧ ଭାବେ ଦଙ୍ଗା ସୃଷ୍ଟି କରାଯାଇଥିଲା। ଦଙ୍ଗା ସୃଷ୍ଟି କରିବାକୁ ଟେରର ଫଣ୍ଡିଂ ହୋଇଥିଲା ଓ ପ୍ରଦର୍ଶନକୁ ଜାଣିଶୁଣି ହିଂସା ସୃଷ୍ଟି କରାଯାଇଥିଲା ବୋଲି ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍‌ବି ରାଜୁ ସୁପ୍ରିମକୋର୍ଟରେ କହିଥିଲେ। ଏଏସ୍‌ଜି ରାଜୁଙ୍କ କହିବା ଅନୁଯାୟୀ ତାହିର ହୁସେନ, ଶିଫା- ଉର- ରହମାନ, ମିରନ ହାଇଦର, ଇଶରତ ଜାହାଁ ଓ ଖାଲିଦ ସୈଫି ଦଙ୍ଗା ପାଇଁ ବଡ଼ ପାଣ୍ଠି ଯୋଗାଡ କରିଥିଲେ। ଦଙ୍ଗାପୂର୍ବରୁ ଏକାଧିକ ବୈଠକ ବସିଥିଲା। ଏଥିରେ ହିଂସା ବୃଦ୍ଧି କରିବା, ଚକା ଜାମ୍ କରିବା ଓ ଅତ୍ୟାବଶ୍ୟକୀୟ ସୁବିଧା ସୁଯୋଗକୁ ରୋକିବା ପାଇଁ ଯୋଜନା କରାଯାଇଥିଲା। ବୈଠକରେ ଉତ୍ତରପୂର୍ବର ରାଜ୍ୟକୁ ଭାରତଠାରୁ ଅଲଗା କରିବାକୁ ଷଡଯନ୍ତ୍ର କରାଯାଇଥିଲା। ଜଷ୍ଟିସ ଅରବିନ୍ଦ କୁମାର, ଜଷ୍ଟିସ୍ ଏନ୍‌ବି ଅଞ୍ଜାରିଆଙ୍କ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା।

# ୟୁକ୍ରେନ ଯୁଦ୍ଧ ରୋକିବାକୁ ଟ୍ରମ୍ପଙ୍କ ୨୮ ସୂତ୍ରୀ ପ୍ରସ୍ତାବ

କିଭ୍/ମସ୍କୋ, ୨୧।୧୧(ଏଜେନ୍ସି): ରୁଷ- ୟୁକ୍ରେନ ଯୁଦ୍ଧ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ଆମେରିକୀୟ ସେନା ସଚିବ ଡାନ ଡ୍ରିସ୍କଲଙ୍କ ୟୁକ୍ରେନ ଗସ୍ତ ଅବସରରେ ଏହି ପ୍ରସ୍ତାବ ସାମ୍ନାକୁ ଆସିଛି। ଗଣମାଧ୍ୟମଗୁଡିକର ରିପୋର୍ଟ ଅନୁସାରେ, ଏହି ପ୍ରସ୍ତାବରେ ୟୁକ୍ରେନର ସୁରକ୍ଷା ଗ୍ୟାରେଣ୍ଟି ଦିଆଯାଇଛି। ତେବେ ଏଥିପାଇଁ ୟୁକ୍ରେନକୁ ନିଜର କେତୋଟି ଅଞ୍ଚଳ ଛାଡିବାକୁ ହେବ। କେବଳ ସେତିକି ନୁହଁ ୟୁକ୍ରେନକୁ ସୈନ୍ୟ ସଂଖ୍ୟା ମଧ୍ୟ କମ୍ କରିବା ସହିତ ନାଟୋ ୟୁକ୍ରନକୁ ସୈନ୍ୟ ପଠାଇବାକୁ ବନ୍ଦ କରିବା ନେଇ ଦାବି ହୋଇଛି। ତେବେ ଆମେରିକା ଆନୁଷ୍ଠାନିକ ଭାବେ ଏ ସଂକ୍ରାନ୍ତରେ କୌଣସି ଘୋଷଣା କରିନାହିଁ। ସେହିପରି ରୁଷିଆ ରାଷ୍ଟ୍ରପତି ମଧ୍ୟ ଏହି ପ୍ରସ୍ତାବ ନେଇ କିଛି ଜାଣି ନଥିବା କହିଛନ୍ତି। କିନ୍ତୁ ଜେଲେଁସ୍କି ଏହି ପ୍ରସ୍ତାବ ନେଇ ପ୍ରାରମ୍ଭିକ ସମ୍ମତି ଜଣାଇଛନ୍ତି ବୋଲି କୁହାଯାଇଛି।

# କର୍ଣ୍ଣେଲଙ୍କଠାରୁ ୫୬ ଲକ୍ଷ ଟଙ୍କାର ଅନ୍‌ଲାଇନ୍ ଠକେଇ

ବେଙ୍ଗାଲୁରୁ, ୨୧।୧୧(ଏଜେନ୍ସି): ବେଙ୍ଗାଲୁରୁରେ ୮୩ ବର୍ଷର ଜଣେ ଅବସରପ୍ରାପ୍ତ କର୍ଣ୍ଣେଲଙ୍କ ସହିତ ଅନ୍‌ଲାଇନ୍ ଠକେଇ ହୋଇଛି। ଠକମାନେ ମୁମ୍ବଇ ପୁଲିସ ଅଧିକାରୀ ଭାବେ ଆସି ତାଙ୍କୁ ପଚରାଉଚରା କରିଥିଲେ ଓ ବ୍ୟାଙ୍କ ଡିଟେଲ୍ସ ମାଗିଥିଲେ। ଏହାପରେ ତାଙ୍କଠାରୁ ୫୬.୦୬ ଲକ୍ଷ ଟଙ୍କା ଠକି ନେଇଯାଇଥିଲେ। ରଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଭେରିଫିକେଶନ ନାମରେ ଏହି କାର୍ଯ୍ୟ କରାଯାଇଥିଲା। କର୍ଣ୍ଣେଲ ଅଭିଯୋଗ କରିବା ପରେ ପୁଲସ ସାଇବର କ୍ରାଇମ୍ ଓ ଠକାମୀ ନେଇ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ଏଫ୍‌ଆଇଆର ଅନୁସାରେ ଅକ୍ଟୋବର ୨୭ରେ କର୍ଣ୍ଣେଲଙ୍କ ନିକଟକୁ ଏକ ଫୋନ୍ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ନିଜକୁ ମୁମ୍ବଇର ପୁଲିସ ଅଧିକାରୀ ପରିଚୟ ଦେବା ସହ କର୍ଣ୍ଣେଲଙ୍କ ନାମରେ ଏକ ସିମକାର୍ଡରୁ କଲ କରାଯାଇ ଲୋକଙ୍କୁ ଗାଳିଗୁଲଜ କରାଯାଉଛି ବୋଲି କହିଥିଲେ। ଏଥିପାଇଁ ତାଙ୍କୁ ମୁମ୍ବଇ ଆସିବାକୁ ହେବ ବୋଲି ସେ ଧମକ ଦେଇ କହିଥିଲେ।

# ୧୫୦ ଗ୍ରାମ୍‌ର ଛଞ୍ଚାଣ; ଭାରତରୁ କେନିଆ ଅବିରାମ ଉଡ଼ାଣ

### ୬ ଦିନରେ ଅତିକ୍ରମ କଲା ୬ ହଜାର କିମି



ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ଏକ ପକ୍ଷୀର ଉଡାଣ କେତେ ହୋଇପାରେ? ୧୦୦, ୫୦୦ କିମ୍ବା ୧୦୦୦ କିମି। କିନ୍ତୁ ଏକ ବାଜ ବା ଛଞ୍ଚାଣ ପକ୍ଷୀ ନିଜର ଉଡିବାର ଶୈଳୀ ଓ ସାମର୍ଥ୍ୟ ନେଇ ସମସ୍ତଙ୍କୁ ଚକିତ କରିଛି। ୧୫୦ ଗ୍ରାମ ଓଜନର ଏକ ଛଞ୍ଚାଣ ୬, ୦୦୦ କିମିରୁ ଅଧିକ ଦୂର ଅତିକ୍ରମ କରିଛି। ବିଶ୍ୱାସ ନ ହେଲେ ବି ଏହା ସତ। ଏହା ପୁଣି ବିନା କୌଣସି ସ୍ଥାନରେ ନ ରହି। ଉତ୍ତରପୂର୍ବର ରାଜ୍ୟ ମଣିପୁରର ଏକ ଜଙ୍ଗଲରୁ ଏହି ଛଞ୍ଚାଣ ଉଡିବା ପରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ପୂର୍ବ ଆଫ୍ରିକୀୟ ଦେଶ କେନିଆରେ ପହଞ୍ଚିବାରେ ସମର୍ଥ ହୋଇଛି। ଚଞ୍ଚାଣର ଏହି ଉଡାଣରେ ବୈଜ୍ଞାନିକମାନେ ମଧ୍ୟ ଚକିତ ହୋଇଛନ୍ତି। ଏହି ପକ୍ଷୀ ସହିତ ଅନ୍ୟ ଦୁଇଟି ଛଞ୍ଚାଣ ମଧ୍ୟ ଉଡିଥିଲେ। କିନ୍ତୁ ଏମାନେ ୫୬୦୦ ଓ ୫୧୦୦ କିମି ଉଡିବାରେ ସମର୍ଥ ହୋଇଥିଲେ। ଏହି ୩ଟି ପକ୍ଷୀ ଅମୁର ଫାଲ୍‌କନ ପ୍ରଜାତିର। ଏମାନଙ୍କର ଆକାର ସବୁଠାରୁ ଛୋଟ ହୋଇଥାଏ। ଏହି ୩ଟି ପକ୍ଷୀର ଉଡାଣର ନୀରିକ୍ଷଣ ସାଟ୍‌ଲାଇଟ୍ ଟ୍ୟାଗ ଦ୍ୱାରା କରାଯାଇଥିଲା। ଏହି ୩ଟି ପକ୍ଷୀର ନାମ ହେଲା ଆପାପାଙ୍ଗ, ଅଲାଙ୍ଗ ଓ ଆହୁ। ଆପାପାଙ୍ଗ ସବୁଠୁ ଆଗରେ ଥିଲା ଓ ସେ ୬ ଦିନ ଓ ୮ ଘଣ୍ଟାରେ ୬୧୦୦ କିମି ଉଡିଥିଲା। ଆପାପାଙ୍ଗ ଉପରେ କମଳା ରଙ୍ଗ ଲଗା ଯାଇଥିଲା। ଭାରତର ଉତ୍ତରପୂର୍ବରୁ ଉଡିବା ଆରମ୍ଭ କରି ଏହି ପକ୍ଷୀ ଭାରତୀୟ ଉପ ମହାଦ୍ୱୀପ, ଆରବ ସାଗର, ଆଫ୍ରିକାର ଘନ ଜଙ୍ଗଲ ଉପର ଦେଇ କେନିଆରେ ପହଞ୍ଚିଥିଲା।

ସେହିପରି ଏହି ୩ଟି ପକ୍ଷୀ ମଧ୍ୟରୁ ସବୁଠାରୁ ଛୋଟ ତଥା କମ ବୟସ୍କ ଅଲାଙ୍ଗ ଉପରେ ହଳଦୀଆ ରଙ୍ଗ ଲଗାଯାଇଥିଲା। ସେ ୬ ଦିନ ୧୪ ଘଣ୍ଟାରେ ୫୬୦୦ କିମି ଉଡିଥିଲା। ଅବଶ୍ୟ ସେ ତେଲଙ୍ଗାନା ଓ ମହାରାଷ୍ଟ୍ରରେ କିଛି ସମୟ ରହିଥିଲା। ସେହିପରି ଆହୁ ଉପରେ ଲାଲ ରଙ୍ଗ ମରାଯାଇଥିଲା। ସେ ସାମାନ୍ୟ ଉତ୍ତର ଆଡକୁ ଗତିକରି ପଶ୍ଚିମ ବାଂଲାଦେଶରେ ଟିକେ ବିଶ୍ରାମ ନେବା ପରେ ୫ ଦିନ ୧୪ ଘଣ୍ଟା ଯାତ୍ରା କରି ୫୧୦୦ କିମି ଯାତ୍ରା କରି ସୋମାଲିଆର ଉତ୍ତରାଞ୍ଚଳରେ ନିଜର ଠିକଣାରେ ପହଞ୍ଚିଥିଲା। ସେ ନିଜ ବାକି ଦୁଇଟି ସାଥିଙ୍କ ନିକଟକୁ ଯିବା ପାଇଁ କେନିଆ ପହଞ୍ଚିପାରେ।

# ଅକ୍ଷୟ ତୃତୀୟା ପୂର୍ବରୁ ସରିବ ରତ୍ନ ଅଳଙ୍କାର ଗଣତିମଣତି


**ଏଣିକି ଏଟିଏମ୍‌ରେ ବି ଦାନ କରିପାରିବେ ଭକ୍ତ**

**ନିର୍ମାଣ ହେବ ମହାପ୍ରଭୁଙ୍କ ସୁନାବେଶର ଆଉ ଏକ ସେଟ୍**

**ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠରୁ ଉଦ୍ଧାର ରୁପା ଇଟା**

**ସେବାୟତଙ୍କ କନ୍ୟା ବିବାହ ରାଶି ୫୦ ହଜାରରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି**

**ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର**



ପୁରୀ, ୨୧।୧୧ (ସମିସ): ଆସନ୍ତା ଅକ୍ଷୟ ତୃତୀୟା ପୂର୍ବରୁ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସରିବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏହି କାର୍ଯ୍ୟ ସଂପନ୍ନ ହେବ। ରତ୍ନ ଅଳଙ୍କାରଗୁଡ଼ିକର ଡିଜିଟାଇଜେସନ୍ କରାଯିବ। ଆଗକୁ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ସହିତ ଇଂରାଜୀ ନୂଆବର୍ଷ ଆସୁଛି, ପୁଣି ମକର ସଂକ୍ରାନ୍ତି ରହିଛି। ତେଣୁ ନୀତିକାନ୍ତିବହୁଳ ସମୟରେ ଗଣତିମଣତି କରାଯିବ ନାହିଁ। ଭକ୍ତଙ୍କ ଦର୍ଶନରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ବି ଧ୍ୟାନ ଦିଆଯିବ। ପୂର୍ବରୁ ଗଣତି ମଣତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଏସ୍‌ଓପି ପ୍ରସ୍ତୁତ କରାଯିଇଥିବା ବେଳେ ଏବେ ଆଉ ଏକ ଅତିରିକ୍ତ ଏସ୍‌ଓପି ପ୍ରସ୍ତୁତ କରାଯିବ। ମୁଖ୍ୟ ପ୍ରଶାସକ ଏବଂ ନୀତି ସବ୍-କମିଟି ସଦସ୍ୟଙ୍କୁ ନେଇ ଏହା ପ୍ରସ୍ତୁତ ହେବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରାୟ ୪ଘଣ୍ଟା ଧରି ବସିଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଏ ବାବଦରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ନାଟ ମଣ୍ଡପରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ନେଇ ଆଲୋଚନା ହୋଇଛି। ସେବାୟତମାନେ କାଠ ରାମ୍ପ ଦେଖିଛନ୍ତି। ତେବେ ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଆଯିବନାହିଁ। ତ୍ରୁଟିଶୂନ୍ୟ ଦର୍ଶନ ବ୍ୟବସ୍ଥା ହେବ। ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନରେ ଯେପରି ବାଧା ନ ଉପୁଜେ, ତାହାକୁ ନଜରରେ ରଖି ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ଟେକ୍ନିକାଲ କମିଟି ଏହାକୁ ଆଉଥରେ ତର୍ଜମା କରିବା ପରେ ଚୂଡ଼ାନ୍ତ ହେବ। ଏମାର ମଠରୁ ଉଦ୍ଧାର ରୁପାଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୁପାଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ, ସେନେଇ ସରକାରୀସ୍ତରରେ ମଧ୍ୟ ଆଲୋଚନା ହୋଇଛି। ପ୍ରକ୍ରିୟା ଚାଲିଛି, ନିୟମ ଅନୁସାରେ ମନ୍ଦିର ପ୍ରଶାସନ ଅଧୀନକୁ ରୁପା ଇଟା ଅଣାଯିବ। ସେପରି, ଶ୍ରୀଜିଉମାନଙ୍କର ଆଉ ଏକ ସୁନା ଅଳଙ୍କାର ସେଟ୍ କରାଯିବ। ସ୍ୱର୍ଣ୍ଣ ଅଳଙ୍କାର ଦାନ ଯୋଜନା ମାଧ୍ୟମରେ ଭକ୍ତ କିମ୍ବା ଆଗ୍ରହୀ ଦାତାଙ୍କୁ ଏଥିପାଇଁ ଆହ୍ୱାନ କରାଯିବ। ଆଗାମୀ ଦିନରେ ମହାପ୍ରଭୁଙ୍କ ଆଉ ଏକ ସ୍ୱର୍ଣ୍ଣ ଅଳଙ୍କାର ସେଟ୍ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ସେହିପରି ପ୍ରୋଟୋକଲ ଦର୍ଶନ ପାଇଁ ଏକ ଏସ୍‌ଓପି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଶ୍ରୀମନ୍ଦିର ବଜେଟ୍‌କୁ ଅନୁମୋଦନ କରାଯାଇଛି। ୧୦୪ କୋଟିର ବଳକା ବଜେଟ୍ ଉପସ୍ଥାପନା କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ପୁରୀର କୌଣସି ଏଟିଏମ୍‌ରୁ ଟଙ୍କା କାଢ଼ିବା ବେଳେ ଗୋଟିଏ ଅପସନ୍ ଦିଆଯିବ। ଆପଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କିଛି ଦାନ ସ୍ୱଇଚ୍ଛାରେ ଦେବାକୁ ଚାହୁଁଛନ୍ତି କି? ଯଦି ହଁ ତେବେ ସେମାନେ ତାଙ୍କ କାର୍ଡ ମାଧ୍ୟମରେ ଦେଇପାରିବେ। ଏଭଳି ମେସେଜ ସ୍କ୍ରିନ୍‌ରେ ଆସିବା ପାଇଁ ବ୍ୟାଙ୍କମାନଙ୍କ ସହ କଥାବାର୍ତ୍ତା କରାଯାଇଛି। ସେହିପରି ଖୁବ୍‌ଶୀଘ୍ର ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ। ମାହାଲ ଦିଆ ନଯାଇ ଶ୍ରୀମନ୍ଦିର ପ୍ରଶାସନ ଏହାର ପରିଚାଳନା ଦାୟିତ୍ୱ ନେବ। ମହାପ୍ରଭୁଙ୍କ ଜମିଜମା ସୁରକ୍ଷା ଏବଂ ଶ୍ରୀମନ୍ଦିର ସୁରକ୍ଷା ଉପରେ ଆଲୋଚନା ହୋଇଛି।

ସେବକ କଲ୍ୟାଣ ଉପରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା କରାଯାଇଥିଲା। ପରିଚାଳନା କମିଟିର ସେବାୟତ ପ୍ରତିନିଧି ବିଭିନ୍ନ ପ୍ରସ୍ତାବ ରଖିଥିଲେ। ତେଣୁ ସେବକ କଲ୍ୟାଣ ଉପରେ ପେନ୍‌ସନ ରାଶି ବୃଦ୍ଧି କରାଯାଇଛି। ମାସିକ ବରିଷ୍ଠ ସେବକ ଭତ୍ତା ୪ ହଜାର ଥିଲା, ତାହାକୁ ୫ ହଜାର କରାଗଲା। ଏହା ୨୦୨୬ ଜାନୁୟାରୀରୁ ଲାଗୁ ହେବ। ସେହିପରି, ସେବକ ପରିବାର କନ୍ୟାମାନଙ୍କ ବିବାହ ପାଇଁ ଦିଆଯାଉଥିବା ରାଶି ୫୦ହଜାରରୁ ଏବେ ୧ ଲକ୍ଷକୁ ବୃଦ୍ଧି କରାଯାଇଛି। ପୁତ୍ର ସନ୍ତାନଙ୍କ ବ୍ରତ ପାଇଁ ପୂର୍ବରୁ ଦିଆଯାଉଥିବା ୩୦ହଜାର ଟଙ୍କାକୁ ଏବେ ୫୦ ହଜାର କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ଆଲୋଚନା ହୋଇଛି। ଏ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟି ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିବା ପରେ ଏସ୍‌ଓପି ପ୍ରସ୍ତୁତ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ଡ. ଗିରୀଶ ଚନ୍ଦ୍ର ମୁର୍ମୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

# ଦେଢ଼ମାସ ପରେ ଆଖି ଖୋଲିଲେ ଅଭିଜିତ୍ ମଜୁମ୍‌ଦାର

**ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା କହିଲେ ଡାକ୍ତର**



ଭୁବନେଶ୍ୱର,୨୧।୧୧(ସମିସ): ସାମାଜିକ ଗଣମାଧ୍ୟମରେ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଗୁଜବ ଆରମ୍ଭ ହୋଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଦୀର୍ଘ ଦେଢ଼ମାସ ପରେ ସେ ଆଖି ଖୋଲିଛନ୍ତି। ଡାକ୍ତରଙ୍କ କଥାକୁ ବୁଝି ସେ ପ୍ରତିକ୍ରିୟା ପ୍ରକାଶ କରୁଥିବା ଜଣାପଡ଼ିଛି। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଥିବା ଡାକ୍ତର କହିବା ପରେ ତାଙ୍କ ପତ୍ନୀ ଆଜି ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଗୋଟେପଟେ ଜଣେ ଆଗଧାଡ଼ିର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ହରାଇ ସାରା ଓଡ଼ିଶାବାସୀ ଦୁଃଖ ପ୍ରକାଶ କରୁଥିବା ବେଳେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ଖବର ସଂଗୀତ ପ୍ରେମୀଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। ଯଥାଶିଘ୍ର ଅଭିଜିତ୍ ଭଲ ହୋଇଯାଆନ୍ତୁ ବୋଲି ପ୍ରଶଂସକମାନେ ପ୍ରାର୍ଥନା କରିଛନ୍ତି। ଗତ ୧୦ ତାରିଖରେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇ ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ହେଲେ ଆଜି ସେ ଆଖି ଖୋଲିଥିବା ଏମ୍‌ସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଜିତ୍ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ତାଙ୍କୁ ସେପ୍ଟେମ୍ବର ୪ ତାରିଖରେ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାରରେ ରଖାଯାଇ ଚିକିତ୍ସା ଆରମ୍ଭ ହୋଇଥିଲା। ପରେ ତାଙ୍କୁ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ରେନ୍‌ରେ ସୋଡିୟମ୍ କମୁଥିବା ବେଳେ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା ଡାକ୍ତର ସୂଚନା ଦେଇଥିଲେ। ଅକ୍ଟୋବର ୨୩ରେ ତାଙ୍କର ଏମ୍‌ଆର୍‌ଆଇ, ବ୍ରେନ୍ ସ୍କାନ କରାଯାଇଥିବା ବେଳେ ରିପୋର୍ଟରେ ମଧ୍ୟ କୌଣସି ସୁଧାର ଦେଖାଯାଇ ନଥିବା ଏମସ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାପରେ ତାଙ୍କୁ ଭେଣ୍ଟିଲେଟରରୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ଘର ଜାଳିଦେଲେ

**ଥାନାରେ ବିପନ୍ନ ପରିବାର**



ଭଦ୍ରକ, ୨୧।୧୦ (ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ଅଧୀନ ବିଭୂତିପୁର ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ୨ ପରିବାରର ୩ ବଖରା ଗୃହକୁ ପେଟ୍ରୋଲ ପକାଇ ଜାଳି ଦେଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାରୁ ଯୁବକଜଣକ ଗୁରୁବାର ରାତିରେ ଏହି କାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ୨ ବିପନ୍ନ ପରିବାର ଥାନାରେ ଆଶ୍ରୟ ନେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

ସୂଚନା ମୁତାବକ, ବିଭୂତିପୁର ଗ୍ରାମର ରଞ୍ଜନ ରାଉତ ଓ ତାଙ୍କ ଭାଇ ଗୌରାଙ୍ଗ ରାଉତଙ୍କ ପରିବାର ସହ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମିଜମାକୁ ନେଇ ଶତ୍ରୁତା ଥିଲା। ଗୁରୁବାର ସରପଞ୍ଚ ଓ ଗ୍ରାମବାସୀଙ୍କ ମାଧ୍ୟମରେ ଏହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଅପରପକ୍ଷ ଏହାକୁ ନ ମାନି ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଗୁରୁବାର ରାତି ୧୨ଟା ସମୟରେ ରଞ୍ଜନଙ୍କ ଚାଳ ଛପର ଉପରେ ଚଢ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘରେ ଶୋଇଥିବା ରଞ୍ଜନ ଓ ତାଙ୍କ ଭାଇ ଘର ବାହାରକୁ ଆସି ଘଟଣା ସମ୍ପର୍କରେ ଜାଣିବା ସହ ନିଆଁ ଲଗାଇଥିବା ଯୁବକଙ୍କୁ କାବୁ କରିଥିଲେ। ତେବେ ଯୁବକଜଣକ ରଞ୍ଜନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଅଗ୍ନିକାଣ୍ଡରେ ରଞ୍ଜନ ଓ ତାଙ୍କ ଭାଇଙ୍କର ୩ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଘରେ ଥିବା ସମସ୍ତ ସାମଗ୍ରୀ ସହ ଟଙ୍କା ଓ ଅଳଙ୍କାର ଜଳିଯାଇଥିବା ଜଣାପଡ଼ିଛି। ଘର ହରାଇଥିବା ୨ ଭାଇ ତିହିଡି ଥାନାରେ ଏ ନେଇ ଅଭିଯୋଗ କରିବା ସହ ଆଶ୍ରୟ ନେଇଥିବା ଜଣାଯାଇଛି।

# ବାଟ ହୁଡ଼ିଛି ‘ଉତ୍କଳ’ର ସେମିଷ୍ଟାର୍ ପରୀକ୍ଷା

**■ ଗତ ସପ୍ତାହରେ ସରିଛି ଦ୍ୱିତୀୟ ସେମିଷ୍ଟାର୍**
**■ ସମ୍ବଲପୁର ଓ ବ୍ରହ୍ମପୁର ତୁଳନାରେ ୪ ମାସ ବିଳମ୍ବ**

ଭୁବନେଶ୍ୱର, ୨୧।୧୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଠିକ୍ ସମୟରେ ପରୀକ୍ଷା ହେଉନି। ବହୁ ବିଳମ୍ବରେ ପରୀକ୍ଷା ହେଉଥିବାରୁ ଶୈକ୍ଷିକ ବର୍ଷ ବିଳମ୍ବିତ ହୋଇଛି। ସ୍ନାତକ ଦ୍ୱିତୀୟ ବର୍ଷରେ ପଢୁଥିବା ପିଲାଙ୍କ ତୃତୀୟ ସେମିଷ୍ଟାର୍‌ର ବା ପରିବର୍ତ୍ତେ ଦ୍ୱିତୀୟ ସେମିଷ୍ଟାର୍ ପରୀକ୍ଷା ଗତ ସପ୍ତାହରେ ଶେଷ ହୋଇଛି। କେବେ ତୃତୀୟ ସେମିଷ୍ଟାର୍ ହେବ, ସେ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ କୌଣସି ସୂଚନା ଦିଆଯାଉନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଶେଷବର୍ଷର ପିଲାଙ୍କ ଗୋଟିଏ ବର୍ଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସ୍ନାତକ ପଢୁଥିବା ପିଲାଙ୍କ ଅଯୁଗ୍ମ ବା ପ୍ରଥମ, ତୃତୀୟ ଓ ପଞ୍ଚମ ସେମିଷ୍ଟାର୍ ପରୀକ୍ଷା ପ୍ରାୟତଃ ଡିସେମ୍ବର ମାସରେ ଶେଷ ହୋଇଥାଏ। ସେହିପରି ଏପ୍ରିଲ ଶେଷ ବା ମେ’ ପହିଲାରେ ଯୁଗ୍ମ ଅର୍ଥାତ୍ ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠ ସେମିଷ୍ଟାର୍ ପରୀକ୍ଷା ହୋଇଥାଏ। ଖରାଛୁଟି ସରିବା ପୂର୍ବରୁ ଯୁଗ୍ମ ସେମିଷ୍ଟାର୍ ସାରିଥାଏ ବା କୌଣସି କାରଣରୁ ବିଳମ୍ବ ହେଲେ ଖରା ଛୁଟି ପରେ ଶିକ୍ଷାନୁଷ୍ଠାନ ଖୋଲିଲେ ଜୁନ ଓ ଜୁଲାଇ ମାସରେ କରାଯାଇଥାଏ। ଫଳରେ ପ୍ରତିବର୍ଷ ଦୁଇଟି ଲେଖାଏଁ ପରୀକ୍ଷା ସହ ଶୈକ୍ଷିକ ବର୍ଷ ସଠିକ ଭାବେ ପରିଚାଳିତ ହୋଇଥାଏ। ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖରାଛୁଟି ସରିବା ପରେ ଅର୍ଥାତ ଅଗଷ୍ଟରେ ଦ୍ୱିତୀୟ ସେମିଷ୍ଟାର୍ ପରୀକ୍ଷା ସରିଛି। ହେଲେ ଉତ୍କଳରେ ଗତ ୧୩ ତାରିଖରେ ଶେଷ ହୋଇଛି। ଅର୍ଥାତ୍ ପ୍ରାୟ ଚାରି ମାସ ବିଳମ୍ବ ହୋଇଛି। ଅନୁରୂପ ଭାବେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଡିସେମ୍ବର ମାସରେ ତୃତୀୟ ସେମିଷ୍ଟାର୍ ପାଇଁ ବିଜ୍ଞପ୍ତି ପ୍ରକାଶ କରି ସାରିଛନ୍ତି। ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟ ତୃତୀୟ ସେମିଷ୍ଟାର୍ ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଅପରପକ୍ଷରେ ଗତ ସପ୍ତାହରେ ଦ୍ୱିତୀୟ ସେମିଷ୍ଟାର୍ ଦେଇଥିବା ପିଲା କେତେ ମାସ ପାଠ ପଢ଼ି ତୃତୀୟ ସେମିଷ୍ଟାର୍ ପରୀକ୍ଷା ଦେବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପରୀକ୍ଷା ବିଳମ୍ବର କାରଣ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଗତ ମେ’ ୨୩ ତାରିଖରେ ପୂର୍ବତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ସରିଥିବା ବେଳେ ନୂତନ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଦାୟିତ୍ୱ ଗ୍ରହଣ କରିଛନ୍ତି। ହେଲେ ବିଳମ୍ବିତ ହୋଇଥିବା ଦ୍ୱିତୀୟ ସେମିଷ୍ଟାର୍ ପରୀକ୍ଷା ଖରା ଛୁଟି ସରିବା ପରେ କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ପ୍ରାୟ ପାଞ୍ଚ ମାସ ବିଳମ୍ବ ହୋଇଛି। ଏପରିକି, ପରୀକ୍ଷା ଖାତା ଓ ପ୍ରଶ୍ନପତ୍ର ପ୍ରିଣ୍ଟିଂ ପାଇଁ ଟେଣ୍ଡର୍ ହେବାରେ ଅହେତୁକ ବିଳମ୍ବ କାରଣରୁ ସମଗ୍ର ପରୀକ୍ଷା ବ୍ୟବସ୍ଥା ବାଟ ହୁଡ଼ିଛି। ବିଶ୍ୱବିଦ୍ୟାଳୟର ଉନ୍ନତୀକରଣ ପାଇଁ ଟେଣ୍ଡର୍ ହେଉଥିବା ବେଳେ ପରୀକ୍ଷା ଟେଣ୍ଡର୍ କାହିଁକି ବିଳମ୍ବ ହୋଇଛି ବୋଲି ଅଭିଭାବକ ଓ ପୁରାତନ ଛାତ୍ରମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଚିନ୍ମୟ ପ୍ରଧାନ କହିଛନ୍ତି ଯେ, ଏନ୍‌ଇପି ନିୟମାନୁସାରେ ପରୀକ୍ଷା କରାଯାଉଛି। ଗୋଟିଏ ସେମିଷ୍ଟାର୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପରବର୍ତ୍ତୀ ସେମିଷ୍ଟାର୍ ପରୀକ୍ଷା କରାଯାଉଛି। ବିଶ୍ୱବିଦ୍ୟାଳୟର ସମସ୍ତ ସେମିଷ୍ଟାର୍ ସଠିକ୍ ସମୟରେ କରିବାକୁ କର୍ତ୍ତୃପକ୍ଷ ତତ୍ପର ଅଛନ୍ତି। ତୃତୀୟ ସେମିଷ୍ଟାର୍ ପରୀକ୍ଷା ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହେବ।

**ଅବକାରୀ ପୁଲିସର ଖାମଖିଆଲି !**

# ରାଇରଙ୍ଗପୁର ଜେଲ୍‌ରେ ବାଳ ଅପରାଧୀ

ରାଇରଙ୍ଗପୁର, ୨୧।୧୧(ସମିସ): ଅବକାରୀ ପୁଲିସର ଭୁଲ୍ ପାଇଁ ଜଣେ ବାଳ ଅପରାଧୀ ସୁଧାର ଗୃହ ପରିବର୍ତ୍ତେ ଜେଲ୍‌ରେ କଏଦୀ ଜୀବନ ବିତାଉଛନ୍ତି। ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ଏପରି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ନକଲି ମଦ କାରବାର ଅଭିଯୋଗରେ ଧରାପଡ଼ିଥିବା ଝାଡ଼ଖଣ୍ଡର ଜଣେ ବାଳ ଅପରାଧୀ ରାଇରଙ୍ଗପୁର ଜେଲ୍‌ରେ ବନ୍ଦୀ ଜୀବନ ବିତାଉଛନ୍ତି।

ସୂଚନାନୁଯାୟୀ, ମାସେ ତଳେ ଅବକାରୀ ବିଭାଗ ତିରିଂ ଥାନା ଅଞ୍ଚଳରୁ ଏକ ନକଲି ମଦ କାରଖାନା ଠାବ କରିଥିଲା। ପଣ୍ଡୁପାଣି ପଞ୍ଚାୟତର ଜଟା ଗ୍ରାମରେ ଦୀର୍ଘଦିନ ହେଲା ଏହି ନକଲି କାରଖାନା ଚାଲୁଥିଲା। ଏହି ଘଟଣାରେ ସେତେବେଳେ ପୁଲିସ ୩ ନାବାଳକଙ୍କ ସମେତ ମୋଟ ୬ ଜଣଙ୍କୁ ଧରିଥିଲା। କିନ୍ତୁ, ସେମାନଙ୍କ ମଧ୍ୟରୁ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ନାବାଳକକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପରିବର୍ତ୍ତେ ରାଇରଙ୍ଗପୁର କୋର୍ଟରେ ହାଜର କରିଥିଲା ଅବକାରୀ ବିଭାଗ। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଜେଲ୍‌କୁ ପଠାଇ ଦିଆଯାଇଛି। ଗତ ଅକ୍ଟୋବର ୧୦ରୁ ସେ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ରହିଛି। ବାଳ ଅପରାଧୀଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇବାର ନିୟମ ରହିଛି। କିନ୍ତୁ ଉକ୍ତ ନାବାଳକଙ୍କ ବୟସ ଯାଞ୍ଚ କରାନଯାଇ ତାକୁ ଜେଲ୍ ହାଜତକୁ କିପରି ପଠାଇ ଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ରାଇରଙ୍ଗପୁର ଉପଖଣ୍ଡ କାରାଗାର ଜେଲର୍ ଅଞ୍ଜନ କୁମାର ପଣ୍ଡା କହିଛନ୍ତି, ସେ ଜେଲକୁ ଆସିବା ପରେ ତା’ର ବୟାନ ସହ ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ପରେ ସେ ନାବାଳକ ବୋଲି ଜଣାପଡ଼ିଛି। ନାବାଳକଙ୍କ ପିତାଙ୍କ ସହ ଯୋଗାଯୋଗ କରି ରାଇରଙ୍ଗପୁର କୋର୍ଟଙ୍କୁ ତ୍ରୁଟି ବାବଦରେ ସୂଚନା ଦିଆଯାଇଥିଲା। ତେବେ କୋର୍ଟ ଏହାର ବିଚାର କରି ତୁରନ୍ତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।

# ଫୁଲଚୋରି ରୋକିବାକୁ ବିଦ୍ୟୁତ୍ ବାଡ଼; ଯୁବକ ମୃତ

ନୀଳଗିରି, ୨୧।୧୧(ସମିସ): ଫୁଲଚୋରି ରୋକିବାକୁ ବିଦ୍ୟୁତ୍ ବାଡ଼ ଜଣେ ଯୁବକଙ୍କ ଜୀବନ ନେଇଛି। ଶୁକ୍ରବାର ସକାଳେ ନୀଳଗିରି ସହରରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ନୀଳଗିରି ଏନ୍‌ଏସିର ସାନଅତା ଗ୍ରାମର ସ୍ୱର୍ଗତ ପୁରୁଷୋତ୍ତମ ଦାସଙ୍କ ପୁଅ ତାପସ ଦାସ(୩୫)। ତାପସ ଆଜି ସକାଳେ ଗ୍ରାମର ଦିଲ୍ଲୀପ କୁମାର ରାଉତଙ୍କ ବାଡ଼ିକୁ ଫୁଲ ତୋଳିବାକୁ ଯାଇଥିଲେ। ମାତ୍ର ଫୁଲଗଛ ଚାରିପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣି ପାରିନଥିଲେ। ଫୁଲ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ପ୍ରାଣ ହରାଇଥିଲେ। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡ଼ିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଅପରପକ୍ଷେ, ତାପସଙ୍କ ମା’ ସନ୍ଧ୍ୟା ଦାସ ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଫୁଲ ଚୋରି ରୋକିବାକୁ ବିଦ୍ୟୁତ୍ ବାଡ଼ ଯୋଗୁଁ ତାଙ୍କ ପୁଅର ଜୀବନ ଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ନୀଳଗିରି ବିଦ୍ୟୁତ୍ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ବିଧାୟକ ସାଗର ଦାସଙ୍କୁ ହତ୍ୟା ଧମକ

**ଡିଜିଙ୍କୁ ଚିଠି ଲେଖିଲେ**

ଭବାନୀପାଟଣା, ୨୧।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ। ବିଧାୟକ ଶ୍ରୀ ଦାସ ଏ ସଂପର୍କରେ ନିଜ ‘ଏକ୍ସ’ ଆକାଉଣ୍ଟରେ ସୂଚନା ଦେବା ସହ ଜିଡି ୱାଇ.ବି ଖୁରାନିଆଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଭବାନୀପାଟଣା ସଦର ବ୍ଲକ୍ ଦେପୁର କଂଗ୍ରେସ ଜୋନ୍ ସଭାପତି ଉଦେପୁର ଗ୍ରାମର ଦେବାନନ୍ଦ ଯୋଶୀଙ୍କୁ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୪ଜଣ ଦୁର୍ବୃତ୍ତ ଧମକାଇଥିଲେ। ବନ୍ଧୁକ ଦେଖାଇ ସେମାନେ ଦେବାନନ୍ଦଙ୍କୁ ଭୟଭୀତ କରିବା ସହ ସାଗରଙ୍କ ସଂପର୍କରେ କିଛି ବ୍ୟକ୍ତିଗତ ତଥ୍ୟ ମାଗିଥିଲେ। ଆସନ୍ତା ୨ଦିନ ମଧ୍ୟରେ ତଥ୍ୟ ନଦେଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି, ସେମାନେ ସାଗରଙ୍କୁ ମଧ୍ୟ ହତ୍ୟା କରିବେ ବୋଲି କହିଥିଲେ। ଏହି ଘଟଣା ପଦାକୁ ଆସିବା ପରେ ବିଧାୟକ ଶ୍ରୀ ଦାସ ଡିଜିଙ୍କୁ ଚିଠି ଲେଖି ଘଟଣା ସଂପର୍କରେ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଏ ସଂପର୍କରେ ‘ଏକ୍ସ’ରେ ପୋଷ୍ଟ କରି ସାଗର ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ବିଧାୟକଙ୍କ ଜୀବନ ଯେଉଁଠି ସୁରକ୍ଷିତ ନୁହେଁ, ସେଠାରେ ସାଧାରଣ ଜନତା କେମିତି ନିଜ ଜୀବନର ସୁରକ୍ଷା ଚିନ୍ତା କରିବେ? ସାଗରଙ୍କ ବାପା ତଥା ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଅପରପକ୍ଷେ, ଘଟଣାକୁ କଳାହାଣ୍ଡି ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି।

**ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ**

# ଜିମ୍‌ରୁ ବାହାରିବା ବେଳେ ହାଣିଦେଲେ



ତାଳଚେର, ୨୧।୧୧ (ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ହାଣ୍ଡିଧୁଆ ଛକ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଆହତ ଯୁବକଜଣଙ୍କ ହେଲେ, ଘଣ୍ଟପଡ଼ା ଗ୍ରାମ ସ୍କୁଲ ସାହିର ଦେବାଶିଷ ସାହୁ ଓରଫ୍ ଚିଣ୍ଟୁ (୨୮)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦେବାଶିଷ ସବୁଦିନ ଭଳି ଆଜି ହାଣ୍ଡଧୁଆସ୍ଥିତ ଜିମ୍ ସେଣ୍ଟର୍‌କୁ ଯାଇଥିଲେ। ସେଠାରେ ବ୍ୟାୟାମ କରି ବାହାରିବା ବେଳେ ପୂର୍ବରୁ ଛକି ରହିଥିବା ୬ ଦୁର୍ବୃତ୍ତ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତେବେ ଦେବାଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ହାଣ୍ଡିଧୁଆଁ କୋଲିୟରୀ ଥାନାକୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

# ‘ନିଯୁକ୍ତି ଆଶାୟୀଙ୍କୁ ମାନସିକ ଓ ଆର୍ଥିକ ନିର୍ଯାତନା ଦେଉଛନ୍ତି ସରକାର’

**ହାଇକୋର୍ଟରେ ଏଲ୍‌ଟିଆର୍ ହିନ୍ଦୀ, ସଂସ୍କୃତ ଓ ପିଇଟି ଶିକ୍ଷକ ମାମଲା**

**୫ ଗୁଣାରୁ ଅଧିକ ଆବେଦନ ସତ୍ତ୍ୱେ ହୋଇନି ପ୍ରିଲିମିନରୀ ପରୀକ୍ଷା**

**୨୫ ତାରିଖରେ ହେବାକୁ ଥିବା ନିଯୁକ୍ତି ମେଳାରୁ ବାଦ୍ ପଡ଼ିବେ**

ଭୁବନେଶ୍ୱର,୨୧।୧୧ (ସମିସ): ଲିଭ୍ ଟ୍ରେନିଂ ଟିଚର୍ (ଏଲଟିଆର୍) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ନେଇ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ସରକାରଙ୍କୁ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଘେରିଛନ୍ତି। ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିବା ସତ୍ତ୍ୱେ ହିନ୍ଦୀ, ସଂସ୍କୃତ ଓ ପିଇଟି ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା କରି ନାହାନ୍ତି। ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ଇଚ୍ଛା ଅନୁଯାୟୀ ଓଏସ୍‌ଏସ୍‌ସି ପରୀକ୍ଷା ପରିଚାଳନା କରୁଥିବାରୁ ପୂର୍ବରୁ ହିନ୍ଦୀ ପରୀକ୍ଷା ରଦ୍ଦ ହୋଇ ସାରିଛି। ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ହାଇକୋର୍ଟରେ ମାମଲା ପହଞ୍ଚିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ବ୍ୟବସ୍ଥା ପାଇଁ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ମାନସିକ ନିର୍ଯାତନା ପାଉଥିବାବେଳେ ପ୍ରତିଟି ପଦକ୍ଷେପ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେଉଥିବାରୁ ଆର୍ଥିକ ଭାବେ ମଧ୍ୟ ଶୋଷିତ ହେଉଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ପରେ ମୁଖ୍ୟ ପରୀକ୍ଷା ହେବ। ଅନ୍ୟଥା ସିଧାସଳଖ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ହେଲେ ହିନ୍ଦି ଶିକ୍ଷକ ପାଇଁ ମୋଟ୍ ୫ ଗୁଣାରୁ ଅଧିକ ପିଲା ଆବେଦନ କରିଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ହାଇକୋର୍ଟରେ ମାମଲା ହେବା ପରେ କୋର୍ଟ ପରୀକ୍ଷାକୁ ରଦ୍ଦ କରିବା ସହ ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଓଏସ୍‌ଏସ୍‌ସି ପକ୍ଷରୁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା ସରିଥିବାବେଳଏ କିଛି ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଡବଲ୍ ବେଞ୍ଚକୁ ଯାଇଛନ୍ତି। ଫଳରେ ହିନ୍ଦି ଶିକ୍ଷକ ନିଯୁକ୍ତିର ଭାଗ୍ୟ ଅନ୍ଧକାର ମଧ୍ୟରେ ରହିଛି। ସେହିପରି ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ସାର୍ଟିଫିକେଟ୍ ଯାଞ୍ଚ ସରିଥିଲେ ମଧ୍ୟ ଚୁଡ଼ାନ୍ତ ତାଲିକା ପ୍ରକାଶ କରାଯାଇ ନାହିଁ। କାରଣ ଏହି ପଦ ପାଇଁ ମଧ୍ୟ ୫ଗୁଣାରୁ ଅଧିକ ଆବେଦନ ହୋଇଥିବାବେଳେ ପ୍ରିଲିମିନାରୀ ପରୀକ୍ଷା ହୋଇ ନଥିବାରୁ ହାଇକୋର୍ଟରେ ମାମଲା ହୋଇଛି।

ଅନୁରୂପ ଭାବେ ପିଇଟି ଶିକ୍ଷକ ପଦ ପାଇଁ ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା ନ କରି ମୁଖ୍ୟ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଏହାକୁ ବିରୋଧ କରି ମାମଲା ହେବା ପରେ ଓଏସ୍‌ଏସ୍‌ସି ଉଚ୍ଚ ନ୍ୟାୟଳୟରେ ଅଜବ ଯୁକ୍ତି ରଖିଛି। ଅନୁସୂଚିତ ଜାତି, ଜନଜାତି ଓ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ଉର୍ଦ୍ଧିଷ୍ଟ ପଦ ସଂଖ୍ୟାଠାରୁ ପାଞ୍ଚଗୁଣାରୁ କମ୍ ପରୀକ୍ଷାର୍ଥୀ ଆବେଦନ କରିଥିବା ଦର୍ଶାଇବା ସହ କେବଳ ଏସ୍‌ଇବିସି ପିଲା ୫ ଗୁଣାରୁ ଅଧିକ ଆବେଦନ କରିଥିବାରୁ ସେମାନେ କାହିଁକି ସେମାନେ ପ୍ରିଲିମିନାରୀ ପରୀକ୍ଷା କରିବେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି। ନିଜେ ନିୟମ କରିବା ପରେ ମଧ୍ୟ ଯଦି ପରୀକ୍ଷା କରିବାକୁ ଓଏସ୍‌ଏସ୍‌ସି ଅସମର୍ଥ ହେଉଛି ତାହେଲେ ଏହି ଆୟୋଗକୁ ଭାଙ୍ଗିଦିଆଯାଉ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଆଶାୟୀ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି। ପରୀକ୍ଷା ଦେଇ ମେଧା ତାଲିକାରେ ସ୍ଥାନ ପାଇଥିବା ଦଳେ ଆଶାୟୀ ରାସ୍ତାରେ ନ୍ୟାୟ ମାଗୁଥିବାବେଳେ ସରକାରୀ ନୀତିର ପ୍ରତାରଣାର ଶିକାର ହୋଇଥିବା ଦଳେ ଆଶାୟୀ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଉଛନ୍ତି। ଫଳରେ ଦୀର୍ଘ ୮ ମାସ ହେଲା ସରକାରଙ୍କ ତ୍ରୁଟି ପାଇଁ ପରୀକ୍ଷାର୍ଥୀମାନେ ମାନସିକ ନିର୍ଯାତନା ସହୁଛନ୍ତି ଏବଂ ଆର୍ଥିକ ବୋଝ ମଧ୍ୟ ଉଠାଉଛନ୍ତି। ବାରମ୍ବାର ପରୀକ୍ଷା ବିଭ୍ରାଟ ଓ ଅବ୍ୟବସ୍ଥା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନ ନେବା ରାଜ୍ୟର ଲକ୍ଷ ଲକ୍ଷ ମେଧାବୀଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରିଦେଇଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

# 'ରାସନ କାର୍ଡ କଟିଲେ ପରିସ୍ଥିତି ଭୟାବହ ହେବ'

## ବ୍ଲକ କାର୍ଯ୍ୟାଳୟ ଆଗରେ ଶ୍ରମିକଙ୍କ ବିକ୍ଷୋଭ

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨୧।୧୧ (ସମିସ)



ରାସନ କାର୍ଡ କାଟିବା ବନ୍ଦ କରି ଅଧିକନ୍ତୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ରାସନ କାର୍ଡ ଦିଅ, ନଭେମ୍ବର ଶେଷ ସୁଦ୍ଧା ଧାନ ମଣ୍ଡି ଖୋଲିବା ସହିତ ଭାଗଚାଷୀଙ୍କଠାରୁ ସରକାରୀ ମୂଲ୍ୟରେ ଧାନ କିଣ, ଦେଇଥିବା ପ୍ରତିଶ୍ରୁତି ମୁତାବକ ସମସ୍ତ ପ୍ରକାର ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କର, କୃଷି ଋଣ ଛାଡ କର, ସମସ୍ତ ଭୂମିହୀନଙ୍କୁ ଜମି ପଟ୍ଟା ଦିଅ, ଅଧା ଥିବା ବସୁଧା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକୁ ପୂର୍ଣ୍ଣାଙ୍ଗ କର, ବିଦ୍ୟୁତ ଉତ୍ପାଦନକୁ ଘରୋଇକରଣ କରିବା ମସୁଧାରୁ କ୍ଷାନ୍ତ ରୁହ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ନିଃଶୁଳ୍କ ବିଦ୍ୟୁତ ଯୋଗାଇ ଦିଅ, ବ୍ଲକ ଅଫିସରେ ହୋଇଥିବା ଦୁର୍ନୀତିର ନିରପେକ୍ଷ ତଦନ୍ତ କର ଇତ୍ୟାଦି ନାରା ଦେଇ ଶହ ଶହ ଶ୍ରମିକ, କୃଷକ ଓ କୃଷି ଗ୍ରାମୀଣ ଶ୍ରମିକଙ୍କ ଲାଲ୍ ପଟୁଆର ଜଳେଶ୍ୱର ଷ୍ଟେସନ ଛକରୁ ବ୍ଲକ ଅଫିସ ଅଭିମୁଖେ ଆସିଥିଲା। ବ୍ଲକ ଅଫିସ ସମ୍ମୁଖରେ ସମବେତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୁବ୍ଧ ଆନ୍ଦୋଳନକାରୀ ଏବଂ ସରକାରଙ୍କର ଜନବିରୋଧୀ ନୀତିକୁ କଠୋର ସମାଲୋଚନା କରିଥିଲେ।

ଯେଉଁ ସବୁ କାରଣ ଦର୍ଶାଇ ସରକାର ରାସନ କାର୍ଡ କାଟିବା ନିଷ୍ପତ୍ତି କରିଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ। ଝିଣ୍ଟିକା ମାରି ବଣି ପୋଷିବା ନୀତି ଧରିଛନ୍ତି ସରକାର। ସରକାର କର୍ପୋରେଟର ମାନଙ୍କୁ କୋଟି କୋଟି ଟଙ୍କା ଟିକସ ଛାଡ଼ କରୁଛନ୍ତି, ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ଋଣ ଦେଉଛନ୍ତି ଯେଉଁମାନେ ସରକାରଙ୍କ ପରୋକ୍ଷ ସହଯୋଗରେ ବିଦେଶ ପଳାଉଛନ୍ତି ଅଥଚ ଏପଟେ ରାସନ କାର୍ଡ କାଟି ଗରିବଙ୍କ ପେଟରେ ନାତ ମାରୁଛନ୍ତି। ଏଭଳି ଅବିବେକୀ ନିଷ୍ପତ୍ତିର ପୁନର୍ବିଚାର ନ କଲେ ପରିସ୍ଥିତି ଭୟାବହ ହେବ ବୋଲି ପ୍ରତିବାଦ ସଭାରେ ବକ୍ତାମାନେ ଚେତାବନୀ ଦେଇଛନ୍ତି। କେବଳ ଏତିକି ନୁହେଁ ନିର୍ବାଚନ ସମୟରେ ଯାହା ଯାହା ପ୍ରତିଶ୍ରୁତି ଦେଇ ଲୋକଙ୍କ ସମର୍ଥନ ପାଇଥିଲେ ତାହା ପାଳନ କରନ୍ତୁ, ସମସ୍ତ ପ୍ରକାର ଭତ୍ତା ତିନି ହଜାର ଟଙ୍କାକୁ ବୃଦ୍ଧି କରନ୍ତୁ। ନିଜ ଜମି ହେଉ ବା ଆଉ କାହା ଜମିରେ ଚାଷ କରିଥିବା କୃଷକଙ୍କ ଠାରୁ ସରକାରୀ ଦରରେ ଧାନ କିଣନ୍ତୁ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି କର ଛାଡ଼ କରନ୍ତୁ ବୋଲି ଦୃଢ ଦାବି କରାଯାଇଥିଲା। କୃଷି ଓ ଶ୍ରମଜୀବୀଙ୍କ ନେତା ଦୀପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କ୍ଷେତ ମଜଦୂର ୟୁନିୟନର ରାଜ୍ୟ ଉପସଭାପତି ଶିଶିର ହୁଇ, କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ଖାଦ୍ୟ ସୁରକ୍ଷା ଯୋଜନାର ଜାତୀୟ ଆବାହକ ସମିତ ପଣ୍ଡା, ଗଣ ଆନ୍ଦୋଳନର ନେତା ଅକ୍ଷୟ କୁମାର ମିଶ୍ର, ଯୁବ ନେତା ଦିଲ୍ଲୀପ ପରିଡ଼ା, ଶ୍ରମିକ ନେତା ପଲ୍ଟୁ ଦାସ, ନାରୀ ନେତ୍ରୀ ମମି ପଣ୍ଡା, କୃଷକ ନେତା ରବୀନ୍ଦ୍ର ବାରିକ ବକ୍ତବ୍ୟ ରଖିଥିବାବେଳେ ପଟୁଆରର ନେତୃତ୍ୱ ନେଇଥିଲେ ଜୀବନ ପରିଡ଼ା, ରାଜୀବ ପଣ୍ଡା, ଆରତୀ ପଲାଇ, ଧୀରେନ୍ଦ୍ର ଦେ, ଲକ୍ଷ୍ମୀଧର ପଲାଇ, ଚନ୍ଦନ ଶତପଥୀ, ଅଶ୍ୱିନୀ ପ୍ରଧାନ, ରତନ ଦାସ, ଧୀରେନ୍ଦ୍ର ଦେ, ଗଣେଶ ଭୂୟାଁ, ଭାଗବତ ପ୍ରଧାନ, ଶଙ୍କର ଗୋଛାୟତ, ସାମରାୟ ଟୁଡୁ, କାହ୍ନୁ ସିଂ, କନ୍ଦା ହେମ୍ବ୍ରମ, ସୁମିତ୍ରା ଦେ, ସବିତା ଭୂୟାଁ, ସଞ୍ଜୟ ଶାସମଲ, ଗଣେଶ ପାତ୍ର ପ୍ରମୁଖ।

# ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ




କାଳିପଦା, ୨୧।୧୧ (ସମିସ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ବୈଠକ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ଶ୍ରୀମତୀ ଜେନା ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଏବଂ ଏହାର ଉନ୍ନତି ସହ ସାଧାରଣ ଜନତା କିପରି ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ, ସେ ବାବଦରେ ଆରକେଏସ କମିଟିର ସଦସ୍ୟ ବୃନ୍ଦ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ସିଡିଏମଓ ପ୍ରଭାତ କୁମାର ବେହେରା, ଇନଚାର୍ଜ ପ୍ରୀତମ କୁମାର ସାହୁ, ବିଡିଓ ରାଧାରଞ୍ଜନ ଦାସ, ଡିପିଏମ ଚକ୍ରଧର ଜେନା, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ଦେଭୋଗ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ଶଙ୍କର ପ୍ରତାପ ରଣସିଂ, ଏବିଇଓ ନମିତାପ୍ରଭା ସାମଲ, ଡା. ହିମାଦ୍ରୀ ଶେଖର ପାଳ, ଡା. ମନ୍ଦାକିନୀ ଜେନା, ସିଡିପିଓ ଅରସ୍ମିତା ଜେନା, ବିଭାଗୀୟ ଇଂ ଆଶୁତୋଷ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଖର୍ଚ୍ଚ ସମେତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱଜିତ ଦାସ, ରାମନାଥ କର, ତପନ ପ୍ରଧାନ, ଝୁନାବାଳା ଦେ, ସରୋଜ ଦାସ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ରହି ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅଧିକ ଦୃଷ୍ଟି ଦେବେ ବୋଲି ବିଧାୟିକା ଶ୍ରୀମତୀ ଜେନା ବୈଠକରେ କହିଥିଲେ।

# ମନ୍ଦାରସାହି ପାଟଣାର ଅକ୍ଷର ଧାମ ମନ୍ଦିରର ବାର୍ଷିକ ଉତ୍ସବ



ଭୋଗରାଇ, ୨୧।୧୧(ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ମନ୍ଦାରସାହି ପାଟଣା ଗ୍ରାମର ଅକ୍ଷର ଧାମ ଓ ଅନନ୍ତ ଅବଧୂତ ଗୁରୁକୂଳ ଆଶ୍ରମର ୭୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ସକାଳେ ନଗର ପରିକ୍ରମା, ବିଗ୍ରହ ପ୍ରତିଷ୍ଠା ଓ ଅନ୍ତରଙ୍ଗ ଆଲୋଚନା, ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ସତସଙ୍ଗ ସମ୍ମିଳନୀରେ ଆଚାର୍ଯ୍ୟ କମଳଲୋଚନ ନାଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଡାକ୍ତର ଶ୍ରୀକାନ୍ତ ଦାସ, ମୁଖ୍ୟବକ୍ତା ପ୍ରବୀର କୁମାର ତୋଳା, ସମ୍ମାନିତ ଅତିଥି ଅରବିନ୍ଦ ତୋଳା, ନିଖିଳ ତୋଳା, ଚନ୍ଦନ ମିଶ୍ର, ହରିଶ ଚନ୍ଦ୍ର ନାଥ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ହୋଇ ଗୁରୁଦେବଙ୍କ ଅମରତ୍ୱ ବାଣୀ ଗୁଡିକୁ ବକ୍ତବ୍ୟ ମାଧ୍ୟମରେ ପ୍ରଚାର କରିଥିଲେ। ମାନିକ ଡାକୁଆ, ପ୍ରଶାନ୍ତ ଡାକୁଆ, ସପନ ବ୍ରହ୍ମନ, ଶକ୍ତିପଦ ପାତ୍ର, ଜୟନ୍ତ ଦାସ, ଦୟାନିଧି ମହାକୁଡ଼, ରମେଶ ଚନ୍ଦ୍ର ଜେନା, ମାନିକ ପ୍ରଧାନ, ଅଶ୍ୱିନୀ ଜେନା, ଶାନ୍ତନୁ ପ୍ରଧାନ, ଚିତ୍ତରଞ୍ଜନ ଜେନା, ଅଜୟ ସାହୁ, ଧନଞ୍ଜୟ ଘଡାଇ, ବିଜୟ ଘଡାଇ, ଚକ୍ରଧର ସାହୁ, ଗୌରାଙ୍ଗ ଗିରି, ସୁଧୀର ଦତ୍ତ, ପରେଶ ଚନ୍ଦ୍ର ଜେନା, ସୁଲୋଚନା ନାଥ, ବାସନ୍ତୀ ଦାସ, ଗଙ୍ଗାମଣି ତୋଳା, ସୁମତୀ ପ୍ରଧାନ, ସଞ୍ଚିତ ପ୍ରଧାନ, ଅନୀଲ ଦାସ, ପ୍ରଭାତ ଭଞ୍ଜ, ନିଶିକାନ୍ତ ପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଓଡ଼ିଶା ଓ ପଶ୍ଚିମବଙ୍ଗର ୫ ହଜାର ଭକ୍ତ ଅଂଶଗ୍ରହଣ କରିଥିଲେ।

# ଟ୍ରାକ୍ଟର ଜବତ, ଅଭିଯୁକ୍ତ ଗିରଫ

ନୀଳଗିରି, ୨୧।୧୧ (ସମିସ): ଗତ ୧୧ ସେପ୍ଟେମ୍ବରରେ ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ତିନିଦେଶ୍ ଚୋରା ବାଲି ଖାଦାନ ଉପରେ ଚଢ଼ଉ ହୋଇଥିଲା। ଏହି ସମୟରେ ତିନିଦେଶ ଗ୍ରାମର ରାଜା ପ୍ରଧାନ ନିଜର ବାଲି ବୋଝେଇ ଟ୍ରାକ୍ଟରକୁ ଜବରଦସ୍ତ ବଳ ପ୍ରୟୋଗ କରି ଖଣି ଅଧିକାରୀଙ୍କ ନିକଟରୁ ହାଇଜାକ୍ କରି ଫେରାର ହୋଇ ଯାଇଥିଲା। ଏ ନେଇ ଖଣି ବିଭାଗ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱ ଦେଇ ଅଯୋଧ୍ୟା ଫାଣ୍ଡି ଅଧିକାରୀ ସରୋଜ ଦାସ ତଦନ୍ତ ଆରମ୍ଭ କରିଥିଲେ। ଶେଷରେ ବିଶେଷ ସୂତ୍ରରୁ ଖବରପାଇ ଖୁଣ୍ଟା ଅଞ୍ଚଳର କଣ୍ଟି ସାହି ଗ୍ରାମରୁ ଅଭିଯୁକ୍ତ ରାଜା ପ୍ରଧାନ ସହ ଟ୍ରାକ୍ଟରକୁ ଜବତ କରିବାରେ ସଫଳ ହୋଇଛନ୍ତି। ଗୁରୁବାର ରାତିରେ ଚଢ଼ଉ କରି ଅଭିଯୁକ୍ତକୁ ନୀଳଗିରି ଥାନାକୁ ଆଣି ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।




# ଜଳେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ରିଲିଫ୍ ବ୍ୟାଗ୍ ବଣ୍ଟନ




ଜଳେଶ୍ୱର, ୨୧।୧୧(ସମିସ): ଲାୟନ୍ସ କ୍ଲବ ଜଳେଶ୍ୱର ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ 'ଚକସାହି' ଏବଂ 'ମହିଷାମୁଣ୍ଡା'ରେ ଥିବା ଆର୍ଥିକ ଅନଗ୍ରସର ପରିବାରକୁ ରିଲିଫ୍ ବ୍ୟାଗ୍ ବଣ୍ଟନ କରାଯାଇଛି। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଲଗାତାର ବନ୍ୟା ଯୋଗୁଁ ଲୋକେ ପ୍ରଭାବିତ ହୋଇଥିଲେ। କ୍ଲବର ସମ୍ପାଦକ ଲାୟନ ସେଖ୍ ସବିରଙ୍କ ନେତୃତ୍ୱରେ କ୍ଲବର ସଭ୍ୟ ଲାୟନ ବିନୋଦ ସାହୁ, ଗିରିଜା ଶଙ୍କର ଦାସ, ରମାକାନ୍ତ ଭଞ୍ଜ, ରବି ନାରାୟଣ ଦାସ, ଦୁର୍ଗା ପ୍ରସାଦ ଖଣ୍ଡେଲୱାଲ, ମନୋଜ ଗୁପ୍ତା, ସେଖ ସୈଫୁଦ୍ଦିନ, ମେଘନାଦ କର, ଗୋପାଳ କୃଷ୍ଣ କଟାଲ, ଦେବାଶିଷ ଚୌଧୁରୀ, ଅମଲ ମଣ୍ଡଳ, ମୁନିସ ଅଗ୍ରୱାଲ, ଉବେଶ ଠକ୍କର ଇତ୍ୟାଦି ଉପସ୍ଥିତ ଥିଲେ।

# ଜଳେଶ୍ୱର-ପଶ୍ଚିମବାଡ ରାସ୍ତାରେ ରେଳ ଓଭରବ୍ରିଜ୍ ଦାବି

## • ବରିଷ୍ଠ ନାଗରିକ ମଞ୍ଚର ୩ ହଜାର ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ

ଜଳେଶ୍ୱର, ୨୧।୧୧(ସମିସ): ଜଳେଶ୍ୱର-ପଶ୍ଚିମବାଡ ରାସ୍ତାରେ ରେଳ ଓଭରବ୍ରିଜ ନିର୍ମାଣ ଦାବିରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇ ୩୦୦୦ରୁ ଅଧିକ ଦସ୍ତଖତ ସମ୍ବଳିତ ୭୫ ପୃଷ୍ଠା ଦାବିପତ୍ର ଆଜି ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ରେଳ ଫାଟକ ଦେଇ ୧୧ଟି ପଞ୍ଚାୟତ, ମ୍ୟୁନିସିପାଲଟିର ୨ଟି ୱାର୍ଡ, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକର ହଜାର ହଜାର ଲୋକ ଏହି ରାସ୍ତା ଦେଇ ନିୟମିତ ଭାବେ ଯାତାୟାତ କରି ଥାଆନ୍ତି। ଦୁର୍ଭାଗ୍ୟର ବିଷୟ ଏହି ରେଳ ଫାଟକଟି ପ୍ରାୟ ୫ରୁ୧୦ ମିନିଟ ବ୍ୟବଧାନରେ ଥରେ ଲେଖାଏଁ ବନ୍ଦ ହେଉଥିବାରୁ ଦିନକୁ ୧୨ଘଣ୍ଟାରୁ ଅଧିକ ସମୟ ବନ୍ଦ ରହିବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରେଳ ଓଭରବ୍ରିଜ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଞ୍ଚ ସମେତ ବିଭିନ୍ନ ସାମାଜିକ ସଂଗଠନ ତରଫରୁ ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି ଓ ରେଳ ମନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ଆଜି ସଭାପତି ଡ. ରମାକାନ୍ତ ଭଞ୍ଜ, ସମ୍ପାଦକ ଡ. ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସୁନିଲ ନାୟକ, ବିକାଶ ଧର, ଅନନ୍ତ ଦତ୍ତ ପ୍ରମୁଖ ଆଜି ଜଳେଶ୍ୱର ରେଳ ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କୁ ଭେଟି ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ଧାନବିଲରୁ ୧୦ ଫୁଟିଆ ଅଜଗର ଉଦ୍ଧାର



ଭୋଗରାଇ, ୨୧।୧୧(ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ବାଟଗ୍ରାମର ଅଜୟ କୁମାର ଦାସଙ୍କ ଧାନ ବିଲରୁ ୧୦ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର ହୋଇଛି। ଲୋକମାନେ ସାପକୁ ଦେଖି ଗ୍ରାମର କିଛି ଯୁବକଙ୍କୁ ଖବର ଦେଇଥିଲେ। ଖବରପାଇ ଯୁବକମାନେ ସାପକୁ ଧରି ଗ୍ରାମର ସ୍କୁଲ ପଡ଼ିଆକୁ ଆଣିଥିଲେ। ଗ୍ରାମର ସଦସ୍ୟ ନଳିନୀକାନ୍ତ ସେଠୀ ଏବଂ ସରପଞ୍ଚ ବିରୁପାକ୍ଷ ଜେନାଙ୍କ ସହାୟତାରେ ବନବିଭାଗକୁ ଖବର ଦିଆଯାଇଥିଲା। ଖବରପାଇ ଜଳେଶ୍ୱର ବନବିଭାଗ କର୍ମଚାରୀ ପହଞ୍ଚି ସାପଟିକୁ ନେଇ ଯାଇଥିବା ସୂଚନା ମିଳିଛି।

## • ଗଣେଶ ପୂଜା ଚାନ୍ଦା ଦେଇ ନ ଥିଲେ

# ୩ ମାସ ହେଲା ନଳକୂପ ପାଣି ପାଇବାକୁ ବାସନ୍ଦ

କାଳିପଦା, ୨୧।୧୧ (ସମିସ): ସିଂଲା ଥାନା ଦାଣ୍ଡିପଦା ଗ୍ରାମର ଜଣେ ଦଳିତ ମହିଳା ଏକାଦଶୀ ମଲ୍ଲିକଙ୍କ ସ୍ତ୍ରୀ କୁନି ମଲ୍ଲିକ ଗଣେଶ ପୂଜା ଚାନ୍ଦା ନ ଦେବାରୁ ତାଙ୍କୁ ଗ୍ରାମର ପଦ୍ମଲୋଚନ ମଲ୍ଲିକ ଗାଁର ସର୍ବସାଧାରଣ ନଳକୂପରୁ ତିନି ମାସ ହେବ ପାଣି ଆଣିବାକୁ ଦେଉନଥିବା ଅଭିଯୋଗ ହୋଇଛି। ଏଥିସହ ପଦ୍ମଲୋଚନ ଗାଁର ବିଦ୍ୟୁତ ଖୁଣ୍ଟରୁ କୁନି ମଲ୍ଲିକଙ୍କୁ ନୂଆ ବିଦ୍ୟୁତ ସଂଯୋଗ ମଧ୍ୟ କରାଇ ଦେଉ ନାହିଁ। ଏ ନେଇ କୁନି ସ୍ଥାନୀୟ ସରପଞ୍ଚ ଜୟନ୍ତ କୁମାର ଦାସ, ଗାଁର ବନମାଳି ମଲ୍ଲିକ, ବିଦ୍ୟୁତ ବିଭାଗ ଜେଇ ପ୍ରମୁଖଙ୍କୁ ଜଣାଇ ଆସିଥିଲେ ମଧ୍ୟ କୌଣସି ପ୍ରତିକାର ହୋଇ ନାହିଁ। କୁନି ମଲ୍ଲିକ ବିଦ୍ୟୁତ ସଂଯୋଗ ପାଇଁ ଟଙ୍କା ଜମା କରି ସାରିଛନ୍ତି। ଚାରିଆଡୁ ନିରାଶ ହେବା ପରେ କୁନି ମଲ୍ଲିକ ଗଣମାଧ୍ୟମକୁ ଜଣାଇଛନ୍ତି। ଅନ୍ୟପଟେ ପଦ୍ମଲୋଚନ କୁନି ମଲ୍ଲିକଙ୍କ ଅଭିଯୋଗକୁ ଅମୂଳକ ବୋଲି କହିଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟିର ଧାରଣା

ନୀଳଗିରି, ୨୧।୧୧ (ସମିସ): ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଆଜି ନୀଳଗିରି ଶାଖା ପକ୍ଷରୁ ପୂର୍ବତନ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଗୋଟିଏ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଚିତ। କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ହେଲେ ବାଲେଶ୍ୱର ଜିଲ୍ଲାରେ କୃଷକ ମାନଙ୍କର ଉନ୍ନତି ହେବା ସହିତ ଜିଲ୍ଲାର ବେକାରୀ ସମସ୍ୟା ଦୂର ହୋଇପାରିବ। ଉକ୍ତ କମିଟିର ସାଧାରଣ ସମ୍ପାଦକ ଅଭୟ ମିଶ୍ର, ଉପସଭାପତି ହରିନାରାୟଣ ମଡୁଆଳ, କ୍ଷେତ୍ରେଶ୍ୱରୀ ଦାସ, ପ୍ରଫୁଲ୍ଲ କୁମାର ଦାସ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ, ସିପିଆଇ (ଏମ) ନେତା ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଷ୍ଟାଲିନ ମିଶ୍ର, ସିପିଆଇ ନେତା ନିରଞ୍ଜନ ବାରିକ, ଗୋବିନ୍ଦ ଚନ୍ଦ୍ର ଭୋଇ, ଉପସ୍ଥିତ ରହି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କାରୀ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫୁଲ୍ଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଧାରଣ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।




# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଚନ୍ଦନେଶ୍ୱର, ୨୧।୧୧(ସମିସ): ଭୋଗରାଇର ଚନ୍ଦନେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶ ବାର୍ଷିକ କ୍ରୀଡା ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଉଦଘାଟନୀ ସଭାକୁ ବିଦ୍ୟାଳୟର ବିଦ୍ୱତ୍ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ବିକ୍ରମ କେଶରୀ ଦାସ କ୍ରୀଡା ଧ୍ୱଜା ଆରୋହଣ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ସ୍ୱପ୍ନ ଦେଖିବା ଓ ତାକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ଦାସ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ରୀଡା ପ୍ରମୁଖ ରାମକୃଷ୍ଣ ପାତ୍ର ଶପଥ ପାଠ ଓ କ୍ରୀଡା ସହ ପ୍ରମୁଖ ସର୍ବେଶ୍ୱର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଶୋଚନୀୟ ରାସ୍ତା ପ୍ରତି ଦୃଷ୍ଟି ନାହିଁ

ଖଇରା, ୨୧।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକରୁ ବିଭିନ୍ନ ସ୍ଥାନକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଠିକାଦାର, ଯନ୍ତ୍ରୀ ଓ ଶାସନଗାଦୀରେ ବସିଥିବା କିଛି ନେତାଙ୍କ ପାଇଁ ପ୍ରମୁଖ ଆୟର ପନ୍ଥା ପାଲଟିଛି। ଶୋଚନୀୟ ହୋଇପଡ଼ିଥିବା ରାସ୍ତା କଥାକୁ ଗୁରୁତ୍ୱ ଦିଆଯିବା ବଦଳରେ ଟେଣ୍ଡର କାମ ଛାଡି ମରାମତି ନାମରେ ମଞ୍ଜୁର ଅର୍ଥକୁ ସ୍ଲିଟଅପ କରି ମିଳିମିଶି ହଡପ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜିଲା ଓ ରାଜ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଉକ୍ତ କାମକୁ ଭିଜିଲାନ୍ସ ତଦନ୍ତ କଲେ ସବୁ ଅଧିକାରୀ ଫାସରେ ପଡ଼ିବା ନେଇ ଆଲୋଚନା ଚାଲିଥିବା ବେଳେ କେବେ ଭିଜିଲାନ୍ସ ତଦନ୍ତ ଆରମ୍ଭ ହେବ ସେ ନେଇ ବିଭିନ୍ନ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ଗଣ ଉତ୍ସୁକତାର ସହ ଚାହିଁ ବସିଛନ୍ତି।

ସୋର-କୁପାରୀ ରାଜ୍ୟ ରାଜପଥ ନିର୍ମାଣ ପାଇଁ ୪ମାସ ତଳୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ନିର୍ବାହୀ ଯନ୍ତ୍ରୀ ଚୁକ୍ତିନାମା ପ୍ରକ୍ରିୟା ଗଡ଼ାଇ ଏବେ ମରାମତି କାମକୁ ଜୋର ଦେଉଛନ୍ତି। ଟେଣ୍ଡର ଅର୍ଥକୁ ପକାଇ ପାଖାପାଖି ଦେଢ କୋଟି ଟଙ୍କା ୩୦ଜଣ ଛୋଟ ଛୋଟ ଠିକାଦାରଙ୍କୁ ୫ଲକ୍ଷ କରି ଦିଆଯାଇ ମରାମତି କରାଯାଉଛି। ଏହି ୫ଲକ୍ଷ ଟଙ୍କାରୁ ଅତିବେଶୀରେ ୨ଲକ୍ଷ ଟଙ୍କାର କାମ କରାଯାଉଛି। କାରଣ ପିଚୁ କାମ ହେଉ କି ରାସ୍ତା ପାର୍ଶ୍ୱରେ ପାଚେରୀ ନିର୍ମାଣ ହେଉ ଯାହା ବି କାମ ହେଉଛି ୨ଦିନ ମଧ୍ୟରେ ଏହା ନଷ୍ଟ ହୋଇଯିବା ଏହି ଅଭିଯୋଗକୁ ସତ୍ୟତାରେ ପରିଣତ କରିଛି। ସେହିଭଳି ବର୍ଦ୍ଧନା ଓସ୍ତପାଳ ଓ କୁପାରୀ-ଶାରିଶୁଆ ରାସ୍ତାରେ ମଧ୍ୟ ବିନା ଟେଣ୍ଡରେ ଅର୍ଥ ହଡପ ପାଇଁ ସ୍ଲିଟ ଅପରେ ପାଖପାଖି ୧୦ଜଣ ଛୋଟ ଛୋଟ ଠିକାଦାରଙ୍କୁ ଏହି କାର୍ଯ୍ୟ ବଣ୍ଟାଯାଇ ୫୦ଲକ୍ଷ ହଡପ ପାଇଁ ନାମକୁ ମଧ୍ୟ ମରାମତି ଚାଲିଛି।

### ଆୟର ପନ୍ଥା ପାଲଟିଛି ପୂର୍ତ୍ତ ରାସ୍ତା !

ଏଭଳିକି ବଟେଶ୍ୱର-ବଣପାରିଆ ମଧ୍ୟବର୍ତ୍ତୀ ସ୍ଥାନ ଭଳି ବିଭିନ୍ନ ପାଚେରୀ ନିର୍ମାଣ ପରେ କଂକ୍ରିଟରେ ପାଣି ଦିଆଯାଉ ନ ଥିବାରୁ ଏହାର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଝିଙ୍କିରିଆଠାରେ ଏକ ସ୍ୱାସ୍ଥ୍ୟସେବା ଶିବିରରେ ଯୋଗ ଦେବାକୁ ଆସିଥିବା ଖୋଦ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଏଭଳି ସ୍ଲିଟଅପ କାମକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାସୁଦେବପୁର ଅଞ୍ଚଳକୁ ବଦଳି ହୋଇଥିବା ଜଣେ କନିଷ୍ଠ ଯନ୍ତ୍ରୀ ଏହି ସ୍ଲିଟ ଅପ କାର୍ଯ୍ୟର ମୁଖ୍ୟସୂତ୍ରଧର ବୋଲି କୁହାଯାଉଛି। ଏହି ୫ଲକ୍ଷ ଟଙ୍କା ମୂଲ୍ୟର କାମରୁ ଜଣେ ଲୋକପ୍ରତିନିଧିଙ୍କ ନାମ କହି ତାଙ୍କର ସମର୍ଥକମାନେ ୧୫ ହଜାର କରି ଆଦାୟ କରୁଥିବା ନେଇ କାମ କରୁଥିବା ଠିକାଦାରମାନେ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ଦୁର୍ନୀତିଶୂନ୍ୟ ସହନଶୀଳତା ଉପରେ ଜୋର ଦେଉଥିବା ବେଳେ ତୃଣମୂଳ ସ୍ତରରେ ଏଭଳି ବଡଧରଣର ଦୁର୍ନୀତି ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ ସୃଷ୍ଟି କରୁଛି।

ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ତ୍ରିନାଥ ଜେନାଙ୍କୁ ଯୋଗାଯୋଗ କରିବାରେ ସେ ନୀଳଗିରି ଓ ସୋର ୨ଟି ଜାଗା ଦାୟିତ୍ୱରେ ଥିବାରୁ ସବୁ କାମ ଦେଖିବା ସମ୍ଭବ ହେଉନାହିଁ ବୋଲି କହିଛନ୍ତି। ଲକ୍ଷ ଲକ୍ଷ ଟଙ୍କାର ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଅର୍ଥନୈତିକ ଅପରାଧ ଶାଖା ଓ ଭିଜିଲାନ୍ସ ଚଢାଉ ପାଇଁ ଖଇରାର ସବୁ ସଂଗଠନ ଓ ନାଗରିକ ଦାବି କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ମାଛ ଯାଆଁଳ ଉତ୍ପାଦନରେ ମୟୂରଭଞ୍ଜ ରାଜ୍ୟରେ ପ୍ରଥମ

# ୧୩ଟି କେନ୍ଦ୍ରରେ ୨୪.୨୫୫ ଲକ୍ଷ ଅଣ୍ଡା ଉତ୍ପାଦନ

ବାରିପଦା, ୨୧ା୧୧(ସମିସ)




ମାଛ ଯାଆଁଳ ଉତ୍ପାଦନରେ ମୟୂରଭଞ୍ଜ ଜିଲ୍ଲା ରାଜ୍ୟରେ ପ୍ରଥମ। ଏହି ଜିଲ୍ଲାରେ ସମୁଦ୍ର ନ ଥିବାରୁ ମଧୁର ଜଳ ମାଛ ଚାହିଦା ଅଧିକ ବୋଲି ଶୁକ୍ରବାର ଏକ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଅତିଥିମାନେ ସୂଚନା ଦେଇଛନ୍ତି। ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ପୌରେହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଂଘମିତ୍ରା ପଟ୍ଟନାୟକ, ଜିଲ୍ଲା କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ରମଣୀରଞ୍ଜନ ବିଶ୍ୱାଳ, ସହକାରୀ ମତ୍ସ୍ୟ ଅଧିକାରୀ, ପ୍ରଦୀପ ଘୋଷ, ମତ୍ସ୍ୟ ବିଶେଷଜ୍ଞ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ। ଜିଲ୍ଲାର ଗୋଟିଏ ସରକାରୀ ଓ ୧୨ଟି ଘରୋଇ ମାଛ ଯାଆଁଳ କେନ୍ଦ୍ରରୁ ବର୍ଷକୁ ୨୪.୨୫୫ ଲକ୍ଷ ଅଣ୍ଡା ଉତ୍ପାଦନ କରାଯାଇ ରାଜ୍ୟରେ ପ୍ରଥମ ଭାବେ ନୂତନ କୀର୍ତ୍ତିମାନ ସ୍ଥାପନ ହୋଇଛି। ସମଗ୍ର ରାଜ୍ୟରେ ୨୭୮.୬୩ କୋଟି ଯାଆଁଳ ଉତ୍ପାଦନ ହେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଉତ୍ପାଦନ ଯାଆଁଳ ୩୦ଟି ଜିଲ୍ଲା ମଧ୍ୟରୁ ସର୍ବାଧିକ। କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ମୁଖ୍ୟତଃ ବଡସାହି, ବେତନଟୀ, ଉଦଳା, କପ୍ତିପଦା, ଖୁଣ୍ଟା, ଗୋପବନ୍ଧୁନଗର, ସାରସକଣା ଓ ରାସଗୋବିନ୍ଦପୁର ବ୍ଲକରେ ସଫଳତାର ସିଡି ଚଢିଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩୫୩୦ ମେଟ୍ରିକ ଟନର ମତ୍ସ୍ୟ ଉତ୍ପାଦନ ହୋଇଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ୨୭.୪୦ ହେକ୍ଟର ନୂତନ ପୋଖରୀ ଖୋଳାଯାଇ ୭୭ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ସେହିପରି ୯୭.୫୯୬ ହେକ୍ଟର ଜଳଆୟତନ ପୋଖରୀରେ ୨୦୦ ଜଣ ମତ୍ସ୍ୟଚାଷୀ, ୪୪୯.୭୪ ହେକ୍ଟର ପଞ୍ଚାୟତ ପୋଖରୀରେ ମାଛଚାଷ ନିମନ୍ତେ ୬୧୩ଟି ମହିଳା ସଙ୍ଘ ସହାୟକ ଗୋଷ୍ଠୀ, ୨୬୪.୯୮ ଏକର ଜଳଆୟତନ ପାଇଁ ୧୩୩ ଜଣ ଯାଆଁଳ ଉତ୍ପାଦନକାରୀ, ୨୨.୩୪ ହେକ୍ଟର ଜଳଆୟତନ ପାଇଁ ୫୪୦ ଜଣ କ୍ଷେତ ପୋଖରୀ ମତ୍ସ୍ୟଚାଷୀ ଇନପୁଟ ସହାୟତା ପାଇଛନ୍ତି। ପୁନଶ୍ଚ, ୪୩୨ ଗୋଟି ଜୈବପୁଞ୍ଜ କୁଣ୍ଡ ନିର୍ମାଣ କରି ୭୮ ଜଣ ମତ୍ସ୍ୟଚାଷୀ ସ୍ୱାବଲମ୍ବୀ ହୋଇଛନ୍ତି। ଏଥିସହିତ, ୧୦୨ ଜଣ ମତ୍ସ୍ୟଚାଷୀ ମତ୍ସ୍ୟ ଯନ୍ତ୍ରପାତି କ୍ରୟ କରି, ୧୪୯ ଗୋଟି ମହିଳା ସଙ୍ଘ ସହାୟକ ଗୋଷ୍ଠୀ ଅବର୍ତ୍ତି ପୁଞ୍ଜି ପାଇ ଏବଂ ୪୦ ଜଣ ମେଧାବୀ ପିଲା ଛାତ୍ରବୃତ୍ତି ପାଇ ଏହି ଯୋଜନାରେ ଲାଭବାନ ହୋଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅନ୍ତର୍ଗତ ୫.୨୫ ହେକ୍ଟର ନୂତନ ପୋଖରୀ ଖୋଳି, ଗୋଟିଏ ମଧ୍ୟମ ଜୈବପୁଞ୍ଜ ମତ୍ସ୍ୟ କୁଣ୍ଡ ନିର୍ମାଣ କରି, ଗୋଟିଏ ହ୍ୟାଚେରୀ ନିର୍ମାଣ କରି ଏବଂ ଗୋଟିଏ ମାଛ ରୋଗ ଚିହ୍ନଟ ପରୀକ୍ଷଣ କେନ୍ଦ୍ର ନିର୍ମାଣ କରି ସର୍ବମୋଟ ୧୬ ଜଣ ହିତାଧିକାରୀ ଲାଭବାନ ହୋଇଛନ୍ତି। ସେହିପରି, ୨୦୨୪-୨୫ ଆର୍ଥିକ ବର୍ଷରେ ଓଆଇଆଇପିସିଆରଏ ଯୋଜନାରେ ୩୯.୧୦ ହେକ୍ଟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ମାଛଚାଷ କରି, ୧୩ ହେକ୍ଟର ଜଳାୟତନରେ ମିଶ୍ରିତ ମାଛଚାଷ କରି, ୧.୨୦ ହେକ୍ଟର ଜଳାୟତନରେ ମଧୁର ଜଳ ଚିଙ୍ଗୁଡି ଯାଆଁଳ ଉତ୍ପାଦନ କରି, ୧୦୦ଟି ଜୈବପୁଞ୍ଜ କୁଣ୍ଡ ନିର୍ମାଣ କରି, ୧୬ଟି କ୍ଷୁଦ୍ର ମାଛ ଖାଦ୍ୟ ମିଶ୍ରଣ କାରଖାନା ନିର୍ମାଣ କରି, ୨୦ଟି ମାଛଟଣା ଜାଲ ନିମନ୍ତେ, ୧୩୦ ଗୋଟି ଜଳ ପରୀକ୍ଷଣ କିଟ ନିମନ୍ତେ, ୮ଟି ମାଛ ବ୍ୟବସାୟିକ ଯାନ ନିମନ୍ତେ, ଗୋଟିଏ ମହୁରାଳି ହ୍ୟାଚେରୀ ସମ୍ପ୍ରସାରଣ ନିମନ୍ତେ ତଥା ଏକ ହେକ୍ଟର ଧାନ ଚାଷ ଜମିରେ ମିଶ୍ରିତ ମାଛ ଚାଷ ନିମନ୍ତେ ସର୍ବମୋଟ ୨୯୦ ଜଣ ହିତାଧିକାରୀ ଲାଭବାନ ହେବ ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ବିଭାଗ ପକ୍ଷରୁ ସଫଳ ବିବରଣୀ ଉପସ୍ଥାପନ କରାଯାଇଥିଲା। ତଥ୍ୟ ଅନୁସାରେ, ଜିଲ୍ଲାରେ ୧୪ହଜାର ଚାଷୀ ଓ ସ୍ୱୟଂ ସହାୟିକା ସଦସ୍ୟା ପ୍ରତ୍ୟକ୍ଷ ଭାବରେ ଉପକୃତ ହେଉଥିବା ବେଳେ ମାଛଚାଷ ପାଇଁ ୨୫ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେଉଛନ୍ତି ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ୩ ମତ୍ସ୍ୟ ଚାଷୀ ବେତନଟୀ ବ୍ଲକର ମନୋରଞ୍ଜନ ରାଉତ, ବଡ଼ସାହି ବ୍ଲକର ଅଷ୍ଟମୀ ଖିଲାର, ଶ୍ୟାମାଖୁଣ୍ଟା ବ୍ଲକର ଶିବାନୀ ମହାନ୍ତ ଓ ସାରସକଣା ବ୍ଲକର ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା। ସେହିପରି ମୋରଡା ବ୍ଲକର ପଙ୍କଜିନୀ ଦେ'ଙ୍କୁ ପୁଞ୍ଜିମାଛ ଚାଷର ସବସିଡି ରାଶି ବାବଦକୁ ଅଢେଇ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

- ମାଛଚାଷରେ ଉପକୃତ ହେଉଛନ୍ତି ୨୫ହଜାର ଲୋକ
- ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

## ବାଇକ୍ ଆରୋହୀ ଉପରେ ଚଢ଼ିଗଲା ବସ୍

**କରଞ୍ଜିଆ, ୨୧ା୧୧(ସମିସ):** କରଞ୍ଜିଆ ଥାନା ଅନ୍ତର୍ଗତ ଗିଧିବାସ ଛକ ନିକଟରେ ଗୁରୁବାର ରାତିରେ ତିରିଂରୁ ସମ୍ବଲପୁର ଯାଉଥିବା ଏକ ରାତ୍ରିକାଳୀନ ବସ୍ ଜଣେ ବାଇକ ଆରୋହୀ ଉପରେ ଚଢି ଯାଇଥିଲା। ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗଡ଼ସାହି ଅଞ୍ଚଳର ଲୁନା ମହାନ୍ତି (୪୦)। ସେ କପେଶ୍ୱର ମହାନ୍ତି, ସନାତନ ବେହେରାଙ୍କ ସହିତ ଏକ ବାଇକ୍‌ରେ ଯାଉଥିବାବେଳେ ଗିଧିବସ ନିକଟ ରାସ୍ତାକଡ଼ରେ ଥିବା ଧାନଗଦାରେ ଚଢାଇ ଦେଇଥିଲେ। ଫଳରେ ଉଭୟ ଛିଟିକି ପଡ଼ିଥିଲେ। ସେହି ସମୟରେ ଆସୁଥିବା ବସ୍‌ଟି ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ସନାତନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଳମ୍ବିତ ରାତିରେ ପୁଲିସର ଧରପଗଡ଼

**ବାରିପଦା, ୨୧ା୧୧(ସମିସ):** ପୂର୍ବାଞ୍ଚଳ ଆଇଜି ଓ ମୟୂରଭଞ୍ଜ ଏସପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନ ଏବଂ ମୁଖ୍ୟ ଛକରେ ବିଳମ୍ବିତ ରାତିରେ ପୁଲିସ ପକ୍ଷରୁ ଧରପଗଡ଼ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଳମ୍ବିତ ରାତିରେ ବାରିପଦା ଟାଉନ୍ ଥାନା ଏଏସଆଇ ମହେଶ୍ୱର ସ୍ୱାଇଁଙ୍କ ସହ ପୁଲିସ କର୍ମଚାରୀ ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇରେ ଟ୍ରକ୍, ଗାଡ଼ି, ବାଇକ ଗୁଡ଼ିକୁ ଜୋରଦାର ଚେକିଂ କରିଛନ୍ତି। ଆଣ୍ଟି ସୋସିଆଲ ଗାଡ଼ି, ମଦପିଇ ଗାଡ଼ି ଚଳାଇବା, ଗାଡ଼ିରେ ଲୁକ୍କାୟିତ ଅବସ୍ଥାରେ ଯାଉଥିବା ସମସ୍ତଙ୍କୁ ଚେକିଂ କରାଯାଇଛି। ଚୋରା ଚାଲାଣ ଓ ଅସାମାଜିକ କାର୍ଯ୍ୟକଳାପକୁ ରୋକ୍ ଲଗାଇବାକୁ ଏହିଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ତେବେ ଏହି କାର୍ଯ୍ୟକ୍ରମ ସପ୍ତାହ ବ୍ୟାପୀ କରାଯିବ ବୋଲି ଆଇଆଇସି କରୁଣାକର ରାଉତ କହିଛନ୍ତି।




## ଶ୍ରମିକ ଉଚ୍ଛେଦ ବିରୋଧ; ଶ୍ରମ ଆୟୁକ୍ତଙ୍କୁ ଫେରାଦ

**ବାରିପଦା, ୨୧ା୧୧(ସମିସ):** ଛାଞ୍ଚ ଶିଳ୍ପାଞ୍ଚଳରେ ଥିବା ନିୟୁ ମଡର୍ଣ୍ଣ କମ୍ପାନୀରେ ଶ୍ରମିକ ଉଚ୍ଛେଦ ଚେତାବନୀକୁ ବିରୋଧ ହୋଇଛି। ଯାହାକୁ ନେଇ ଶ୍ରମିକମାନେ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ନେତୃତ୍ୱରେ ଜିଲ୍ଲା ଶ୍ରମ ଆୟୁକ୍ତଙ୍କ ନିକଟରେ ଫେରାଦ ପୂର୍ବକ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଉଚ୍ଛେଦ କରିବା ନେଇ କମ୍ପାନୀ ପକ୍ଷରୁ ଚେତାବନୀ ଦିଆଯାଇଛି। ଦୀର୍ଘ ୩ମାସ ହେବ ଶ୍ରମିକଙ୍କ ଇପିଏଫ, ଇଏସଆଇ ଆଦି ଦିଆଯାଉନାହିଁ। ସରକାରଙ୍କ ଧାର୍ଯ୍ୟ ପାରିଶ୍ରମିକ ଅନୁଯାୟୀ ଶ୍ରମିକଙ୍କୁ ବେତନ ପ୍ରଦାନ କରୁନି କମ୍ପାନୀ; କିନ୍ତୁ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଯାହାକୁ ବିରୋଧ କରି ଜିଲ୍ଲା ଶ୍ରମ ଆୟୁକ୍ତଙ୍କୁ ଅଭିଯୋଗ ଜଣାଇଛନ୍ତି। ବାରିପଦା ବିଧାୟକ ଶ୍ରୀ ସୋରେନଙ୍କ ସହ ଅଧିକାରୀ ଆଲୋଚନା କରିଥିଲେ। ଅଭିଯୋଗ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ନାଟ୍ୟକାର ହେମ କୁମାରଙ୍କୁ ଶ୍ରଦ୍ଧାଞ୍ଜଳି



**ବାରିପଦା, ୨୧ା୧୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ସ୍ୱର୍ଗତ ହେମ କୁମାର ପୃଷ୍ଟିଙ୍କ ୧୪ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସେ ୧୯୩୩ ମସିହାରେ ଜନ୍ମଗ୍ରହଣ କରିଥିବା ବେଳେ ୨୦୧୧ ନଭେମ୍ବର ୨୫ ତାରିଖରେ ପରଲୋକ ହୋଇଥିଲା। ତାଙ୍କର ରଚନା/ଅଭିନୟ ଓ ନିର୍ଦ୍ଦେଶନା ଦେଇଥିବା ନାଟକ ବେଶ ଉଚ୍ଚକୋଟୀର ଥିଲା। ଓଡିଆ ସିନେ ଜଗତର ଅଭିନେତା ସ୍ୱର୍ଗତ ବିଜୟ ମହାନ୍ତିଙ୍କ ସେ ନାଟ୍ୟଗୁରୁ ଥିଲେ। ତାଙ୍କ ଅବର୍ତ୍ତମାନରେ ଏବେ ମଧ୍ୟ ପ୍ରଶଂସକ ସେ କାହାଣୀ ଓ ନାଟକକୁ ଝୁରୁଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ପରିବାର ଉପସ୍ଥିତ ରହି ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

## ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

**ବାରିପଦା, ୨୧ା୧୧(ସମିସ):** ବାରିପଦା ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ ପ୍ରବୋଧ କୁମାର ଦେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ବିପ୍ଳବ ବିନ୍ଧାଣୀ, ଅଧ୍ୟାପକ ଭୁବନ କୁମାର ମହାନ୍ତ, ମାର୍ଶାଲ ସୋରେନ, ସତ୍ୟରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ସମସ୍ତେ ନିଜ ନିଜ ସ୍ୱପ୍ନକୁ ନିରବଚ୍ଛିନ୍ନ ଭାବେ ଅନୁସରଣ କଲେ ସଫଳତା ମିଳିବା ସହଜ ହୋଇଥାଏ ବୋଲି ମତ ରଖିଥିଲେ। ଛାତ୍ରୀ ବିଜୟଲକ୍ଷ୍ମୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମସ୍ତ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ନିଜର ସ୍ମୃତି ବଖାଣିଥିଲେ।

## ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ



**ବାରିପଦା, ୨୧ା୧୧(ସମିସ):** ଶୁକ୍ରବାର ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ-୨୦୨୫ ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅନୁକୁଲ୍ୟରେ ଅନୁଷ୍ଠିତ କାର୍ଯକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକା ସବିତା ମାଝୀ, ପ୍ରୋଗ୍ରାମ ଅଫିସର ସସ୍ମିତା ମହାନ୍ତି, ଶିଶୁ ମଙ୍ଗଳ ସମିତିର ସଦସ୍ୟ ମନମୋହନ ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପୋଷ୍ୟ ସନ୍ତାନ ଗ୍ରହଣ ତଥା ପ୍ରତିପାଳନ ଯତ୍ନ ପ୍ରକ୍ରିୟାକୁ ନ୍ୟାୟ ସଙ୍ଗତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ ମନମୋହନ ପ୍ରଧାନ ପୋଷ୍ୟ ସନ୍ତାନ ଗ୍ରହଣର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଅମର କୁମାର ଦେ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ବିଧିବଦ୍ଧ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ୪ଜଣ ପିତାମାତାଙ୍କ ସମ୍ମାନିତ କରାଯାଇଥିଲା। ରାସଗୋବିନ୍ଦପୁର ବ୍ଲକ ସିଡିପିଓ ମାଳତୀ ଟୁଡୁଙ୍କୁ ଏଥିପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଦିଲୀପ କୁମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ବଣ୍ଟନ ଓ ଜୀବନାଦର୍ଶ ଆଲୋଚନା

**ବାରିପଦା, ୨୧ା୧୧(ସମିସ):** ବାରିପଦା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ରକ୍ଷା ପାଇଁ କାର୍ଯ୍ୟ କରୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କିତ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ପୁସ୍ତକର ଲେଖିକା ଡକ୍ଟର ଆରତି କର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ଟୁଡୁ ଓ ନ୍ୟାସୀ ମଣ୍ଡଳର ଅନ୍ୟତମ କର୍ମକର୍ତ୍ତା ବିରଜା ପ୍ରସାଦ ଶତପଥୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋପବନ୍ଧୁଙ୍କ ଦୀନ-ଦରିଦ୍ର ତଥା ପ୍ରପୀଡିତଙ୍କ ସେବା, ପରୋପକାର, ଛାତ୍ର ବତ୍ସଳତା, ଦେଶ ସେବା ଓ ସାହିତ୍ୟ କୃତୀ ଆଦି ଉପରେ ଆଲୋକପାତ କରିବା ସହ ଉତ୍କଳମଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଗୋପବନ୍ଧୁଙ୍କ ବାରିପଦା ସହ ନିବିଡ ସମ୍ପର୍କ ଥିଲା ବୋଲି ବକ୍ତାମାନେ କହିଥିଲେ। ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉପଦେଶ କ୍ରମେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ତରଫରୁ ଏକ ଶହରୁ ଉର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାଗଣାରେ ବିତରଣ କରାଯାଉଛି।

## ଶ୍ରୀଶ୍ରୀ ହରିବଳଦେବଜୀଉ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



ବାରିପଦା, ୨୨ା୧୧(ସମିସ): ଶ୍ରୀ ଶ୍ରୀ ହରିବଳ ଦେବ ଜୀଉ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରାମଚନ୍ଦ୍ର ନାଥ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡଃ ସରୋଜ ନାୟକ, କଣ୍ଟାପାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଓ ବିଦ୍ୟାଳୟର ସାଧାରଣ ସମ୍ପାଦକ ଡ଼ା ଆଦିତ୍ୟ କୁମାର ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୀପକ ରାମ ଓ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ତକତପୁରର ବିଜ୍ଞାନ ଶିକ୍ଷକ ସୁବ୍ରତ ମିଶ୍ର ଯୋଗଦେଇ ଶ୍ରେଷ୍ଠ ବିବେଚିତ ଭାବେ ବରିଷ୍ଠ ଗ୍ରୁପରୁ ଯଥାକ୍ରମେ ପ୍ରଥମ ସ୍ଥାନରେ ସାଇ ଶୁଭମ ବରଜ, ଅଙ୍କିତ ରାମ ଓ ତ୍ରୈଲୋକ୍ୟ ପୋଥାଲଙ୍କ ଦ୍ୱାରା ପ୍ରଦର୍ଶିତ ଇଣ୍ଡଷ୍ଟ୍ରିଆଲ ୱେଷ୍ଟ ଟୋ କ୍ଲିନ ପ୍ରୋଜେକ୍ଟ, ଦ୍ୱିତୀୟ ସ୍ଥାନରେ ବାପୁନ୍ ଦେ ଓ ଏସକେ ଆସିଫଙ୍କ ଦ୍ୱାରା ପ୍ରଦର୍ଶିତ କାର୍ବନ ପ୍ୟୁରିଫିକେସନ ପ୍ରୋଜେକ୍ଟ ଏବଂ ସୋନାକ୍ଷୀ ଦତ୍ତ ଓ ନେନା ଦାସଙ୍କ ଦ୍ୱାରା ପ୍ରଦର୍ଶିତ ରି ୟୁଜ ଅଫ ୱେଷ୍ଟେଜ ୱାଟର ପ୍ରୋଜେକ୍ଟ ସହିତ ଅନୁପ କ୍ରିଷ୍ଣା ଦାସ ଓ ଅଖିଳେଶ ବେହେରା ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କନିଷ୍ଠ ଗ୍ରୁପରୁ ଆଦିତ୍ୟ ନନ୍ଦନ ସାହୁ ଓ ଜିଜ୍ଞାଶୁ ମହାପାତ୍ରଙ୍କ ପ୍ରଦର୍ଶିତ ପରିବେଶ ସୁରକ୍ଷା ପ୍ରୋଜେକ୍ଟ ପ୍ରଥମ, ଦେବସ୍ମିତା ନାୟକ ଓ ଲିପାକ୍ଷି ଦାସଙ୍କ ଦ୍ୱାରା ପ୍ରଦର୍ଶିତ ପୃଥିବୀ ସୁରକ୍ଷା ପ୍ରୋଜେକ୍ଟ ସହିତ ସାଇ ସ୍ୱସ୍ତିକ ପୃଷ୍ଟି ଓ ବୈଙ୍ଗଶୁ ବାରିକଙ୍କ ପ୍ରଦର୍ଶିତ ବନ୍ୟଜନ୍ତୁ ସଂରକ୍ଷଣ ପ୍ରୋଜେକ୍ଟ ଯୁଗ୍ମ ଦ୍ୱିତୀୟ, ଅମ୍ରିତା ସିଂ ଓ ଅନ୍ୱେଷା ପାଲଙ୍କ ଦ୍ୱାରା ପ୍ରଦର୍ଶିତ ସୌର ଶକ୍ତି ଚାଳିତ ଜଳସେଚନ ପ୍ରକଳ୍ପ ସହିତ ଅନିରୁଦ୍ଧ ପଣ୍ଡା ଓ ମନସ୍ୱିନୀ ନାୟକଙ୍କ ପ୍ରଦର୍ଶିତ ପ୍ରକଳ୍ପ ଶୁଦ୍ଧ ଜୀବନ ଧାରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛି। ଉପକନିଷ୍ଠ ବର୍ଗରୁ ଶ୍ରୀୟଂଶୁ ମାନାଙ୍କ ପ୍ରଦର୍ଶିତ ପ୍ରକଳ୍ପ ବର୍ଷା ଜଳ ସଂଗ୍ରହ ପ୍ରଥମ ସ୍ଥାନରେ, ଲିପସା ପୃଷ୍ଟିଙ୍କ ପ୍ରଦର୍ଶିତ ପ୍ରକଳ୍ପ ସେହି ବର୍ଷା ଜଳ ସଂଗ୍ରହ ଦ୍ୱିତୀୟ ଏବଂ ରୋହିତ ପୃଷ୍ଟିଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଚନ୍ଦ୍ରଯାନ ତୃତୀୟ ସ୍ଥାନ ଅଧିକାର କରିଛି।

## ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨୦ ସାମିଲ




**ବାରିପଦା, ୨୧ା୧୧(ସମିସ):** ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ୨୦ଜଣ ପ୍ରତିଯୋଗୀ ଯୋଗଦେବେ। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱବଧାନରେ ଜେନେରାଲ ମ୍ୟାନେଜର ଭାବେ ପିଇଟି ହରେକୃଷ୍ଣ ସେଠୀ, ବାଳକ ଟିମ ମ୍ୟାନେଜର ଭାବେ ଯୋଗ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ଦାସ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ବାଲ୍ମୀ ବାନସିଂଙ୍କ ନେତୃତ୍ୱରେ ସମସ୍ତେ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗରେ କ୍ରିଷ୍ଣା ଦାସ, ବିଶ୍ୱଜିତ ମହାନ୍ତି, ସତାରୀ ଗୋଇପାଇ, ରୁଦ୍ର ନାରାୟଣ ଦାସ, ହେମେନ୍ଦ୍ର ଟୁଡୁ ଓ ବାଳିକା ବିଭାଗରେ ରାନୀ ମାରାଣ୍ଡି, ସଙ୍ଗୀତା ପାତ୍ରୀ, ସସ୍ମିତା ଖଣ୍ଡେଇ, ପ୍ରୀତି ପ୍ରଜ୍ଞା ମୁର୍ମୁ, ସୋନାଲି ହାଁସଦା। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ କ୍ରିଷ୍ଣା ନାୟକ, ଚିନ୍ମୟ କୁମାର ବାରିକ, ଶିବ ଟୁଡୁ, ସୁନୀଲ କୁମାର ପୂର୍ତ୍ତି, ଗୋପାଳ ସିଂ ଓ ବାଳିକା ବିଭାଗରେ ଲକ୍ଷ୍ମୀ ସୋରେନ, ସାନି ସିଂ, କୌଶଲ୍ୟା ଟୁଡୁ, ମୁନି ହାଁସଦା, ପାର୍ବତୀ ମାରାଣ୍ଡି। ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି

# ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ ବିଭାଗର କର୍ମଶାଳା ଉଦ୍‌ଘାଟିତ

ବାରିପଦା ୨୧ା୧୧(ସମିସ)




ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବନ୍ୟପ୍ରାଣୀ ଏବଂ ଜୈବବିବିଧତା ସଂରକ୍ଷଣ ବିଭାଗ ପକ୍ଷରୁ ଏକ ଦ୍ୱିଦିବସୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। 'ସୁରକ୍ଷିତ ପଦକ୍ଷେପ: କ୍ଷେତ୍ରୀୟ ଗବେଷଣାରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ଦିଗରେ ଆହ୍ୱାନ ଓ ସମାଧାନ' ଶୀର୍ଷକ କର୍ମଶାଳାକୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦଘାଟନ କରିଥିଲେ। ଏହି କର୍ମଶାଳା ଫିଲ୍ଡୱାର୍କରେ ମହିଳା ଗବେଷକଙ୍କ ସୁରକ୍ଷା ପ୍ରଦାନ ଦିଗରେ ଆବଶ୍ୟକୀୟ ତାଲିମ ପ୍ରଦାନ କରିବାରେ ସହାୟକ ହେବ ଏବଂ ଏହା ବିଜ୍ଞାନ କ୍ଷେତ୍ରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡକ୍ଟର ଆନି ପୁନମ୍ ଯୋଗଦେଇ ମହିଳା ବିଜ୍ଞାନୀଙ୍କ ସୁରକ୍ଷା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ମହିଳା ଗବେଷକଙ୍କୁ ସୁରକ୍ଷା ନିଶ୍ଚିତ କରିବାରେ ପ୍ରୋଟୋକଲ୍, ଟ୍ରେନିଂ ଏବଂ ଟେକ୍ନୋଲୋଜିର ସହାୟତା ନେବାକୁ ହେବ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ କ୍ଷେତ୍ରୀୟ ଗବେଷଣାରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ଦିଗରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ମାନକୁ ଉପଯୁକ୍ତ ପଦକ୍ଷେପ ନବାକୁ ପରାମର୍ଶ ଦେଇଥିଲେ। ପିଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ, ବିଭାଗୀୟ ସଂଯୋଜକ ତଥା ଆବାହକ ଡ ଶୁଭାନୀ ରଥ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ। ଡ ଦେବାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ସହକାରୀ ପ୍ରଫେସର ଡ ଅଶୋକ କୁମାର ମଲ୍ଲିକ ଓ ଡ ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। କର୍ମଶାଳାରେ ପ୍ରଫେସର ଡ ମୋନାଲି ଗୋସ୍ୱାମୀ, ପଶ୍ଚିମବଙ୍ଗ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଡ ପ୍ରିୟଙ୍କା ହାଲଦାର ମଲ୍ଲିକ, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଡ ଶ୍ୱେତାଶ୍ରୀ ପୁରୋହିତ, ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଜୟଶ୍ରୀ ମିଶ୍ର, ଆଇଆଇଟି ଭୁବନେଶ୍ୱରର ଡ. ମଧୁସ୍ମିତା ଦାଶ, ମୟୂରଭଞ୍ଜର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝି, ଚେନ୍ନାଇସ୍ଥିତ ଗଣିତୀୟ ବିଜ୍ଞାନ ସଂସ୍ଥାନର ଡ ଭାରତୀ ଧରପୁରମ, ନୂଆଦିଲ୍ଲୀସ୍ଥିର ୱାଲଡ୍ ୱାଇଲଡ ଲାଇଫ୍ ଫଣ୍ଡର ମିସ୍ ସାଧ୍ୱୀ ସିନ୍ଧୁରା ଓ କଲିକତାର କ୍ଷେତ୍ରୀୟ ଗବେଷିକା ଡ ଆୟୁସ୍ମିତା ନାଏକ ପ୍ରମୁଖ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶିମିଳିପାଳର ବିଭିନ୍ନ ଚିତ୍ର କ୍ୟାନଭାସ ପ୍ରଦର୍ଶିତ ହୋଇଥିଲା। ଏହି କ୍ୟାନଭାସ ବିଶ୍ୱବିଦ୍ୟାଳୟର ସମ୍ମେଳନ କକ୍ଷରେ ସବୁବେଳେ ଶୋଭାପାଇବ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ) | | | | |
|---|---|---|---|---|
| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧ୍ୟକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍ଏମ୍‌ଜିଏସ୍-II | 5 | 25 | 35 |

| ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ) | | | |
|---|---|---|---|
| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ପ୍ରଥମେ ତୁମ ନିଜକୁ ସମ୍ମାନ ଦିଅ, ତା' ପରେ ଅନ୍ୟମାନେ ତୁମକୁ ସମ୍ମାନ ଦେବାକୁ ବାଧ ହେବେ।
- ଅବଦୁଲ୍‌ରଜାକ୍ ଗୁର୍‌ନା

## ବିହାରରେ ନୂଆ ପ୍ରୟୋଗ

ବହୁଦଳୀୟ ବା ମେଣ୍ଟ ସରକାରରେ ନେତୃତ୍ୱ ନେଇ ମତଭେଦ ବା ବିବାଦ ନୂଆକଥା ନୁହେଁ। ତେବେ ବୃହତ୍ତମ ଜାତୀୟଦଳ ରାଜନୈତିକ ଆବଶ୍ୟକତା ପାଇଁ ଆଞ୍ଚଳିକ ଦଳର ନେତୃତ୍ୱକୁ ସ୍ୱୀକୃତି ପ୍ରଦାନ କରିବା ବିହାର ନିର୍ବାଚନ ପ୍ରେକ୍ଷାପଟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଗୁରୁବାର ଗାନ୍ଧୀ ମଇଦାନରେ ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ କୁମାର ଦଶମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହା ଆମ ଦେଶରେ ସର୍ବକାଳୀନ ରେକର୍ଡ। ତାଙ୍କ ସହ ଦୁଇଜଣ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୨୬ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ନିର୍ବାଚନରେ ଏତେ ବିପୁଳ ବିଜୟ ସତ୍ତ୍ୱେ ଏନଡିଏ ଜଣେ ଅଣସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇବାରୁ କେନ୍ଦ୍ର ଓ ରାଜ୍ୟରେ ଗଠିତ ବହୁଦଳୀୟ ସରକାରଙ୍କ ବାଧ୍ୟବାଧକତା କେତେ ତାହା ସ୍ପଷ୍ଟ। ବିଧାନସଭାକୁ ମାତ୍ର ୪ ଜଣ ସଦସ୍ୟ ପଠାଇଥିବା ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ନେତା ଉପେନ୍ଦ୍ର ଖୁସୱାହାଙ୍କ ପୁତ୍ରକୁ ବିଧାନ ପରିଷଦ ଆସନର ସ୍ୱୀକୃତି ଦେଇ କ୍ୟାବିନେଟରେ ଗ୍ରହଣ କରାଯାଇଛି। ନୀତୀଶ କୁମାର ୨୦୦୪ ରୁ ବିଧାନସଭା ନିର୍ବାଚନ ଲଢ଼ି ନାହାନ୍ତି। ସେ ବିଧାନ ପରିଷଦ ସଦସ୍ୟ ଭାବେ କ୍ରମାଗତ ୨୦ ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଅଛନ୍ତି।

ଏନଡିଏ ନିର୍ବାଚନ ରଣାଙ୍ଗନରେ ବିଜେପି ପ୍ରଭାବ ଓ ପତିଆରା ଦୃଷ୍ଟିରୁ ସବୁଠାରୁ ଶକ୍ତିଶାଳୀ ଦଳ ହୋଇଥିଲେ ମଧ୍ୟ ନୀତୀଶଙ୍କ ସମର୍ଥନ ବିନା ବିହାରରେ ଦଳ କ୍ଷମତା ଦଖଲ କରିବା ସମ୍ଭବ ନୁହେଁ। ମେଣ୍ଟର ଦୁଇ ପ୍ରମୁଖ ଅଂଶୀଦାର ପରସ୍ପରର ଦୁର୍ବଳତା ଜାଣିଥିଲେ ସତ, କିନ୍ତୁ ବିଜେପି ସରକାର ଗଠନ ସକାଶେ ସୁଚିନ୍ତିତ ରଣକୌଶଳ ନିର୍ଦ୍ଧାରଣ କରିଥିଲା। ଏପରିକି ନିର୍ବାଚନ ପ୍ରଚାରରେ ରାଜ୍ୟ ନେତୃତ୍ୱରୁ ନୀତୀଶଙ୍କୁ ହଟାଇବା ପ୍ରୟାସ ଏକ ପ୍ରସଙ୍ଗ ହୋଇଗଲା। ତାଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ିବ ଅଥଚ ସେ ମୁଖ୍ୟମନ୍ତ୍ରୀ ହେବେ ନାହିଁ। ଯେମିତି ମହାରାଷ୍ଟ୍ରରେ ଶିବସେନା ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ି ଜିତିଥିଲେ ମଧ୍ୟ ସିନ୍ଦେଙ୍କ ବଦଳରେ ଦେବେନ୍ଦ୍ର ଫଡନଭିସ୍ ହେଲେ ମୁଖ୍ୟମନ୍ତ୍ରୀ। ବିହାରରେ ସେହି ସୂତ୍ର ପ୍ରୟୋଗ ଉଦ୍ୟମକୁ କିନ୍ତୁ ନୀତୀଶ ପ୍ରତିହତ କରିଛନ୍ତି। ୮୯ ଆସନ ପାଇ ବିଜେପି ବୃହତ୍ତମ ଦଳର ମର୍ଯ୍ୟାଦା ହାସଲ କରିଛି ସତ, କିନ୍ତୁ ଜେଡିୟୁ ସେଭଳି ପଛରେ ପଡ଼ିଯାଇନାହିଁ। ଦୁଇଦଳ ମଧ୍ୟରେ ମାତ୍ର ୪ଟି ଆସନର ବ୍ୟବଧାନ। ନୀତୀଶ ରାଜନୀତିରେ ସବୁ ଅଙ୍କ କଷି ସାରିଛନ୍ତି। ତେଣୁ ବିଜେପିର ପରବର୍ତ୍ତୀ ପଦକ୍ଷେପ ପୂର୍ବରୁ ସେ ମୁକାବିଲା ସକାଶେ ଆଗୁଆ ଖସଡ଼ା ପ୍ରସ୍ତୁତ କରିଥା'ନ୍ତି।

ବିଜେପି ବୃହତ୍ତମ ଦଳ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ଦାବିରୁ କାହିଁକି ଓହରିଲା ଭଳି ପ୍ରଶ୍ନ ବିଭିନ୍ନ ମହଲକୁ ବିବ୍ରତ କରିଛି। ଏଠାରେ ଏତିକି କୁହାଯାଇ ପାରେ କି କେନ୍ଦ୍ରରେ କ୍ଷମତାସୀନ ବହୁଦଳୀୟ ସରକାରରେ ଜେଡିୟୁ ଅନ୍ୟତମ ଅଂଶୀଦାର। ଦଳର ୧୨ ସଦସ୍ୟ ସମର୍ଥନ ପ୍ରତ୍ୟାହାର କରିନେଲେ ଯେ ସରକାର ସଂଖ୍ୟାଗରିଷ୍ଠତା ହରାଇବ ଏକଥା ନୁହେଁ। କିନ୍ତୁ କେନ୍ଦ୍ର ସରକାର ହଠାତ୍ କୌଣସି ରାଜନୈତିକ ଅସ୍ଥିରତା ସୃଷ୍ଟି ହେବା ଚାହାନ୍ତି ନାହିଁ। ଏସବୁ ସତ୍ତ୍ୱେ ନୀତୀଶ ଯେ ପୂର୍ଣ୍ଣ ୫ ବର୍ଷ ମୁଖ୍ୟମନ୍ତ୍ରୀ ପଦରେ ତିଷ୍ଠି ରହିବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ଦାଓ ପେଞ୍ଚ ରାଜନୀତିର ଚକ କେତେବେଳେ କେଉଁ ଦିଗକୁ ଗଡ଼ିବ ତାହା କହିହେବ ନାହିଁ। ●

## ପାକିସ୍ତାନରେ ବିଲୟର ଆରମ୍ଭ

ପାକିସ୍ତାନର ୨୭ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ୨୪୩ ଧାରାର ହୋଇଥିବା କ୍ଷମତା ଆବଣ୍ଟନକୁ ଓଲଟ ପାଲଟ କରିଦିଆଯାଇଛି। ଯାହା ଫଳରେ ଫିଲ୍ଡମାର୍ଶାଲ ଅସିମ ମୁନୀରଙ୍କୁ ଅଘୋଷିତ ଶାସନ ମୁଖ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ସେ କେବଳ ନ୍ୟାୟପାଳିକାର ନାଲି ଆଖିରୁ ବର୍ତ୍ତିଯିବେ ନାହିଁ, କ୍ଷମତାରୁ ଯିବା ପରେ ଆଇନଗତ ସୁରକ୍ଷା ପାଇବାକୁ ହକଦାର ହେବେ। ଏହାକୁ ଆମେ ବିନା ରକ୍ତପାତରେ ସାମରିକ ବାହିନୀକୁ କ୍ଷମତା ହସ୍ତାନ୍ତର ବୋଲି କହିପାରିବା। ଦକ୍ଷିଣ-ପୂର୍ବ ଏସିଆରେ ଗଣତାନ୍ତ୍ରିକ ପରିସରରେ ଏକଛତ୍ରବାଦକୁ ପ୍ରୋତ୍ସାହିତ କରୁଥିବା ନେତୃତ୍ୱ ପାଇଁ ଏହା ଏକ ଗ୍ରହଣୀୟ ଆଦର୍ଶ ରୂପେ ଆଗାମୀ ଦିନରେ ଉଦାହରଣ ସୃଷ୍ଟି କରିବ।

ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମଧ୍ୟରେ ବହୁମତ ପାଇ ସରକାର ଗଢ଼ିଥିବା ଇମ୍ରାନ୍ ଖାଁଙ୍କୁ କ୍ଷମତାଚ୍ୟୁତ କରିବା ଏବଂ ତାଙ୍କୁ ଗିରଫ କରି ଜେଲ୍‌ରେ ରଖିବା ପଛରେ ପାକ୍ ସେନାବାହିନୀର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପ୍ରବଳ ବିରୋଧ ଓ ଜନଆନ୍ଦୋଳନକୁ କଠୋର ହସ୍ତରେ ଦମନ କରି ସେନାବାହିନୀ ସାଧାରଣରେ ପ୍ରଭାବ ଓ ପତିଆରା ହରାଇଥିଲା। ଏମିତିରେ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ଅସାମର୍ଥ୍ୟ ଏଥିସହ ଯୋଡ଼ି ହୋଇଯାଇଥିଲା। ଏସବୁ ସତ୍ତ୍ୱେ ଦେଶରେ ସାହାବାଜ ଶରିଫଙ୍କ ବହୁଦଳୀୟ ସରକାର ଗଠନ ପଛରେ ମୁନୀରଙ୍କ ସହଯୋଗ ଓ ସମର୍ଥନ ରହିଛି। ଶାସନ କ୍ଷମତା ସହ ସେନାବାହିନୀର ସଂପର୍କ ପୁଣି ନିବିଡ଼ ହୋଇଛି। ପାକିସ୍ତାନ ବିରୋଧରେ ଭାରତର 'ଅପରେସନ ସିନ୍ଦୂର'ର ଭୟଙ୍କର ସ୍ଥିତିରୁ ଦେଶକୁ ସୁରକ୍ଷା ଦେବାରେ ମୁନୀରଙ୍କ ସମର୍ଥ ନେତୃତ୍ୱ ସାଧାରଣରେ କେବଳ ପ୍ରଶଂସିତ ହୋଇ ନାହିଁ ଶାସନର ସବୁସ୍ତରରେ ତାଙ୍କର ପ୍ରାଧାନ୍ୟ ବୃଦ୍ଧି କରିଛି। ଏହା କ୍ରମେ ଶରିଫ ସରକାରକୁ ୨୭ ତମ ସମ୍ବିଧାନ ସଂଶୋଧନ ପାଇଁ ଅନୁପ୍ରାଣିତ କରିଛି। ଏହାଫଳରେ ସୁପ୍ରିମକୋର୍ଟର କ୍ଷମତା ଓ ସ୍ୱାଧୀନତା ହନନ ହୋଇଛି। ଏଣିକି ଏହି ସର୍ବୋଚ୍ଚ ଅଦାଲତ କେବଳ ଫୌଜଦାରୀ ଓ ଦେୱାନୀ ମାମଲାର ରିଟ ପିଟିସନ ଶୁଣାଣି କରିବେ। ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲା ବିଚାର ପାଇଁ ଫେଡେରାଲ କନ୍‌ଷ୍ଟିଚ୍ୟୁସନାଲ୍ କୋର୍ଟ ପ୍ରତିଷ୍ଠା କରାଯିବ। ପ୍ରତିବାଦରେ ଦେଶରେ ଲୋକପ୍ରିୟ ପ୍ରମୁଖ ବିଚାରପତି ଇସ୍ତଫା ଦେଇଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ଅନୁଭୂତ ହୋଇନାହିଁ।

କ୍ଷମତା ଅତିକ୍ରମଣ ପ୍ରବୃତ୍ତି ବ୍ୟବସ୍ଥାର ସବୁସ୍ତରରେ ଅନୁଭୂତ ହୋଇଆସିଛି। ସାମ୍ବିଧାନିକ କଟକଣା ଓ ବ୍ୟବସ୍ଥିତ ନିୟମର କଠୋର ଶୃଙ୍ଖଳ ଏହାକୁ ରୋକିପାରିନି। କ୍ଷମତାର ଅଳିନ୍ଦକୁ ଆହ୍ୱାନ ଦେବାକୁ ହେଲେ ନ୍ୟାୟପାଳିକାର ଆଶ୍ରୟ ନେବାକୁ ହେବ। କିନ୍ତୁ ଯେତେବେଳେ ନ୍ୟାୟପାଳିକାର କ୍ଷମତା ଓ ସ୍ୱାଧୀନତା ସଂକୁଚିତ ହୋଇଯିବ, ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡ଼ିବା ଆରମ୍ଭ କରିବ। ଏକଥା ସତ ଯେ ପାକିସ୍ତାନ ଇତିହାସରେ ନିର୍ବାଚିତ ସରକାରଙ୍କୁ ୫ ବର୍ଷର ମିଆଦ ପୂରଣ କରିବାକୁ ଦିଆଯାଇନାହିଁ। ସେନାବାହିନୀର ପ୍ରଭାବ ଓ ପ୍ରାଧାନ୍ୟରେ ଆବଶ୍ୟକ ସ୍ଥଳେ ନେତୃତ୍ୱ ପରିବର୍ତ୍ତନ କିମ୍ବା ନିଜେ ସେନାନାୟକ ଏକ ବିଦ୍ରୋହ ମାଧ୍ୟମରେ କ୍ଷମତା ହାତକୁ ନେଇଛନ୍ତି। ତେବେ ଏହି ଘଟଣା ପ୍ରବାହ ମଧ୍ୟରେ ନ୍ୟାୟପାଳିକାର ଭୂମିକାକୁ ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରଖାଯାଇଥିଲା। ବର୍ତ୍ତମାନ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯେଉଁ ନୂଆ ଅଧ୍ୟାୟ ଯୋଡ଼ାଯାଇଛି ତାହା ପାକିସ୍ତାନର ଗଣତାନ୍ତ୍ରିକ ବ୍ୟବସ୍ଥା ବିଲୟର ଅୟମାରମ୍ଭ କୁହାଯାଇପାରେ। ●

# ଏଆଇ ଶିଳ୍ପର ଆର୍ଥିକ ସ୍ଥିତି

**ସନ୍ତୋଷ କୁମାର ମିଶ୍ର**

ଚଳିତ ଶତାବ୍ଦୀର ତୃତୀୟ ଦଶନ୍ଧି ପ୍ରାରମ୍ଭରୁ ଆରମ୍ଭ ହୋଇଛି ପଞ୍ଚମ ଶିଳ୍ପ ବିପ୍ଳବ। ସାଧାରଣ ଭାବରେ ଏହି ନୂତନ ଶିଳ୍ପ ଯୁଗକୁ 'କୃତ୍ରିମ ବୁଦ୍ଧିମତ୍ତା' ବା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)'ର ଯୁଗ କୁହାଯାଉଛି। ମାନବ ସଭ୍ୟତା ଉପରେ ଏହାର ସକାରାତ୍ମକ ପ୍ରଭାବ ଦୃଷ୍ଟିଗୋଚର ହେବା ପୂର୍ବରୁ ଏଥିରୁ ଉତ୍ପନ୍ନ ସମସ୍ୟା ବିରୋଧରେ ସମଗ୍ର ବିଶ୍ୱରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଆଇର ବ୍ୟାପକ ବ୍ୟବହାର ଫଳରେ ଉଭୟ ବୌଦ୍ଧିକ କର୍ମଜୀବୀ(ୱାଇଟ କଲାର ୱାକର୍ସ) ଓ ଶାରୀରିକ ଶ୍ରମଜୀବୀ(ବ୍ଲୁ କଲାର ୱାକର୍ସ) ଜୀବିକା ହରାଇବାରେ ଲାଗିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଚିନ୍ତନ ଶକ୍ତି ହ୍ରାସ ପାଉଥିବା ଅଭିଯୋଗ ହେଉଛି। ଏଆଇ ପାଇଁ ବଡ଼ ବଡ଼ ଡାଟା ସେଣ୍ଟରର ସ୍ଥାପନ ହେତୁ ବିଜୁଳି ଖର୍ଚ୍ଚ ବୃଦ୍ଧି ସହିତ ଶୀତଳୀକରଣ ପାଇଁ ଜଳ ଅପଚୟ ଓ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଇଛି।

ବର୍ତ୍ତମାନ ଏଆଇ ବିଶ୍ୱ ଅର୍ଥନୀତିକୁ ବିଯୁକ୍ତାତ୍ମକ ଭାବରେ ପ୍ରଭାବିତ କରୁଛି। ଗତ ୪ ତାରିଖରେ ବିଶ୍ୱର ସର୍ବବୃହତ ଆମେରିକୀୟ ପ୍ରତିଭୂତି ବଜାର 'ନାସଡାକ୍'ରେ ବୃହତ୍ ସୂଚନା ପ୍ରଯୁକ୍ତି ବିଜ୍ଞାନ ସଂସ୍ଥା ବା କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହଠାତ୍ ହ୍ରାସ ପାଇବାରୁ ଗୋଟିଏ ଦିନରେ ନିବେଶକମାନେ ୭୩୦ ବିଲିୟନ୍ ଡଲାର କ୍ଷତି ସହିଛନ୍ତି। ଏହିସବୁ କମ୍ପାନୀଗୁଡ଼ିକ ଏଆଇ ଶିଳ୍ପର ମେରୁଦଣ୍ଡ। ଏମାନେ ଏଆଇ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ କରୁଛନ୍ତି। ତେଣୁ ଗତ କିଛିମାସ ଧରି ଏଆଇ ଶିଳ୍ପର ଆର୍ଥିକ ଦିଗ ବିଷୟରେ ଗବେଷଣା ଓ ଆଲୋଚନା ଆରମ୍ଭ ହୋଇଛି।

ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଏଆଇର ଏକ ସ୍ୱତନ୍ତ୍ର ଓ ପ୍ରମୁଖ ସ୍ଥାନ ରହିଛି। କିନ୍ତୁ ଏଆଇ ଶିଳ୍ପର ପ୍ରକୃତ ଆର୍ଥିକ ସ୍ଥିତି ବା ଏହାର ଆକାର କେତେ ସେ ବିଷୟରେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ସାର୍ବଜନୀନ ହୋଇ ନାହିଁ। ବର୍ତ୍ତମାନ ଯେଉଁ ଚାରି/ପାଞ୍ଚୋଟି ବୃହତ୍ ଏଆଇ କମ୍ପାନୀ ନିଜର ଏଆଇ ଟୁଲ୍ ମାଧ୍ୟମରେ ସେବା ଯୋଗାଇ ଦେଇ ଆସୁଛନ୍ତି, ସେମାନେ କେତେ ଅର୍ଥ ବିନିଯୋଗ କରିଛନ୍ତି ତାହାର ଔପଚାରିକ ତଥ୍ୟ ପ୍ରଦାନ କରି ନାହାନ୍ତି। ସେମାନଙ୍କୁ ସାହାଯ୍ୟ କରୁଥିବା ହାର୍ଡୱେର କମ୍ପାନୀଗୁଡ଼ିକର ପ୍ରତିଭୂତି ବଜାରରେ ଅଂଶଧନର ସ୍ଥିର ମୂଲ୍ୟ ନାହିଁ। ଏଆଇ ଶିଳ୍ପର ବ୍ୟାପକ ଅଭିବୃଦ୍ଧି ସତ୍ତ୍ୱେ ଚିପ୍ କମ୍ପାନୀଗୁଡ଼ିକର ଅଂଶଧନ ଅବମୂଲ୍ୟାୟନ ହେଉଛି କାହିଁକି ତାହା ସ୍ପଷ୍ଟ ହୋଇ ନାହିଁ।

ଏଆଇ ଚିପ୍ ପ୍ରସ୍ତୁତ କରୁଥିବା ଗୋଟିଏ କମ୍ପାନୀର ଆକାର ଭାରତ ଓ ଜାପାନର ମୋଟ ଘରୋଇ ଉତ୍ପାଦଠାରୁ ମଧ୍ୟ ଅଧିକ। କିନ୍ତୁ ପ୍ରତିଭୂତି ବଜାରରେ ତାହାର ଅଂଶଧନ ହାରାହାରି ଦଶଶତାଂଶ ହ୍ରାସ ପାଇଛି। ଗତ ଜାନୁୟାରୀ ମାସରେ ଯେତେବେଳେ ଏକ ଚାଇନିଜ୍ କମ୍ପାନୀ ନିଜର ଏଆଇ ଟୁଲ୍‌ର ସେବା ପ୍ରଦାନ ଆରମ୍ଭ କରିଥିଲା ସେତେବେଳେ ଏହି କମ୍ପାନୀ ସେୟାର ବଜାରରେ ଧରାଶାୟୀ ହୋଇଗଲା। କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ପୁନର୍ବାର ଏହି କମ୍ପାନୀର ମୋଟ ଆକାର ତିନି ଟ୍ରିଲିୟନ ଡଲାରକୁ ସ୍ପର୍ଶ କଲା। ଗତ ଅଢ଼େଇ ମାସ ମଧ୍ୟରେ ଏହି କମ୍ପାନୀର ଆକାର ଦୁଇ ଟ୍ରିଲିୟନ୍ ଡଲାର ବୃଦ୍ଧି ପାଇଛି। ଏଆଇ ଶିଳ୍ପ ପରି ଏକ ଉଦୀୟମାନ କ୍ଷେତ୍ରରେ ଏହା କିପରି ସମ୍ଭବ ହେଲା ତାହା ଅର୍ଥଶାସ୍ତ୍ରୀମାନଙ୍କ ପାଇଁ ଅବୋଧ ରହିଛି। ଏଆଇ ଶିଳ୍ପର ଆରମ୍ଭ ସମୟରୁ ବିଭିନ୍ନ ପ୍ରକାରର ଏଆଇ ଟୁଲକୁ ବଜାର ପ୍ରବେଶ କରାଇବା ସମୟରେ କମ୍ପାନୀମାନେ ଏହାକୁ ଏକ ଯୁଗାନ୍ତକାରୀ ଉଦ୍ଭାବନ ରୂପେ ଅଭିହିତ କରିଥିଲେ ଏବଂ ଏହାର ସାହାଯ୍ୟ ନେଇ ନିଜର ଦକ୍ଷତାକୁ ବୃଦ୍ଧି କରିପାରିବେ ବୋଲି ପ୍ରଚାର କରିଥିଲେ। କିନ୍ତୁ କମ୍ପାନୀମାନେ ଏଥିରୁ କିପରି ଲାଭବାନ ହେବେ ତାହା ଜାଣିବା ସମ୍ଭବ ହୋଇ ପାରି ନ ଥିଲା। ଅର୍ଥାତ ଏଆଇ ଶିଳ୍ପର ନିର୍ଦ୍ଦିଷ୍ଟ ବ୍ୟବସାୟ ପ୍ରଣାଳୀ ବା ବିଜିନେସ୍ ମଡେଲ ନାହିଁ। ଏଆଇ ଟୁଲ୍‌କୁ ବିକଶିତ କରିବା ଏବଂ ସେଥିରେ ସମୟୋପଯୋଗୀ ପରିବର୍ତ୍ତନ ଆଣି ତାହାକୁ ଅଧିକ ଦକ୍ଷ କରିବା ସହିତ ଏହାଉପରେ ନିୟମିତ ଗବେଷଣା କରିବା, ଡାଟା ସେଣ୍ଟର ସ୍ଥାପନ ଓ ରକ୍ଷଣାବେକ୍ଷଣ, କର୍ମଚାରୀମାନଙ୍କ ବେତନ, ବିଜ୍ଞାପନ ଇତ୍ୟାଦି ପାଇଁ କମ୍ପାନୀମାନେ କିପରି ଅର୍ଥ ଉପାର୍ଜନ କରିବେ ବା କରୁଛନ୍ତି ତାହା ଏବେ ମଧ୍ୟ ରହସ୍ୟମୟ।

ମାସାଚୁସେଟ୍ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ୧୫୦ଟି ଏଆଇ ଶିଳ୍ପ ସହିତ ସମ୍ପୃକ୍ତ କମ୍ପାନୀମାନଙ୍କ ଉପରେ ଏକ ସର୍ବେକ୍ଷଣ କରିଥିଲେ। ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ପ୍ରାୟ ୯୫ ଶତାଂଶ କମ୍ପାନୀ ଏଆଇ ଶିଳ୍ପରେ ବ୍ୟାପକ ପୁଞ୍ଜି ବିନିଯୋଗ କରିବା ପରେ କୌଣସି ଉପାୟରେ ଆର୍ଥିକ ଲାଭ ପ୍ରାପ୍ତ କରିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। ଅନ୍ୟପକ୍ଷରେ ସମଗ୍ର ବିଶ୍ୱରେ ବଡ଼ ବଡ଼ ଏଆଇ କମ୍ପାନୀମାନଙ୍କ ପୁଞ୍ଜି ବିନିଯୋଗ ୨୦୨୫ ମଧ୍ୟ ଭାଗ ବେଳକୁ ୩୦୦ ବିଲିୟନ୍ ଡଲାରରୁ ଅଧିକ ରହିଛି। ଛୋଟ ଛୋଟ କମ୍ପାନୀମାନଙ୍କରେ ମଧ୍ୟ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱରେ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ଯେତେ ବିନିଯୋଗ ହୁଏ, ତାହାର ପ୍ରାୟ ୭୧ ଶତାଂଶ କେବଳ ଏଆଇ ଶିଳ୍ପରେ ସମ୍ପୃକ୍ତ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ହୋଇଛି। ତେଣୁ ଏଥିରୁ ସ୍ପଷ୍ଟ ହୋଇଛି ଯେ ନିବେଶକ ଏଆଇ ଶିଳ୍ପରେ ପ୍ରଚୁର ପୁଞ୍ଜି ବିନିଯୋଗ କରୁଛନ୍ତି।

ଆର୍ଥିକ ପରାମର୍ଶଦାତା ମେକେଞ୍ଜିର ଏକ ଆକଳନ ଅନୁସାରେ ବିଶ୍ୱର ପ୍ରମୁଖ ପାଞ୍ଚୋଟି ଆଇଟି କମ୍ପାନୀ ଏଆଇ କ୍ଷେତ୍ରରେ ମିଳିତ ଭାବରେ ବିଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୫୬୦ ବିଲିୟନ ଡଲାର ବିନିଯୋଗ କରିଥିଲେ। କିନ୍ତୁ ମାତ୍ର ୩୫ ବିଲିୟନ୍ ଡଲାର ଆୟ କରିବା ପାଇଁ ସକ୍ଷମ ହୋଇଥିଲେ। ଆର୍ଥିକ ଉପଦେଷ୍ଟା ବ୍ରେନ୍ ଆଣ୍ଡ କମ୍ପାନୀର ଏକ ଆକଳନ ଅନୁସାରେ ୨୦୩୦ ବେଳକୁ ବିଶ୍ୱର ଏଆଇ ଚାହିଦାକୁ ପୂରଣ କରିବା ପାଇଁ ପ୍ରମୁଖ ଆଇଟି କମ୍ପାନୀମାନଙ୍କ ବାର୍ଷିକ ଆୟ ପ୍ରାୟ ୨ ଟ୍ରିଲିୟନ ଡଲାରରୁ ଅଧିକ ରହିବା ଆବଶ୍ୟକ। କିନ୍ତୁ ୨୦୩୦ ବେଳକୁ କମ୍ପାନୀମାନେ ମାତ୍ର ୨୦୦ ବିଲିୟନ ଡଲାର ଆୟ କରିବା ପାଇଁ ସମର୍ଥ ହେବେ। ପ୍ରାୟ ୮୦୦ ବିଲିୟନ ଡଲାରରୁ ଅଧିକ କ୍ଷତି ମଧ୍ୟରେ କମ୍ପାନୀମାନେ ତିଷ୍ଠି ରହିବା ପାଇଁ କେତେଦୂର ସକ୍ଷମ ହେବେ ତାହା ଏକ ବଡ଼ ଜଟିଳ ପ୍ରଶ୍ନ। ଏହାସତ୍ତ୍ୱେ ଗୋଟିଏ ପ୍ରମୁଖ ଏଆଇ କମ୍ପାନୀ କହିଛି ଯେ ଗୋଟିଏ ସାଧାରଣ ପ୍ରଶ୍ନର ଉତ୍ତର ଦେବା ବେଳେ କମ୍ପାନୀର ଦଶ ଡଲାରର ଖର୍ଚ୍ଚ ହୁଏ; କିନ୍ତୁ ଭାରତ ପରି ବିଶାଳ ବଜାରରେ ସମସ୍ତ ପ୍ରମୁଖ ଏଆଇ କମ୍ପାନୀମାନେ ସେବାକୁ ସମ୍ପୂର୍ଣ୍ଣ ଭାବରେ ନିଃଶୁଳ୍କ କରିଛନ୍ତି।

ଏପରି ପରିସ୍ଥିତିରେ ପ୍ରତିଭୂତି ବଜାରରେ ଏଆଇ ଶିଳ୍ପ କମ୍ପାନୀମାନଙ୍କ ଅଂଶଧନକୁ ସଠିକ୍ ଭାବରେ ଚିନ୍ତା କରି କ୍ରୟ କରିବା ପାଇଁ ମୋର୍ଗନ୍ ଷ୍ଟାନଲି ଓ ଗୋଲ୍ଡମ୍ୟାନ ସ୍ୟାକ୍ସ ନିବେଶକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ତର୍କ ରହିଛି ଯେ ଏଆଇ ଶିଳ୍ପରେ ସଂପୃକ୍ତ କମ୍ପାନୀମାନଙ୍କ ଅଂଶଧନକୁ ମାତ୍ରାଧିକ ମୂଲ୍ୟାୟନ କରାଯାଇଛି। ବଜାରରେ ଏଆଇ ବିଷୟରେ ଅମୂଳକ ଓ ଅଯଥା ପରିକଳ୍ପିତ ଧାରଣା ସେମାନଙ୍କୁ ସାହାଯ୍ୟ କରୁଛି। ସେଥିପାଇଁ ପ୍ରତିଭୂତି ବଜାରରେ ଯେପରି ବଡ଼ ଧରଣର ସ୍ଖଳନ ନ ଆସେ ଏବଂ ନିବେଶକଙ୍କ ବଡ଼ ଧରଣର କ୍ଷତି ନ ହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏଆଇ ଶିଳ୍ପ ପାଇଁ ଚିପ୍ ପ୍ରସ୍ତୁତ କରୁଥିବା ଆମେରିକୀୟ କମ୍ପାନୀମାନଙ୍କ ଅଂଶଧନରେ ଅବମୂଲ୍ୟାୟନ ପଛରେ ଭୂ-ରାଜନୈତିକ ଅସ୍ଥିରତାକୁ ମଧ୍ୟ ଦାୟୀ କରାଯାଉଛି। ଆମେରିକାର ଉଚ୍ଚ ବାଣିଜ୍ୟ ଶୁଳ୍କ ନୀତି ଫଳରେ ଚୀନ ଚିପ୍ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ହେଉଥିବା ଦୁର୍ଲଭ ଖଣିଜ ପଦାର୍ଥର ରପ୍ତାନି ଉପରେ କଟକଣା ଲାଗୁ କରିଥିବାରୁ ଚିପ୍ କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହ୍ରାସ ପାଉଛି ବୋଲି ଅନୁମାନ କରାଯାଉଛି।

ଏଆଇ ପରି ମାତ୍ର ତିନିବର୍ଷର ଶିଶୁ ଶିଳ୍ପରୁ ଭବିଷ୍ୟତରେ ପ୍ରଚୁର ଲାଭର ଆଶା ରଖି ଏଥିରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ କରିବା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଛି। କାରଣ ସୂଚନା ପ୍ରଯୁକ୍ତି ବିଜ୍ଞାନ ଶିଳ୍ପ ପ୍ରାୟ ଦୁଇ ଦଶନ୍ଧି ପୂର୍ବେ ଏକ ବଡ଼ ଧରଣର ଆର୍ଥିକ ସ୍ଖଳନ ଦେଖିଛି। ୨୦୦୦ ମସିହାର ଡଟ୍ କମ୍ ବବଲ୍‌ର ଭୟ ଏଆଇ ଶିଳ୍ପ ମଧ୍ୟରେ ଦେଖା ଦେଇଛି। ୧୯୯୦ ମସିହାରେ ଇଣ୍ଟରନେଟ୍ ଯୁଗ ଆରମ୍ଭ ହେବା ବେଳେ ବହୁତ କମ ସମୟ ମଧ୍ୟରେ ଏଥିରୁ ପ୍ରଚୁର ଆଶା ରଖି ବିପୁଳ ପୁଞ୍ଜି ବିନିଯୋଗ ସହ ଶହ ଶହ ଷ୍ଟାର୍ଟଅପ୍ କମ୍ପାନୀ ସେବା ଆରମ୍ଭ କଲେ। କିନ୍ତୁ ଇଣ୍ଟରନେଟ୍ ଶିଳ୍ପରୁ ସେପରି ଲାଭ ନ ମିଳିବାରୁ କମ୍ପାନୀମାନେ ଦେବାଳିଆ ହେବାକୁ ଲାଗିଲେ ଏବଂ ପୁଞ୍ଜି ପ୍ରତ୍ୟାହାର ଆରମ୍ଭ ହେଲା। ଏହାର ଏକମାତ୍ର କାରଣ ଥିଲା ଇଣ୍ଟରନେଟ୍ ଶିଳ୍ପରେ ବ୍ୟବସାୟ କିପରି ଚାଲିବ ସେ ବିଷୟରେ ନିବେଶକମାନେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞ ଥିଲେ। ସେତେବେଳେ 'ନାସଡାକ୍'ରେ ପ୍ରାୟ ୫ ଟ୍ରିଲିୟନ ଡଲାର ରାତାରାତି ଉଭାନ ହୋଇଯାଇଥିଲା।

ଭାରତରେ ମଧ୍ୟ ଏଆଇ ଶିଳ୍ପରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷରେ ଏଆଇ ଶିଳ୍ପରେ ପ୍ରାୟ ୫୨୪ ନିୟୁତ ଡଲାର ନିବେଶ ହୋଇଛି। ବିନା କୌଣସି ତଥ୍ୟ ଆଧାରରେ ଦୂର ଭବିଷ୍ୟତକୁ ଆକଳନ କରି ପ୍ରଚୁର ପୁଞ୍ଜି ବିନିଯୋଗ କରିବା ବିପଦପୂର୍ଣ୍ଣ ହୋଇପାରେ। ●

ବେଲେଶ୍ୱର(କଟକ),
ମୋ: ୯୪୩୭୧୨୮୪୬୪

# ଆଧୁନିକ ପୁଞ୍ଜିବାଦର ଉଦୀୟମାନ ମାନବୀୟ ପ୍ରକୃତି

**ମାନସ କୁମାର କର**

ଭାରତୀୟ ସଂସ୍କୃତିରେ ଦାନ ପରମ୍ପରାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ଧର୍ମ ଓ ସାମାଜିକ ଦାୟିତ୍ୱ ସହିତ ଜଡ଼ିତ କରାଯାଇଛି। ହୁଏତ ଏହି କାରଣରୁ ଭାରତରେ ଧାର୍ମିକ ସମାରୋହରେ ଦାନ ଦେବାର ପରମ୍ପରାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହି ପରମ୍ପରାର ଉଦ୍ଦେଶ୍ୟ କେବଳ ଅଭାବୀମାନଙ୍କୁ ସାହାଯ୍ୟ କରିବା ନୁହେଁ, ବରଂ ସମାଜରେ ସନ୍ତୁଳନ ଓ ମାନବିକତା ବଜାୟ ରଖିବା। ଦେଶରେ ଅସମାନତା ଓ ଦାରିଦ୍ର୍ୟର ପରିସ୍ଥିତି ଦେଖିବା ପରେ ସମ୍ଭବତଃ ମହାତ୍ମା ଗାନ୍ଧୀ 'ଟ୍ରଷ୍ଟିସିପ୍' ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଅନୁସାରେ ଧନୀ ଲୋକମାନେ ସେମାନଙ୍କ ସମ୍ପତ୍ତିର ମାଲିକ ନୁହନ୍ତି, କେବଳ ଟ୍ରଷ୍ଟି କିମ୍ବା ରକ୍ଷକ ଅଟନ୍ତି ଏବଂ ସେମାନେ ସେମାନଙ୍କର ସମ୍ପତ୍ତିକୁ କେବଳ ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ବ୍ୟବହାର କରିବା ସହିତ ଅବଶିଷ୍ଟ ସମ୍ପତ୍ତିକୁ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗ କରିବା ଉଚିତ। ଏହି ନୀତି ହୃଦୟ ପରିବର୍ତ୍ତନ ଓ ସ୍ୱେଚ୍ଛାକୃତ ତ୍ୟାଗ ଉପରେ ଆଧାରିତ।

ଆମେରିକୀୟ ଶିଳ୍ପପତି ୱାରେନ ବଫେଟ୍ ତାଙ୍କ ମୃତ୍ୟୁ ପରେ ତାଙ୍କ ପିଲାମାନଙ୍କ ଦ୍ୱାରା ପରିଚାଳିତ ଏକ ଦାନଯୋଗ୍ୟ ଟ୍ରଷ୍ଟକୁ ୧୫୦ ବିଲିୟନ ଡଲାର ସମ୍ପତ୍ତି ଦାନ କରିବାକୁ ଘୋଷଣା କରିଥିଲେ। ଏହି ଟ୍ରଷ୍ଟ ମାଧ୍ୟମରେ ତାଙ୍କ ପିଲାମାନେ ଏହି ସମ୍ପତ୍ତିକୁ ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବେ ଏବଂ ସେମାନଙ୍କ ପିଲାମାନେ ନିଜସ୍ୱ ବୁଝାମଣା ଓ ସହମତି ଆଧାରରେ ନିଷ୍ପତ୍ତି ନେବେ। ଏହା ନିଃସନ୍ଦେହରେ ଏକ ଭଲ ପରମ୍ପରା। କିନ୍ତୁ ଏହାକୁ ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ନୀତିର ଆଧାର ଭାବରେ ଦେଖାଯାଇପାରିବ କି? ନା ଏହାକୁ ପୁଞ୍ଜିବାଦର ଏକ ମାନବିକ ଚେହେରା ଭାବରେ ଦେଖାଯିବା ଉଚିତ?

ପ୍ରଶ୍ନ ହେଉଛି: କ'ଣ କଲ୍ୟାଣକାରୀ ପୁଞ୍ଜିବାଦ ସମ୍ଭବ? ନା ଜୀବନବ୍ୟାପୀ ଶୋଷଣ ଓ ଅତ୍ୟାଚାର ପରେ ପୁଞ୍ଜିବାଦୀମାନେ ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିବା ସ୍ୱାଭାବିକ? ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋ-ପୁଞ୍ଜିବାଦର, ଯେଉଁଠାରେ ଟେକ୍ନୋଲୋଜି ନବସୃଜନ ଏବଂ ପୁଞ୍ଜି ହେଉଛି ଧନ, ଅଭିବୃଦ୍ଧି ଓ ଶକ୍ତିର ପ୍ରାଥମିକ ଚାଳକ। ଏହା ଧନୀ ଓ ଗରିବଙ୍କ ମଧ୍ୟରେ ବଢ଼ୁଥିବା ପାର୍ଥକ୍ୟକୁ ସୂଚାଉଛି, ଯାହାଫଳରେ ଧନୀମାନେ ଅଧିକ ଧନୀ ହେଉଛନ୍ତି। ନବ-ପୁଞ୍ଜିବାଦର ଏହି ଯୁଗରେ ଶୋଷଣ ଓ ଅତ୍ୟାଚାର ବଦଳରେ ପୁଞ୍ଜିବାଦର ଏକ କଲ୍ୟାଣକାରୀ ରୂପ ଉଭା ହେଉଛି, ଯାହା ଦୁଇଟି ଉପାୟରେ କାମ କରେ। ପ୍ରଥମତଃ, କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ରୂପରେ ଏବଂ ଦ୍ୱିତୀୟତଃ, ଦାନ ରୂପରେ। ପୁଞ୍ଜିବାଦ ଭିତରେ ଥିବା ସଙ୍କଟ କ'ଣ ଏହି ଲୋକମାନଙ୍କୁ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ କରିବାକୁ ବାଧ କରୁଛି? ନା ବଜାର ଏବେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ରାଷ୍ଟ୍ରକୁ ସ୍ଥାନ ଦେଉଛି?

ପୁଣି ପ୍ରଶ୍ନ ଉଠେ, କେବଳ ୯୦ ବର୍ଷ କିମ୍ବା ତା'ଠାରୁ ଅଧିକ ବର୍ଷ ବୟସରେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ ହେବାର ଚିନ୍ତାଧାରା କାହିଁକି ମନକୁ ଆସେ? ଭାରତରେ ରତନ ଟାଟା ଓ ଅଜିମ ପ୍ରେମଜୀଙ୍କ ପରି କେତେକ ବଦାନ୍ୟ ଉଦାହରଣୀୟ ଓ ଅନୁକରଣୀୟ ବ୍ୟକ୍ତିତ୍ୱ ପୁଞ୍ଜିବାଦର କୁତ୍ସିତ ଚେହେରାକୁ କଲ୍ୟାଣକାରୀ ଓ ମାନବିକ ଚେହେରାରେ ବଦଳାଇ ଦେଇଛନ୍ତି, ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ ଓ ପରିବେଶ ସୁରକ୍ଷା ଭଳି କ୍ଷେତ୍ରରେ ସମାଜରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ଅନ୍ୟପକ୍ଷରେ, ପୁଞ୍ଜିବାଦର ଏକ ଅମାନବୀୟ ଓ ଶୋଷଣକାରୀ ଦିଗ ମଧ୍ୟ ଅଛି, ଯାହାର ବୈଶିଷ୍ଟ୍ୟ ହେଉଛି ୯୦ ଘଣ୍ଟାର କାର୍ଯ୍ୟ ଅଥବା ଦୀର୍ଘ କାର୍ଯ୍ୟସମୟ, ଅସୁରକ୍ଷିତ କର୍ମକ୍ଷେତ୍ର ପରିବେଶ, ଚାକିରି ଅସୁରକ୍ଷିତତା, ଛଟେଇର ଭୟ ଓ କମ ମଜୁରୀ।

ପ୍ରୋଟେଷ୍ଟାଣ୍ଟ ନୀତିଶାସ୍ତ୍ର ଓ ପୁଞ୍ଜିବାଦର ଢାଞ୍ଚାରେ ସମାଜବିଜ୍ଞାନୀ ମ୍ୟାକ୍ସ ୱେବର 'ପ୍ରୋଟେଷ୍ଟାଣ୍ଟ ଏଥିକ୍ସ ଆଣ୍ଡ ଦି ସ୍ପିରିଟ୍ ଅଫ୍ କ୍ୟାପିଟାଲିଜିମ୍' ଏବଂ କାର୍ଲ ମାର୍କ୍ସ 'ଦାସ କାପିଟାଲ୍' ରେ ସମାନ ଆଲୋଚନା କରିଥିଲେ, ଯେଉଁଠାରେ ୱେବର ପୁଞ୍ଜିବାଦର କଲ୍ୟାଣକାରୀ ଦିଗକୁ ଉପସ୍ଥାପନ କରିଥିଲେ ଏବଂ ମାର୍କ୍ସ ଶୋଷଣମୂଳକ ଦିଗକୁ ଦେଖାଇଥିଲେ। ଏହା ମଧ୍ୟ ସତ୍ୟ ଯେ ସେହି ସମୟରେ ପ୍ରଯୁକ୍ତିବିଦ୍ୟା ଆଜି ପରି ପ୍ରଭାବଶାଳୀ ନଥିଲା ଏବଂ ଯେତେବେଳେ ପୁଞ୍ଜିବାଦୀମାନେ ଏହି ପ୍ରଯୁକ୍ତିବିଦ୍ୟା-ପୁଞ୍ଜିବାଦରୁ ଯଥେଷ୍ଟ ଲାଭ ଅମଳ କରୁଛନ୍ତି, ସେମାନେ ଭୟ କରୁଛନ୍ତି ଯେ ଜନସଂଖ୍ୟାର ଏକ ଅଂଶ ସେମାନଙ୍କ ବିରୁଦ୍ଧରେ ପ୍ରତିବାଦର ଆଶଙ୍କାକୁ ବୃଦ୍ଧି କରିପାରେ। ତେଣୁ ସେମାନେ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି।

ପ୍ରକୃତରେ, ବଜାରର କେବଳ ଗୋଟିଏ ନିୟମ ଅଛି - 'ଏହାର କୌଣସି ନିୟମ ନାହିଁ; ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲାଭ କରିବା।' ହୁଏତ ଏହି କାରଣରୁ ଆଜି ଆମ ସମାଜ ଏତେ ବିପଦ ଓ ଆହ୍ୱାନରେ ଘେରି ରହିଛି। ପୁଞ୍ଜିବାଦୀ ଅର୍ଥନୀତିର ଭବିଷ୍ୟତର ଏହି ଆହ୍ୱାନଗୁଡ଼ିକୁ ପୂର୍ବାନୁମାନ କରି ଗାନ୍ଧିଜୀ 'ଟ୍ରଷ୍ଟିସିପ୍' ନୀତିର ଅବତାରଣା କରିଥିଲେ, ଯାହା ଆଜିର ଦିନରେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସେ ବିଶ୍ୱାସ କରୁଥିଲେ ଯେ ଯଦି ଧନୀ ବ୍ୟକ୍ତିମାନେ ସେମାନଙ୍କର ଅତିରିକ୍ତ ସମ୍ପତ୍ତିକୁ ସମାଜର ହିତ ପାଇଁ ଦାନ ଅବା ବ୍ୟବହାର କରନ୍ତି, ତେବେ ଏହା ସମାଜରେ ସମାନତା ଆଣିପାରିବ ଏବଂ ଧନୀ-ଗରିବଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇପାରିବ, ଯାହା ଏକ ନ୍ୟାୟପୂର୍ଣ୍ଣ ସମାଜ ପ୍ରତିଷ୍ଠାର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିପାରିବ। ●

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ବତରେ ତୀର୍ଥଯାତ୍ରା ଅତ୍ୟନ୍ତ ଲୋକପ୍ରିୟ ପ୍ରଥା। ସେଠାରେ ଅସଂଖ୍ୟ ପୁଣ୍ୟପୀଠ ବା ତୀର୍ଥସ୍ଥଳ ରହିଛି। ଏସବୁ ସ୍ଥଳ ସେମାନଙ୍କର ଧର୍ମ ସମ୍ବନ୍ଧିତ ଏବଂ ତାହା ହେଉଛି ଖ୍ୟାତନାମା ଓ ଅଲୌକିକ ଶକ୍ତିସଂପନ୍ନ ଲାମାମାନଙ୍କ ସ୍ଥଳ, ବୁଦ୍ଧ ତଥା ଅନ୍ୟ ବିଶିଷ୍ଟ ବୌଦ୍ଧାଚାର୍ଯ୍ୟମାନଙ୍କର ଦେହାବଶେଷ ଅଥବା ସ୍ମୃତିସ୍ଥଳ, ପବିତ୍ର ପଦଚିହ୍ନ ସ୍ଥଳ, ପବିତ୍ର ବୃକ୍ଷ ସ୍ଥଳ ଇତ୍ୟାଦି। ଏସବୁ ସ୍ଥଳକୁ ତୀର୍ଥଯାତ୍ରୀମାନେ ବିଭିନ୍ନ ଅର୍ପଣ-ବସ୍ତୁ ସହ ଯାତ୍ରା କରିଥା'ନ୍ତି ଏବଂ ସେହି ବସ୍ତୁଗୁଡ଼ିକୁ ସେଠାରେ ଅର୍ପଣ କରିଥା'ନ୍ତି। ଏହି ବସ୍ତୁ ମଧ୍ୟରେ ସ୍ୱର୍ଣ୍ଣ ଓ ଅନ୍ୟ ମୂଲ୍ୟବାନ ବସ୍ତୁ ମଧ୍ୟ ରହିଥାଏ। ଅନେକ ଯାତ୍ରୀ ଦେଶ ବାହାରର ତୀର୍ଥସ୍ଥାନକୁ ମଧ୍ୟ ଯାତ୍ରା କରିଥା'ନ୍ତି। ଯଥା ଚୀନ, ଭୁଟାନ, ସିକ୍କିମ, ନେପାଳ, କାଶ୍ମୀର-ଗାନ୍ଧାର, ତୁର୍କୀସ୍ତାନ ଓ ଭାରତ ଭଳି ଦେଶକୁ, ଯେଉଁ ସ୍ଥାନସବୁ ମୁଖ୍ୟତଃ ଗୁରୁ ପଦ୍ମସମ୍ଭବ ଓ ଭଗବାନ ବୁଦ୍ଧଙ୍କ ସଂପର୍କିତ ପବିତ୍ର ସ୍ଥାନ।

ମୁସଲମାନମାନଙ୍କର ଯେପରି ମକ୍କା ଓ ମଦିନା, ସେହିଭଳି ତିବ୍ବତୀୟ ଲାମାମାନଙ୍କ ମତରେ ସମସ୍ତ ବୌଦ୍ଧ ଧର୍ମ ଅନୁଗାମୀଙ୍କ ଭଳି ତିବ୍ବତୀୟମାନଙ୍କର ଅତ୍ୟନ୍ତ ପବିତ୍ର ତୀର୍ଥସ୍ଥଳ ହେଲା ବୁଦ୍ଧଗୟାଠାରେ ଥିବା ପବିତ୍ର ବୋଧିବୃକ୍ଷ, ଯେଉଁଠାରେ ଶାକ୍ୟମୁନି ବୁଦ୍ଧତ୍ୱ ଲାଭ କରିଥିଲେ ଏବଂ ସେଠାକାର ମନ୍ଦିର, ଯାହାକୁ ତିବ୍ବତୀୟମାନେ ଗନ୍ଦେଧାଲା କହିଥା'ନ୍ତି। ଏହାପରେ ଅନ୍ୟ ମୁଖ୍ୟ ପବିତ୍ର ସ୍ଥଳ ହେଲା ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳ କୁଶୀନଗର ଏବଂ ଅନ୍ୟ ପବିତ୍ର ସ୍ଥଳଗୁଡ଼ିକ ହେଲା ବୁଦ୍ଧଙ୍କ ଦେହବଶେଷ ରହିଥିବା ଆଠଗୋଟିଯାକ ମହାଚୈତ୍ୟ।



ଦ୍ୱିତୀୟ-ବୁଦ୍ଧ କଥା

ଭାରତରେ ଥିବା ତୀର୍ଥ ସ୍ଥାନସବୁକୁ ତିବ୍ବତୀୟମାନେ ନିୟମିତ ଭାବେ କିମ୍ବା ବେଶୀ ସଂଖ୍ୟାରେ ଆସନ୍ତି ନାହିଁ। ମୁଖ୍ୟ କାରଣ ହେଉଛି ଏସବୁ ବହୁଦୂରରେ ଅବସ୍ଥିତ ଏବଂ ଖର୍ଚ୍ଚବହୁଳ ଯାତ୍ରା। ଆସାମରେ ତିବ୍ବତୀୟମାନଙ୍କର ସାମ୍-ଚୋ-ଡୁନ ନାମକ ଏକ ପବିତ୍ର ବୌଦ୍ଧ ତୀର୍ଥକ୍ଷେତ୍ର ରହିଛି। ଏହା ହେଉଛି ବୁଦ୍ଧଗୟା (ବୋଧଗୟା) ପରେ ଅତ୍ୟନ୍ତ ପବିତ୍ର ପୁଣ୍ୟକ୍ଷେତ୍ର। ସାଧାରଣତଃ ଆସାମରେ କୌଣସି ପ୍ରମୁଖ ବୌଦ୍ଧ ସ୍ଥଳ ନାହିଁ। ପଞ୍ଚମ ଓ ସପ୍ତମ ଶତାବ୍ଦୀରେ ଭାରତ ଭ୍ରମଣ କରିଥିବା ଚୀନ ତୀର୍ଥଯାତ୍ରୀ ଉଭୟ ଫାହିଆନ୍ ଓ ହୁଏନସାଂ ମଧ୍ୟ ଆସାମର କୌଣସି ବୌଦ୍ଧ ସ୍ଥଳ ବିଷୟରେ ଦର୍ଶାଇ ନାହାନ୍ତି। କିନ୍ତୁ ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳକୁ ଲାମାମାନେ ଆସାମ ବୋଲି ବିଶ୍ୱାସ କରିଥା'ନ୍ତି।

ଯାଷ୍ଟକେଙ୍କର ତିବ୍ବତୀୟ ଅଭିଧାନରେ 'ସା-ମଚୋଗ୍-ଗ୍ରୋନ୍' ନାମକ ଏକ ସ୍ଥାନର ନାମ ରହିଛି, ଯାହା ପଶ୍ଚିମ ଆସାମରେ ଅବସ୍ଥିତ। ଏଠାରେ ବୁଦ୍ଧ ପ୍ରାଣତ୍ୟାଗ କରିଥିବା ବିଷୟ ଦର୍ଶାଯାଇଛି। ଏ ବିଷୟଟି 'ଗ୍ୟାଲରାବ୍ସ' ନାମକ ତିବ୍ବତୀୟ ଭାଷାରେ ଲିଖିତ ତିବ୍ବତର ଇତିହାସ ଗ୍ରନ୍ଥରେ ଦର୍ଶାଯାଇଥିବା ଆଧାରରେ ଅଭିଧାନଟିରେ ସୂଚିତ ହୋଇଛି। ସେହିଭଳି ବିଶିଷ୍ଟ ଗବେଷକ କସ୍‌ମୋଡି କୋରୋସ୍ ମଧ୍ୟ ଏକ ପ୍ରାମାଣିକ ଗ୍ରନ୍ଥରେ ଶାକ୍ୟ ମୁନିଙ୍କ ମହାପ୍ରୟାଣ ଆସାମର କୁଶନଗର ଅଥବା କାମରୂପରେ ଘଟିଥିବା ବିଷୟ ତିବ୍ବତୀୟ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଥିବା କଥା ଦର୍ଶାଇଛନ୍ତି। ଏହିଠାରେ ହିଁ ରହିଛି ରହସ୍ୟ ନିର୍ଣ୍ଣୟର ସୂତ୍ର।

ବୁଦ୍ଧଙ୍କ ମହାପରିନିର୍ବାଣ କୁଶୀନଗରଠାରେ ଦୁଇଟି ଶାଳ ବୃକ୍ଷ ମଧ୍ୟରେ ହୋଇଥିବା ସମସ୍ତେ ଜାଣନ୍ତି। ଏହି ସ୍ଥାନଟି ଗୋରଖପୁରଠାରୁ ପୂର୍ବକୁ ପଞ୍ଚତିରିଶ ମାଇଲ ତଥା ବନାରସଠାରୁ ଉତ୍ତର-ପୂର୍ବକୁ ଏକଶହ କୋଡ଼ିଏ ମାଇଲ ଦୂରରେ ଅବସ୍ଥିତ। କୁଶୀନଗର ଯେ ଭଗବାନ ବୁଦ୍ଧଙ୍କର ମହାପରିର୍ନିବାଣ ସ୍ଥଳ ଏହା ବିଶିଷ୍ଟ ଗବେଷକ କନିଙ୍ଗହାମ ଚିହ୍ନଟ କରିସାରିଛନ୍ତି ଏବଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସ୍ଥିରୀକୃତ ସ୍ଥଳ ଭାବେ ସୁପରିଚିତି ଲାଭ କରିସାରିଛି। ଉଭୟ ପ୍ରାଚୀନ ଚୀନ ପରିବ୍ରାଜକ ଫାହିଆନ୍ ଓ ହୁଏନସାଂ ମଧ୍ୟ ପୂର୍ଣ୍ଣ ବିବରଣୀ ସହ ଏହି ସ୍ଥଳ ବିଷୟ ଦର୍ଶାଇଛନ୍ତି। ଏ ସମ୍ପର୍କରେ କୌଣସି ଠାରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ମଧ୍ୟ ନାହିଁ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପାଣି ପାଇଁ ୭୦ ଜନଜାତି ପରିବାର ହନ୍ତସନ୍ତ

ଶରତ/ମହୁଲଡିହା, ୨୧।୧୧(ସମିସ): ଜଳକଷ୍ଟ ଭୋଗୁଛନ୍ତି ଚନ୍ଦନଝରଣ ଏବଂ ଅସୁରଖାଲ ଗ୍ରାମର ୭୦ ଜନଜାତି ପରିବାର। ଏହି ସମସ୍ୟା ସମାଧାନ ନ ହେଲେ ଆସନ୍ତା ଡିସେମ୍ବର ୨ ତାରିଖରେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସ୍ୱାଧୀନତା ପରେ ବି ଚନ୍ଦନଝରଣ ଏବଂ ଅସୁରଖାଲରେ ବାସ କରୁଥିବା ୭୦ ଜନଜାତି ପରିବାର ପାନୀୟ ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏଠାରେ ଆଜି ଯାଏ ନଳକୂପ ସ୍ଥାପନ ହୋଇ ନଥିବାରୁ ଲୋକେ ବାଧ୍ୟ ହୋଇ ଚୁଆ ପାଣି ପିଉଛନ୍ତି। ଏହି ଦୁଇଟି ଯାକ ଗାଁ ଠାକୁରମୁଣ୍ଡା ବ୍ଲକର ଭାଲିଆଡାଳ ଗ୍ରାମ ପଞ୍ଚାୟତରେ ଅବସ୍ଥିତ। ଏଠାକାର ଆଦିମ ଆଦିବାସୀ ସରକାରଙ୍କ ସାମାଜିକ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଗାଁକୁ ଯିବା ପାଇଁ ଭଲ ରାସ୍ତା ନ ଥିବା ବେଳେ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଫଳରେ ଲୋକେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ରାସ୍ତା ନ ଥିବାରୁ ଗାଁରେ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। ଫଳରେ ଗାଁଲୋକେ ରୋଗୀଙ୍କୁ ଡାକ୍ତରଖାନା ପର୍ଯ୍ୟନ୍ତ ଖଟରେ ବୋହି ବୋହି ନିଅନ୍ତି। ବିଶେଷକରି ଗର୍ଭବତୀ ଡାକ୍ତରଖାନାକୁ ଯାଇ ପାରୁ ନଥିବାରୁ ଘରେ ପ୍ରସବ କରୁଛନ୍ତି। ଏଥିସହ ଏଠିକାର ଆଦିମ ଅଧିବାସୀମାନେ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ମଧ୍ୟ ପଟ୍ଟା ପାଇନାହାନ୍ତି।

ଏ ସଂପର୍କରେ ଜିଲ୍ଲାପାଳଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ୧୦ ଦିନ ମଧ୍ୟରେ ଉକ୍ତ ଗ୍ରାମରେ ନଳକୂପ ଖୋଳାଯିବା ପାଇଁ ଠାକୁରମୁଣ୍ଡା ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଅପରପକ୍ଷେ, ଆଗାମୀ ଡିସେମ୍ବର ୨ ତାରିଖ ସୁଦ୍ଧା ସମସ୍ୟା ସମାଧାନ ନହେଲେ, ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମର ଜଗମୋହନ ହେମ୍ବ୍ରମ, ରୁପାଇ କିସ୍କୁ, ନବୀନ ମୁଣ୍ଡରୀ, ଶ୍ୟାମ ସୋରେନ, ସାଲାମା ମୁର୍ମୁ, ବିକ୍ରମ ହାଁସଦା ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମାଫିଆଙ୍କୁ ସୁହାଉଛି ଜବତ ବାଲି ନିଲାମ

ବାରିପଦା,୨୧।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଘୁ ଖଣିଜ ବିଭାଗ ପକ୍ଷରୁ ବେଆଇନ ଗଚ୍ଛିତ ଥିବା ଜବତ ବାଲିକୁ ନିଲାମ ନିମନ୍ତେ ନୋଟିସ ଜାରି କରିଛି। ବେଆଇନ ଭାବେ ଠୁଳ କରାଯାଇଥିବା ବାଲିକୁ ସ୍ପଟ୍ ନିଲାମ କରିବାକୁ ଖଣି ବିଭାଗ ଯୋଜନା କରିଥିବା ବେଳେ ପୁଲିସ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମନା କରିବାକୁ ତାହାକୁ ବନ୍ଦ କରାଯାଇଛି। ଫଳରେ ନିଲାମ ଜରିଆରେ ପୁନର୍ବାର ଜବତ ବାଲିର ପରିବହନ ସହ ବେଆଇନ ଚୋରାଚାଲାଣକୁ ପ୍ରୋତ୍ସାହିତ କରାଯାଇ କଳାବଜାରକୁ ସୁଯୋଗ ଦେବା ଲଘୁ ଖଣିଜ ବିଭାଗକୁ ଝଟକା ଲାଗିଛି। ସୂଚନାଯୋଗ୍ୟ, ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନ କରି ମାଫିଆମାନେ ବଡ଼ସାହି ତହସିଲ ଅଧୀନ ଖୁଣ୍ଟାପାଳ ଗ୍ରାମରେ ଗଚ୍ଛିତ ରଖି ଚୋରାଚାଲାଣ କରୁଥିଲେ। ଖବର ପାଇ ଲଘୁ ଖଣିଜ ବିଭାଗର ଅଧିକାରୀମାନେ ପହଞ୍ଚି ୩ଟି ପ୍ଲଟ୍‌ରୁ ପାଖାପାଖି ୧୦୦୦ କ୍ୟୁବିକ୍ ମିଟର ବାଲିକୁ ଜବତ କରିବା ସହ ସ୍ପଟ୍ ନିଲାମ କରିବାକୁ ଯୋଜନା କରିଥିଲେ। ମାତ୍ର ଏହାକୁ ନେଇ ରାଜସ୍ୱ ବିଭାଗ ଏଥିରେ ଅସହମତି ପ୍ରକାଶ କରିବା ପରେ ଲଘୁଖଣିଜ ବିଭାଗ ପକ୍ଷରୁ ନିଲାମ ପାଇଁ ୨୯୬୯/୨୦ ନଭେମ୍ବର ୨୦୨୫ ଅନୁଯାୟୀ ନୋଟିସ ପ୍ରକାଶ କରିଛି। ୩ଲକ୍ଷ ୧୧ହଜାର ୬ଶହ ଟଙ୍କାରେ ମାତ୍ର ୩ଶହ ୮୦ କ୍ୟୁବିକ ମିଟର ବାଲିଥିବା ଦର୍ଶାଇ ନିଲାମ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଫଳରେ ବାଲି ଚୋରମାନେ ଠୁଳ କରିଥିବା ବାଲିକୁ ପୁଣିଥରେ ନିଲାମ ନେଇ ଅସ୍ଥାୟୀ ପରମିଟ୍ ଯୋଗେ ପୁନର୍ବାର ବାଲି ଉତ୍ତୋଳନ ଓ ପରିବହନ କରିବାକୁ ସୁଯୋଗ ଫସର ଫାଟିଛି।

ଏ ସଂକ୍ରାନ୍ତରେ ଲଘୁ ଖଣିଜ ବିଭାଗର ଅଧିକାରୀ ଉଦୟଭାନୁ ସାହୁ କହନ୍ତି, କର୍ମଚାରୀ ଅଭାବ ଯୋଗୁଁ ସ୍ପଟ୍ ନିଲାମ ପାଇଁ ଯୋଜନା କରାଯାଇଥିଲା। ମାତ୍ର କୌଣସି ଅନିବାର୍ଯ୍ୟ କାରଣ ପାଇଁ ତାହାକୁ ସ୍ଥଗିତ ରଖାଯାଇଛି। ୨୪ ନଭେମ୍ବରରେ ନିଲାମ କରାଯିବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIIBBS 2025039, ତା.08.09.2025 ରିଖ ର

**ଶୁଦ୍ଧିପତ୍ର ସଂ.06**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନଲିଖିତ ରୂପାନ୍ତରର କରାଯାଇଛି, ଯାହା ପ୍ରତି ଦୟାକରି ଧ୍ୟାନ ଦିଅନ୍ତୁ।

କ୍ରମ ସଂ.1 : ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.21.11.2025ରିଖ 1200 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.28.11.2025 ରିଖ 1200 ଘଟିକା।

କ୍ରମ ସଂ.2 : RFP ନଥିପତ୍ରର ଧାରା ସଂ.2.11.2ରେ ସୂଚିବଦ୍ଧ ସମସ୍ତ ନଥିପତ୍ରଗୁଡ଼ିକର ଭୌତିକ ଦାଖଲ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.28.11.2025ରିଖ 1800 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.05.12.2025ରିଖ 1800 ଘଟିକା।

କ୍ରମ ସଂ.3 : RFP ନଥିପତ୍ରର ଧାରା ସଂ.2.11.4(I) ରେ ଉଲ୍ଲେଖିତ ସ୍ଥାନ ଅନୁଯାୟୀ ବୈଷୟିକ ବିଡ୍ ଖୋଲାଯିବ: ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ: ତା.02.12.2025ରିଖ 1200ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.09.12.2025ରିଖ 1200 ଘଟିକା।

ସଂପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-161/CI/25-26


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେକର୍ଡ ସ୍ତରକୁ...

ପରଠାରୁ ଟଙ୍କା ଚାପରେ ରହିଛି। ଚଳିତବର୍ଷ ଟଙ୍କା ଏସିଆ ମହାଦେଶର ସବୁଠାରୁ ଦୁର୍ବଳ ମୁଦ୍ରା ମଧ୍ୟରୁ ଅନ୍ୟତମ। ବିଦେଶୀ ନିବେଶକମାନେ ଏ ପର୍ଯ୍ୟନ୍ତ ଭାରତୀୟ ଇକ୍ୱିଟିରୁ ୧୬.୫ ବିଲିୟନ ଡଲାରର ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଯୋଗୁ ଭାରତୀୟ ଷ୍ଟକ ବଜାର ମଧ୍ୟ ମନ୍ଥର ରହିଛି। ଟଙ୍କାର ଦୁର୍ବଳତା ମଧ୍ୟ ବଜାରରେ ଏହି ହ୍ରାସ ଆଣିଛି। ସପ୍ତାହର ଶେଷ କାରବାର ଦିବସ ଶୁକ୍ରବାର ସେନସେକ୍ସ ଏବଂ ନିଫ୍ଟି ସୂଚକାଙ୍କ ଉଭୟ ହ୍ରାସ ପାଇଛି।

### ମେକ୍ସିକୋର ଫାତିମା...

ସେ ଏହି ପ୍ରତିଯୋଗିତାରେ ସାମିଲ ହୋଇ ବିଜୟୀ ହୋଇଛନ୍ତି। ଫଳରେ ତାଙ୍କ ପାଇଁ ଏହି ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତର ମଣିକା ବିଶ୍ୱଶର୍ମା ଏହି ୭୪ ତମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଶ୍ରେଷ୍ଠ-୩୦ରେ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ସେ ଶ୍ରେଷ୍ଠ-୧୨ରେ ପହଞ୍ଚିବାରେ ସକ୍ଷମ ହୋଇ ନଥିଲେ। ପୂର୍ବରୁ ସେ ଅଗଷ୍ଟ ୧୮ ରେ ୨୦୨୫ ମିସ ୟୁନିଭର୍ସ ଇଣ୍ଡିଆ ଟାଇଟଲ ହାସଲ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ବିବିଏ କରୁଛନ୍ତି।

ଫାତିମା ଜଣେ ଫ୍ୟାସନ ଡିଜାଇନର ଭାବେ ସଫଳତା ହାସଲ କରିଛନ୍ତି। ସେ ଆମେରିକା ଓ ଇଟାଲୀରେ ପଢିଛନ୍ତି। ପିଲାଟି ବେଳୁ ସେ 'ଡିସ୍ଲେକସିଆ ଓ ଏଡିଏଚ୍‌ଡି' ରୋଗରେ ପୀଡିତ ଥିଲେ। କିନ୍ତୁ ସେ ଏହି ଅନ୍ତରାୟକୁ ଅତିକ୍ରମ କରିବା ସହ ନିଜର ସ୍ୱପ୍ନ ସାକାର କରିଛନ୍ତି। ସେ ମଧ୍ୟ କର୍କଟ ରୋଗ ପୀଡିତ ପିଲାଙ୍କ ପାଇ କାର୍ଯ୍ୟ କରିବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି। ବ୍ରହ୍ମାଣ୍ଡ ସୁନ୍ଦରୀ ଆଖ୍ୟା ଅର୍ଜନ କରିବା ସହ ସେ ୨୫୦,୦୦୦ ଡଲାର ଅର୍ଥାତ ୨ କୋଟି ୨୦ ଲ'କ୍ଷ ଟଙ୍କା ଆର୍ôଥକ ପୁରସ୍କାର ହାସଲ କରିଛନ୍ତି। କେବଳ ସେତିକ ନୁହେଁ ସେ ମାସକୁ ୫୦ ହଜାର ଡଲାର ବା ୪୪ ଲକ୍ଷ ଟଙ୍କା ପାଉଣା ମଧ୍ୟ ହାସଲ କରିବେ। ଏହି ଅର୍ଥ ସେ ଭ୍ରମଣ ଅନ୍ୟାନ ଖର୍ଚ୍ଚ ବହନ କରିବେ। ତାଙ୍କୁ ଆମେରିକା ନ୍ୟୁୟର୍କ ସିଟିରେ ଏକ ଘର ମଧ୍ୟ ମିଳିବ। ଆସନ୍ତା ବର୍ଷର ପ୍ରତିଯୋଗିତା ପର୍ଯ୍ୟନ୍ତ ସେ ଏହି ମୁକୁଟକୁ ନିଜ ପାଖରେ ରଖିବେ। ଏହି ମୁକୁଟର ମୂଲ୍ୟ ୫ ମିଲିଅନ ଡଲାର ବା ୪୪ କୋଟି ଟଙ୍କା। ମେକ୍ସିକୋର ଚତୁର୍ଥ ମହିଳା ଭାବେ ସେ ଏହି ବ୍ରହ୍ମାଣ୍ଡ ସୁନ୍ଦରୀ ଟାଇଟଲ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଲୁପିତା ଜୋନ୍ସ (୧୯୯୧), ଜିମେନା ନାଭାରେଟ୍ (୨୦୧୦) ଓ ଆଣ୍ଡ୍ରିଆ ମେଜା (୨୦୨୦) ଏହି ସଫତଳା ପାଇଥିଲେ।

### ଏୟାର ଶୋ'ରେ...

ବିମାନ ସିଧା ତଳକୁ ଖସିଥିଲା ଓ ସେଥିରେ କୌଣସି ଗ୍ଲାଇଡିଂ ଦେଖିବାକୁ ମିଳି ନଥିଲା। ଅର୍ଥାତ ରିକଭରୀ ଫେଲ୍ ମାରିଥିଲା ଓ ବିମାନର ଫ୍ରି- ଫଲ ହୋଇଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଦ୍ୱିତୀୟଥର ପାଇଁ ବାୟୁସେନାର ଏହି ତେଜସ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହାପୂର୍ବରୁ ୨୦୨୪ରେ ରାଜସ୍ଥାନର ପୋକରନରେ ସମରାଭ୍ୟାସ ଅବସରରେ ଇଞ୍ଜିନ୍ ଫେଲ୍ ହେବା କାରଣରୁ ତେଜସ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଉଲ୍ଲେଖଥାଉ କି, ଦୁବାଇ ଏୟାର ଶୋ'ରେ ବିଶ୍ୱର ବିଭିନ୍ନ ଦେଶର ବିମାନର ପ୍ରଦର୍ଶନ ହୋଇଥାଏ। ଏଥିରେ ବିଶ୍ୱର ସର୍ବବୃହତ ଏରୋସ୍ପେଶ କମ୍ପାନୀ, ଏୟାର ଲାଇନ୍ସ, ଏୟାର ଫୋର୍ସ ଓ ଟେକ୍ନୋଲୋଜି କମ୍ପାନୀ ନିଜର ନୂଆ ବିମାନ, ହେଲିକପ୍ଟର, ଅସ୍ତ୍ରଶସ୍ତ୍ର ପ୍ରଣାଳୀ ପ୍ରଦର୍ଶିତ କରିଥାନ୍ତି। ଶୁକ୍ରବାର ଏୟାର ଶୋ'ର ୫ମ ତଥା ଅନ୍ତିମ ଦିବସ ଥିଲା। ଏହି ଶୋ ୧୯୮୯ରେ ଆରମ୍ଭ ହୋଇଥିଲା।

### ଇ-ଲଟେରୀରେ...

କରିବେ। ଏହା ବ୍ୟତୀତ ଲିଜଧାରୀମାନେ ବର୍ଷା ଦିନ ପୂର୍ବରୁ ଅଧିକ ଉତ୍ପାଦନ କରି ତାହାକୁ ଗଚ୍ଛିତ ରଖିପାରିବେ। ତେବେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩ଟି ଓ ସାର ରାଜ୍ୟରେ ସର୍ବାଧିକ ୫ଟି ଲଘୁ ଖଣିଜ ଖଣି ମିଳିପାରିବ। ଅନ୍ୟପକ୍ଷରେ ଖଣିଜ ପଦାର୍ଥର ବେଆଇନ ଖନନ ଓ ଚୋରା ଚାଲାଣ ରୋକିବା ପାଇଁ "ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫' ଉପରେ ମୋହର ମାରିଛି କ୍ୟାବିନେଟ୍। ଏହାଦ୍ୱାରା ୨୦୦୭ ନିୟମାବଳୀ ଉଚ୍ଛେଦ ହୋଇଛି। ପୁନଶ୍ଚ ପୁଲିସ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛ ରଖିବା ପାଇଁ "ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନ' ବା ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସସି) ଗଠନ ନିଷ୍ପତ୍ତି ହୋଇଛି। ଏସସିଏସଟି ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି ସଂକ୍ରାନ୍ତ ଏକ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ଏସଟି ଓ ଏସସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ବାର୍ଷିକ ୧୦,୫୦୦ ଟଙ୍କାରୁ ୧୬ହଜାର ଟଙ୍କାକୁ ଏବଂ ଛାତ୍ରୀମାନଙ୍କ ପାଇଁ ୧୧ହଜାରରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି "ଅନ୍ୱେଷା' ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହି ବୃତ୍ତି ବାର୍ଷିକ ୧୧ହଜାର ଟଙ୍କାରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ନୂଆ ବର୍ଦ୍ଧିତ ବୃତ୍ତି ୨୦୨୫ ଡିସେମ୍ବର ପହିଲାରୁ ଲାଗୁ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ କ୍ୟାବିନେଟ୍ "ଓଡ଼ିଶା ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି) ନୀତି ୨୦୨୫' କୁ ଅନୁମୋଦନ କରିଛନ୍ତି। ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଓଡ଼ିଶାରେ ସେମାନଙ୍କର କାର୍ଯ୍ୟାଳୟ ଖୋଲିବାକୁ ଆକୃଷ୍ଟ କରିବା ଏହି ନୀତିର ମୁଖ୍ୟ ଲକ୍ଷ୍ୟ ବୋଲି ସରକାର କହିଛନ୍ତି। ଏହି ନୀତି ଜରିଆରେ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯଥା ଜମି, ବିଦ୍ୟୁତ ଶୁଳ୍କ ରିହାତି ଏବଂ ନିଯୁକ୍ତି ସହାୟତା ଯୋଗାଇ ଦେବା ବ୍ୟବସ୍ଥା ରହିଛି।

ଅନ୍ୟପକ୍ଷରେ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଶିଳ୍ପଗୁଡ଼ିକ ଉପରେ ନିୟାମକ ବୋଝ ହ୍ରାସ କରାଯାଇପାରିବ। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ଓଡ଼ିଶା ଅଧସ୍ତନ ପରିସଂଖ୍ୟାନ ସର୍ଭେୟର କ୍ୟାଡରର ପୁନର୍ଗଠନ କରାଯାଇଛି। ଏହାଦ୍ୱାରା କର୍ମଚାରୀମାନଙ୍କ ଦରମା ବୃଦ୍ଧି ହେବା ସହ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ୧୯୯୩ ରୁ ୧୯୯୬ ମଧ୍ୟରେ ପୁଲିସ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ୱତନ୍ତ୍ର ଡାଏଟ୍ ଭତ୍ତା ବାବଦକୁ ହୋଇଥିବା କ୍ଷତିକୁ ହିସାବରୁ ବାଦ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୁନଶ୍ଚ ଓଡ଼ିଶା ଅର୍ଥ ସେବା ନିୟମାବଳୀରେ ସଂଶୋଧନ କରାଯାଇ ଅଧିକାରୀମାନଙ୍କ ତାଲିମ ଅବଧି ନିର୍ଦ୍ଧାରଣ କରିବା କ୍ଷମତା ସରକାରଙ୍କ ହାତକୁ ଦିଆଯାଇଛି। ଏହାସହିତ ନିମ୍ନ ଆୟ ଗୋଷ୍ଠୀ ଗୃହ ନିର୍ମାଣ ଯୋଜନା ଅଧିନରେ ପୂର୍ବତନ ଶ୍ରମ ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ବାସଗୃହ ପାଇଥିବା ହିତାଧିକାରୀଙ୍କୁ ଆବଣ୍ଟିତ ଜମିର ସମସ୍ତ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ଏବଂ ଏହା ସହିତ ଜଡ଼ିତ ସମସ୍ତ ଆନୁଷଙ୍ଗିକ ବିଷୟ ବିଚାର ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ କ୍ଷମତା ପ୍ରଦାନ କରାଯାଇଛି।

### ବର୍ଦ୍ଧିଧାରୀଙ୍କୁ ନିଯୁକ୍ତି ...

ସମେତ ଦୁଇଜଣ ସଦସ୍ୟ ରହିବେ ବୋଲି ମଧ୍ୟ ମୁଖ୍ୟ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି। ଅପରପକ୍ଷରେ ଓଡ଼ିଶା ପୁଲିସ ସମେତ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ପରୀକ୍ଷା ବିଭିନ୍ନ ବୋର୍ଡ ଦ୍ୱାରା ପରିଚାଳିତ ହେଉଥିବାବେଳେ ଅସ୍ୱାଭାବିକ ବିଳମ୍ବ ଏବଂ ଅନିୟମିତତା ହେଉଥିବା ମଧ୍ୟ କୁହାଯାଇଛି।

ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଧରା ପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ର ପରୀକ୍ଷା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ ଘଟଣାର ତଦନ୍ତ ଭାର ସିବିଆଇକୁ ଦେବା ସହ ବର୍ଦ୍ଧିଧାରୀଙ୍କ ପାଇଁ ସ୍ୱତନ୍ତ୍ର ଆୟୋଗ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଅକ୍ଟୋବର ୨୨ ତାରିଖରେ ଘୋଷଣା କରିଥିଲେ। ଏହାର ମାସେ ପରେ ସ୍ୱତନ୍ତ୍ର ଆୟୋଗ ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଅର୍ଥାତ୍ ଓପିଆର୍‌ବି ଆଉ କୌଣସି ପରୀକ୍ଷା କରିବ ନାହିଁ ବୋଲି ସ୍ପଷ୍ଟ ହୋଇଥିଲେ ମଧ୍ୟ ଏହାକୁ ଭାଙ୍ଗିବା ପାଇଁ ସରକାର ବିଧିବଦ୍ଧ ଭାବେ ଘୋଷଣା କରି ନାହାନ୍ତି। ଫଳରେ ଏସ୍‌ଆଇ ପରୀକ୍ଷା କିଏ କରିବ, ସେନେଇ ଆଶାୟୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ତ୍ୱରିତ ପରୀକ୍ଷା କରିବା ପାଇଁ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ପରୀକ୍ଷା କିଏ କରିବ ଏବଂ କେବେ ହେବ, ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି।

### ଆଜି ସୃଷ୍ଟି ହେବ...

ପ୍ରବାହ ହେଉ ନାହିଁ। ଏହାସହିତ ଉତ୍ତରରେ ଗୁରୁଚାପ ବଳୟ ରହିଥିବା ବେଳେ ଉର୍ଦ୍ଧ୍ୱଗାମୀ ବାୟୁର ଘର୍ଷଣ କମ୍ ରହୁଛି। ଏଭଳି କାରଣମାନ ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ଅନ୍ୟପଟେ ବାତ୍ୟାଟି ଆନ୍ଧ୍ର/ଓଡ଼ିଶା ମୁହାଁଇବାର ସମ୍ଭାବନା ଏହାର ଉତ୍ତରରେ ପଶ୍ଚିମପ୍ରଶାନ୍ତ ମହାସାଗରରୁ ଉତ୍ତର-ପୂର୍ବ ଭାରତ ଦେଇ ମିଆଁମାର ପର୍ଯ୍ୟନ୍ତ ଏକ ଶକ୍ତିଶାଳୀ ଗୁରୁଚାପ ବଳୟ ରହିଛି। ଏହା ବାତ୍ୟାକୁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଠେଲିବ। ତେଣୁ ଦୁଇ ରାଜ୍ୟ ଉପରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି। ନିର୍ଦ୍ଦିଷ୍ଟ ଭାବେ ଯଦିଓ ସ୍ଥଳଭାଗ ଛୁଇଁବାର ସମୟ ଓ ସ୍ଥାନ କହିବା ବର୍ତ୍ତମାନ ସମ୍ଭବ ନୁହେଁ, ମାତ୍ର ସମ୍ଭାବ୍ୟ ବାତ୍ୟା ଯେଉଁଠାରେ ସ୍ଥଳଭାଗ ଅତିକ୍ରମ କଲେ ମଧ୍ୟ ରାଜ୍ୟରେ ବର୍ଷା ଆଶଙ୍କା ନିଶ୍ଚିତ ରହିଛି। ଏଣୁ ଧାନ ଅମଳ ସହିତ ଅନ୍ୟାନ୍ୟ ଫସଲର ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଉପରେ ପ୍ରଫେସର ପଶୁପାଳକ ଗୁରୁତ୍ୱ ଦେଇଛନ୍ତି।

ପାଣିପାଗ କେନ୍ଦ୍ର ପକ୍ଷରୁ ଯଦିଓ ବର୍ଷା କେବେଠାରୁ ଆରମ୍ଭ ହେବ ତାହା କୁହାଯାଇ ନାହିଁ। ହେଲେ ବାତ୍ୟା ହେବା ଏକ ପ୍ରକାର ସୁନିଶ୍ଚିତ ହୋଇ ସାରିଥିବା ବେଳେ ଓଡ଼ିଶାରେ ସ୍ଥଳଭାଗ ଛୁଇଁବାର ଆଶଙ୍କାକୁ ମଧ୍ୟ ଏଡ଼ାଯାଇ ନ ପାରେ। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାଟି ଅଧିକ ଘନୀଭୂତ ହୋଇପାରେ। ଏହି ବାତ୍ୟା ସୃଷ୍ଟି ହେବା ପାଇଁ ସବୁ ପ୍ରକାର ପାଣିପାଗ ସ୍ଥିତି ଅନୁକୂଳ ରହିଥିବା ବେଳେ ଏହାକୁ ଶକ୍ତିଶାଳୀ କରାଇବା ପାଇଁ ମଧ୍ୟ ପରିସ୍ଥିତି ସୁହାଉଛି। ତେଣୁ ସମ୍ଭାବ୍ୟ ବାତ୍ୟା ଦ୍ୱାରା ଓଡ଼ିଶା ଓ ଆନ୍ଧ୍ରରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି।

### ଲୁଣ ଭାବି...

ସୂଚନାନୁଯାୟୀ, ଆଜି ଅପରାହ୍ଣରେ ୩ଜଣ ଯାକ ସାଙ୍ଗ ହୋଇ ଖେଳୁଥିଲେ। ଛୋଟଛୋଟ ଷଢ଼େଇରେ ମାଟି ରଖି ମିଛିମିଛିକା ଭାତ, ଡାଲି ଓ ବିଭିନ୍ନ ତରକାରୀ ପ୍ରସ୍ତୁତ କରିଥିଲେ। ଖେଳକୁ ମଜାଦାର କରିବା ପାଇଁ ସେମାନେ ଘରୁ ପିଆଜ ଓ ଲୁଣ ଆଣିଥିଲେ। କିନ୍ତୁ ଭୁଲବଶତଃ ସେମାନେ ଘରେ ଥୁଆ ହୋଇଥିବା ଥିମେଟ୍‌କୁ ଲୁଣ ଭାବି ନେଇ ଆସିଥିଲେ ଏବଂ ତାକୁ ପିଆଜରେ ଗୋଳେଇ ଖାଇଥିଲେ। ଏହି ସମୟରେ ପରିବାରଲୋକ ଧାନ ଅମଳ ପାଇଁ ବିଲକୁ ଯାଇଥିବାରୁ କେହି ଜାଣିପାରିନଥିଲେ। ଘରକୁ ଫେରିବା ପରେ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଦେଖି ସମସ୍ତଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

### ଶ୍ରମିକଙ୍କୁ ସାମାଜିକ...

ମଜୁରି ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। ନିଯୁକ୍ତିଦାତା ୪୦ ବର୍ଷରୁ ଅଧିକ ବୟସର ସମସ୍ତ କର୍ମଚାରୀଙ୍କୁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଯୋଗାଇଦେବେ। ଏହାଛଡା କର୍ମଚାରୀଙ୍କ କାର୍ଯ୍ୟ ଚାପ ହ୍ରାସ କରିବା ଏବଂ କର୍ମଚାରୀଙ୍କ ସାମଗ୍ରିକ ମନୋବଳ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା କର୍କମଚାରୀଙ୍କୁ ସୋମନଙ୍କର ସମ୍ମତି ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରି ରାତିରେ ଏବଂ ସମସ୍ତ ପ୍ରତିଷ୍ଠାନରେ ସମସ୍ତ ପ୍ରକାରର କାମ କରିବାକୁ ଅନୁମତି ଦିଆଯାଇଛି।

ପ୍ରଥମ ଥର ଲେବର୍ କୋଡ୍‌ରେ ଔପଚାରିକ ଭାବେ ଗିଗ୍ ୱାର୍କ, ପ୍ଲାଟଫର୍ମ ୱାର୍କର ଓ ଏଗ୍ରିଗେଟରକୁ ବ୍ୟାଖ୍ୟା କରାଯାଇଛି। ଏଣୁ ଡିଜିଟାଲ ପ୍ଲାଟଫର୍ମରେ କାମକରୁଥିବା ଲକ୍ଷଲକ୍ଷ ଲୋକଙ୍କୁ ଆଇନଗତ କ୍ଲାରିଟି ମିଳିଛି। ଏଗ୍ରିଗେଟର କମ୍ପାନୀଙ୍କୁ ଏବେ ସେମାନଙ୍କ ବାର୍ଷିକ କାରବାରର ୧-୨% ଏକ ଉତ୍ସର୍ଗୀକୃତ କଲ୍ୟାଣ ପାଣ୍ଠିରେ ଯୋଗଦାନ କରିବାକୁ ପଡିବ, ଯାହାର ସୀମା ଶ୍ରମିକଙ୍କୁ କରାଯାଉଥିବା ମୋଟ ପୈଠର ୫% ପର୍ଯ୍ୟନ୍ତ ରହିବ। ଏହି ପାଣ୍ଠି ଶ୍ରମିକଙ୍କ ସାମାଜିକ ସୁରକ୍ଷା ବାବଦ ସୁବିଧାକୁ ସମର୍ଥନ କରିବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-LT-OUT-SOURCING-KUR-516, ତା.14.11.2025ରିଖ

କାର୍ଯ୍ୟର ନାମ: 02(ଦୁଇ) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସଂକେତ ଏବଂ ଦୂରସଂଚାର ରକ୍ଷଣାବେକ୍ଷଣ କାର୍ଯ୍ୟକଳାପଗୁଡ଼ିକର ସୁଦୃଢ଼ୀକରଣ ନିମନ୍ତେ ଜନଶକ୍ତିର ବହିଃସ୍ରୋତ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 19,49,99,474.07, EMD(ଟଙ୍କାରେ) : 11,25,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-।

ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-811/Q/25-26



ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**

**ଶାଖା କାର୍ଯ୍ୟାଳୟ: ରାୟଗଡା**

ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ୍ — कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୧.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



यूनियन बैंक ऑफ इंडिया Union Bank of India — भारत सरकार का उपक्रम A Government of India Undertaking

**କୋର୍ଟପେଟା ଶାଖା**

ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୫

**ଡିମାଣ୍ଡ ନୋଟିସ୍**

ଆମ୍ଭର କୋର୍ଟପେଟା ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋର୍ଟପେଟା ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ନିବେଦିତା ଆଚାର୍ଯ୍ୟ,** ସ୍ୱାମୀ: ବାସୁଦେବ ଆଚାର୍ଯ୍ୟ / **କୋ-ଓବ୍ଲିଗାଣ୍ଟ: ଶ୍ରୀ ବାସୁଦେବ ଆଚାର୍ଯ୍ୟ,** ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୪୦୧, ରୟାଲ ପାମ୍, ସର୍କୁଲାର ରୋଡ୍, ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୨ | ଏଚ୍‌ଏଲ୍‌ପିଜିଏନ୍- ୦୦୮୫୩୦୧୦୦୦୪୧୦୮ / ୨୧.୦୮.୨୦୨୫ | ୦୧.୦୯.୨୦୨୫ / ୦୧.୦୯.୨୦୨୫ ସୁଦ୍ଧା ଟ.୬,୫୩,୮୬୧.୭୮ ଯୁକ୍ତ ଚୁକ୍ତି ହାରରେ ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | "ମହାବୀର ମାନସନ୍" ନାମକ ବହୁମହଲା ବିଶିଷ୍ଟ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-୨ର ତଳ ମହଲାରେ ଥିବା ଫ୍ଲାଟ୍ ନଂ.: ୧୧୬, ପରିମିତ ୩୪୫ ବର୍ଗଫୁଟ |

ଯାହାର ୱାର୍ଡ ନଂ. ୦୧, ଛତ୍ରପୁର ଟାଉନ୍ ସବ-ରେଜିଷ୍ଟ୍ରେସନ୍ ଅନ୍ତର୍ଗତ, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୩/୨୫୫, ୨୩/୨୫୬, ୨୩/୨୫୭, ୨୩/୨୫୮, ୨୩/୨୫୯, ପ୍ଲଟ୍ ନଂ.: ୧୬୮/୩୪୪, ୧୬୮/୩୪୬, ୧୬୮/୩୪୭, ୧୬୮/୩୪୮, ୧୬୮/୩୫୦, ଅବିଭକ୍ତ, ଆନୁପାତିକ, ଅନିର୍ଦ୍ଦିଷ୍ଟ, ନିରପେକ୍ଷ ଜମିର ଅଂଶ ଯାହାର କ୍ଷେତ୍ର: ଏକର୦.୪୧୩ ଡିସିମିଲି (୧୮୨୨୫ ବର୍ଗଫୁଟ), ଜମିର କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଫ୍ଲାଟ୍ ନଂ. ୧୧୭, ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡ଼ର

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ବ୍ରହ୍ମପୁର, ତାରିଖ: ୨୧.୧୧.୨୦୨୫** — ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**AFFIDAVIT**

I, Pramod Ku Jena, aged about 49 years, S/o- Adhikari Jena, resident of At- Dolamandap Sai, Patia, PS- Infocity, Bhubaneswar, PIN- 751001, Dist- Khordha, Odisha declared by this affidavit No. 99, dtd- 19/11/2025 that now onwards I shall be known as **PRAMOD KUMAR JENA** for all future purposes instead of Pramod Ku Jena.

**NOTICE (above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS- Patkura, Dist.- Kendrapara, Pin- 754253, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.

Sd/- Shrabani Mohanty

**AFFIDAVIT**

By virtue of an affidavit sworn before Notary Public, Balliguda. dated 31.01.2025, I, Jhilli Paraseth, At-Dhudusi, P.O.- Bilamal, P.S.-Belghar, Block- Tumudibandha, Dist.-Kandhamal, PIN-762107, Odisha declare that I have changed the name of my minor daughter's from N.Anmol Aisha to Aisha Nayak. Henceforth, she shall be known as **Aisha Nayak** for all purposes.

Jhilli Paraseth

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 21.11.2025 I, GOBARDHAN BHATRA, S/o- Late Dhana Bhatra, Village- Janiguda, Po.- Kongra, Ps.- Tentulikhunti, Dist.- Nabarangpur, Odisha, Pin- 764059, declare that I have changed the name of my Daughter from **DAIMATI BHTRA** to **DAMAYANTI BHATRA**. Henceforth, she shall be known as **DAMAYANTI BHATRA** for all purposes.

Sd/- Gobardhan Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 20.11.2025 I, TUNA MUDULI , S/o- Late Purusati Muduli, Vill.- Jambaguda, Po.- Jatabal, Ps.- Dabugam, Dist- Nabarangpur, Odisha, Pin - 764071, declare that I have changed my name from **KUNA MUDULI** to **TUNA MUDULI**. Henceforth, I shall be known as **TUNA MUDULI** for all purposes.

Sd/- TUNA MUDULI

**AFFIDAVIT**

I, Srikanta Kumar Jena, aged about 39 years, S/o- Sridhar Jena, resident of At- Plot No- 4/2623, Lane- 1,Road-2, Jagannath Vihar, Baramunda, PS- Khandagiri, Bhubaneswar, Dist- Khordha, Odisha, PIN- 751003, declared by this affidavit No- 2351, dtd- 19/11/2025 that now onwards I shall be known as **SRIKANT KUMAR JENA** for all future purposes.

**AFFIDAVIT**

By virtue of an affidavit no 2737, sworn before the Executive Magistrate Sukinda on dtd 17/10/25. I Kusunu Munda, S/o Sanaram Munda Resident of At-Rankia, Po- Kuhika, Ps-sukinda, Dist - Jajpur, Pin-755018, Odisha . I have changed my minor daughter's name from SUSHRISANGITA MUNDA (Old Name) to SUBHASHREE MUNDA (New Name) Henceforth she shall be known as **SUBHASHREE MUNDA** all future purposes.

**Kusunu Munda**

**AFFIDAVIT**

By virtue of an affidavit before the Executive Magistrate, Chatarpur, Ganjam, I, K. Santosh Rao, At- Rajapur, Purushottampur, Ganjam declare that my father's name Kadari Laxman Dora, S/o Kadari Ganapati Dora, and K. Laxman Rao, S/o K. Ganapati Rao, are one and the same person, and also Kadari Gunamma Dora and K. Ganamma Rao, W/o- K. Laxman Rao@Kadari Laxman Doraare one and the same person.

Sd/- K. Santosh Rao

**AFFIDAVIT**

By virtue of an affidavit dtd. 01.07.2025 in the court of Notary Public, Bhubaneswar, I, Mara Gageranga, At- Balimukti, Po- Budubali, Ps- Chandrapur, Dist.- Rayagada-765020 have changed my minor daughter's name from Miki Gageranga to Nikita Gegeranga. Henceforth she will be known as **Nikita Gageranga** for all purposes.

Sd/- Mara Gageranga

**AFFIDAVIT**

By virtue of an affidavit before the Executive Magistrate, M. Rampur, Kalahandi, I, Minaketan Jena, Village - Burat, P.S.- M. Rampur, Dist. – Kalahandi- 766102 have changed my minor son's name from Nitesh Kumar Jena to **Nitesh Jena.** That both the names are one and the same person.

Sd/- Minaketan Jena

**AFFIDAVIT**

By virtue of an affidavit sworn before the Notary, Dhenkanal, dated 01.11.2025, I, Anishika Prustry, Address At/P.O: Radhadeipur, P.s-Gondia, Dist-Dhenkanal, declare that I have changed my name from Anisika Prusty to Anishika Prusty. my date of birth changed from dt 04.06.2002 to dt 04.03.2002 in the service document of my father as per civil records . Henceforth, I shall be known as **Anishika Prusty** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 20/11/2025. I, **Basanti Adjuad** (applicant name), W/o- Babulal Adjuad, permanent resident of AT- Titidunguri Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Jyotimay Adjuad** (old name) to **Jyotirmayee Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jyotirmayee Adjuad** (new name) for all future purposes.

**Basanti Adjuad**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 04/08/2025. I, **Gunamati Adjuad** (new name), formerly called as Gunmati Yadav (old name), W/o- Bhubana Adjuad, permanent resident of AT- Lenjha, PO- Lenjha, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Gunmati Yadav** (old name) to **Gunamati Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gunamati Adjuad** (new name) for all future purposes.

**Gunamati Adjuad**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/11/2025. I, **Mahini Tandi** (new name) formerly called as **Mohinee Tandi** (old name), D/o Mansing Tandi, permanent resident of At- Patamara, PO- Haldi, PS- Muribahal, Dist- Balangir (Odisha), PIN- 767037 now residing at the same place declare that I have changed my name from **Mohinee Tandi** (old name) to **Mahini Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mahini Tandi** (new name).

**Mahini Tandi**

### କମ୍ୟୁନିଟି ଟୁରିଜିମ କ୍ଷେତ୍ରରେ ବାମନଘାଟି ପାଇଁ ରହିଛି ଅମାପ ସୁଯୋଗ

# ଖଡ଼ଖାଇ, ବାଙ୍କବଲ ଓ ନେସା ନଦୀବନ୍ଧର ହେବ ଉନ୍ନତି

ରାଇରଙ୍ଗପୁର, ୨୧।୧୧(ସମିସ): ଆସିଗଲାଣି ପର୍ଯ୍ୟଟନ ଋତୁ। ଗାଁ ଗଣ୍ଡାଠୁ ଆରମ୍ଭ କରି ସହରର ଲୋକେ ନିକଟରେ ଥିବା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀରେ ପିକନିକର ମଜା ଉଠାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ ସାଙ୍ଗକୁ ଭୋଜିଭାତର ମଜା ନେବା ପାଇଁ ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ପର୍ଯ୍ୟଟନସ୍ଥଳୀ ଏବେ ଚଳଚଞ୍ଚଳ ହେଲାଣି। ତେବେ ବାମନଘାଟି ଉପଖଣ୍ଡରେ ରହିଥିବା ୩ଟି ପ୍ରମୁଖ ନଦୀବନ୍ଧରେ ପିକନିକର ମଜା ଉଠାଇବାକୁ ପର୍ଯ୍ୟଟକ ପହଞ୍ଚିଥାନ୍ତି। କିନ୍ତୁ ଖଡ଼ଖାଇ, ବାଙ୍କବଲ ଓ ନେସା ନଦୀବନ୍ଧକୁ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାରେ ବିଭାଗ ପକ୍ଷରୁ ସେଭଳି କିଛି ଆଖିଦୃଶିଆ ଭିତ୍ତିଭୂମି ବିକାଶ ହୋଇପାରିନାହିଁ। ତେବେ ଏହି ୩ଟି ନଦୀବନ୍ଧର ଭିତ୍ତିଭୂମି ବିକାଶ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି। କୁସୁମୀ ବ୍ଲକ ଅନ୍ତର୍ଗତ ସୁଲେଇପାଟଠାରେ ଥିବା ଖଡଖାଇ ନଦୀବନ୍ଧ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି। ପର୍ଯ୍ୟଟନ ବିଭାଗ କେବଳ ବୋର୍ଡ ଲଗାଇବା ସହ ବୋଟିଂ ବ୍ୟବସ୍ଥା କରିଛି। କିନ୍ତୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ନିମନ୍ତେ କୌଣସି ମାଷ୍ଟର ପ୍ଲାନ ନାହିଁ। ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ସୁଲେଇପାଟ ନଦୀବନ୍ଧ ତଳେ ଥିବା ପାର୍କ ପର୍ଯ୍ୟଟନ ଋତୁରେ ମଧ୍ୟ ଅସଜଡା ହୋଇରହିଛି। ପିକନିକ ପାଇଁ ଆସୁଥିବା ପର୍ଯ୍ୟଟକ ଏଠାରେ କିଭଳି



ସୁବିଧା ସୁଯୋଗ ପାଇବେ ସେନେଇ ଏକ ଗୋଷ୍ଠୀ ପର୍ଯ୍ୟଟନ (କମ୍ୟୁନିଟି ଟୁରିଜିମ) ମାଧ୍ୟମରେ ସାମଗ୍ରିକ ବିକାଶର ଯୋଜନା କରାଯାଉଛି ବୋଲି ରାଇରଙ୍ଗପୁର ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଏଠାରେ ଥିବା ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଅନାବନା ଗଛଲତାରେ ଭର୍ତ୍ତି ହୋଇଗଲାଣି। ସେହିଭଳି ଖଡ଼ଖାଇ ଡ୍ୟାମର ବିକାଶ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତାବ ଦିଆଯାଇଛି। ମତ୍ସ୍ୟ ବିଭାଗ ପକ୍ଷରୁ ଖଡଖାଇ ଡ୍ୟାମର ଜଳରାଶିରେ କେଜ ଫାର୍ମିଂ ଜରିଆରେ ମତ୍ସ୍ୟ ଚାଷ କରାଯିବା ନେଇ ପ୍ରସ୍ତାବ ରହିଛି। ଯଦ୍ୱାରା ମତ୍ସ୍ୟ ଚାଷୀ ଏବଂ ପର୍ଯ୍ୟଟନର ବିକାଶ ହେବ। ଏନେଇ କଲିକତାର ବାରକପୁର ସ୍ଥିତ ସିଆଇଏଫଆରଆଇ ପକ୍ଷରୁ ଅନୁଧ୍ୟାନ କରାଯାଉଛି। ଏହାସହିତ ମହାନଦୀ କୋଲଡ଼ ଫିଲଡ଼ ଲିମିଟେଡ଼ ପକ୍ଷରୁ ଖଡ଼ଖାଇ ଡ୍ୟାମରେ ୫୦ ମେଗା ୱାଟର ଧାରଣା ବିଶିଷ୍ଟ ମେଗା ଭାସମାନ ସୋଲାର ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ନେଇ ପ୍ରସ୍ତାବ ରହିଛି। ଏଥିପାଇଁ ଓପିଟିସିଏଲ ଓ ଗ୍ରୀଡ଼କୋକୁ ପତ୍ର ଯୋଗେ ସୂଚନା ଦିଆଯାଇଛି। ଏହାସହିତ ରାଇରଙ୍ଗପୁର ଉପଖଣ୍ଡର ୬୭୦୦ ହେକ୍ଟର ଚାଷ ଜମିକୁ ଜଳସେଚନ କରିବାକୁ ଉଠା ଜଳସେଚନ ବିଭାଗ ପକ୍ଷରୁ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି। ଖଡ଼ଖାଇ ଡ୍ୟାମରେ ଫେଜ-୨ ବ୍ୟାରେଜ ତିଆରି କରିବା ନେଇ ଡିପିଆର ପ୍ରସ୍ତୁତ ହେଉଛି। ଡ୍ୟାମର ପାରିପାର୍ଶ୍ୱିକ ଅଞ୍ଚଳକୁ ଉନ୍ନତି କରି ପର୍ଯ୍ୟଟନ ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ବାବଦରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ସହ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଆସନ୍ତା ଡିସେମ୍ବରରେ ରାଇରଙ୍ଗପୁର ଗସ୍ତ ସମୟରେ ଖଡ଼ଖାଇ ଡ୍ୟାମର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପ ଗୁଡିକ ଶିଳାନ୍ୟାସ କରାଯିବା ନେଇ ସୂଚନା ରହିଛି; ଯାହାକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି।

## ଏମ୍‌ସିଏମ୍‌ର ଶିକ୍ଷା ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା, ୨୧।୧୧(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଶିକ୍ଷା ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟା ସୁଜାତା ପାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷା ଦେବାଶ୍ରିତା ବିଶ୍ୱାଳ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ମୀରା ସେନାପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନବାଗତଙ୍କୁ କର୍ତ୍ତବ୍ୟ ପରାୟଣ ହେବା ନିମନ୍ତେ ଉପଦେଶ ଦେଇଥିଲେ। ଅଧ୍ୟାପିକା ଅଭିପସା ନାୟକ, ପ୍ରତିଭା ସାହୁ, ଲକ୍ଷ୍ମୀ ଚାପେରୀୟା, ପୂର୍ଣ୍ଣିମା ମହାନ୍ତି, ଦିପ୍ତିଶ୍ରୀ ବେହେରା, କସ୍ତୁରବା ମହାନ୍ତ, ପୂଜା ଶତପଥୀ, ଭାୱାନାଭାର୍ଗବୀ ଭଞ୍ଜ ଦେଓ, ସୁଦେଶ୍ନା ଭଞ୍ଜବାବୁ, ସଂଯୁକ୍ତା ମହାନ୍ତ, ସୁଶ୍ରୀ ନାୟକ, ରୁପାମଞ୍ଜରି ବେହେରା, ତୃପ୍ତି ଦାସ, ଅଧ୍ୟାପକ ଡ଼ ଠାକୁରା ଚରଣ ମାର୍ଣ୍ଡି, ସମ୍ବିତ ମିଶ୍ର, ଅଭିଜିତ ପଟ୍ଟନାୟକ, ସତ୍ୟ ନାରାୟଣ ଦାସ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇ ନବାଗତଙ୍କୁ ପାଠ ପଢ଼ି ସ୍ୱାବଲମ୍ବୀ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସସ୍ମିତା ସି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଯୋଗାସନରେ ଯୋଗଦେବେ ୩ ବିଦ୍ୟାର୍ଥୀ



କପ୍ତିପଦା, ୨୧।୧୧(ସମିସ): କପ୍ତିପଦା ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରୀୟ ୧୭ ବର୍ଷରୁ କର୍ମ ବାଳକ ବିଭାଗ (ଆର୍ଟିଷ୍ଟିକ ପେୟାର) ରେ ସୁନୀଲ କୁମାର ପୂର୍ତ୍ତି, ଶିବ ଟୁଡୁ ଓ ବାଳିକା ବିଭାଗରେ କୌଶଲ୍ୟା ଟୁଡୁ ଯୋଗାଶନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇ ଜିଲ୍ଲ ପାଇଁ ଗୌରବ ଆଣିଛନ୍ତି। ଆସନ୍ତା ୨୩ରୁ ୨୬ ଯାଏ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ମାଲକାନଗିରିର ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ।

## ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

କୁଆମରା, ୨୧।୧୧(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଗଡ଼ି ଗାଁ ପଞ୍ଚାୟତ କଟରାଶୋଳ ଗ୍ରାମରେ ଶୁକ୍ରବାର ଜଣେ ୧୦ ବର୍ଷ ଶିଶୁ ପଥର ଖାଦାନ ଖାଲ ପାଣିରେ ବୁଡି ମୃତ୍ୟୁବରଣ କରିଛି। ନାଥ ସୋରେନଙ୍କ ପୁଅ ନିମାଇଁ (୧୦) ଘର ନିକଟରୁ କିଛି ଦୂରରେ ଥିବା ଏକ ପଥର ଖାଦାନ ନିକଟକୁ ଯାଇଥିବା ବେଳେ ସେଠାରେ ଅସାବଧାନତା ବଶତଃ ଗଭୀର ଖାଲକୁ ଖସିପଡ଼ିଥିଲା। ପରେ ସେ ପାଣିରୁ ବାହାରି ପାରିନଥିଲା। ଦୀର୍ଘ ସମୟ ପରେ ପରିବାର ଲୋକେ ଖୋଜାଖୋଜି କରିବାରୁ ନିମାଇଁ ପାଣିରେ ଭାସୁଥିବା ଦେଖି ଖୁଣ୍ଟା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେଦ ଦମକଳବାହିନୀ ପହଞ୍ଚି ନିମାଇଁକୁ ପାଣିରୁ ଉଦ୍ଧାର କରିଥିଲେ; ମାତ୍ର ସେତେବେଳକୁ ମୃତ୍ୟୁ ହୋଇସାରିଥିଲା।

## ବାଇକ୍ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ

କୁଆମରା, ୨୧।୧୧(ସମିସ): ଦୁର୍ଘଟଣାରେ ଜଣେ ଚିକିତ୍ସାଧୀନ ଯୁବକଙ୍କର ଗତକାଲି ରାତିରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ ଭୋଲାଗୋଡିଆ ପଞ୍ଚାୟତର ସାରଜମ୍ ଡିହି ଗ୍ରାମର ସୁମନ୍ତ ସିଂ (୩୧)। ସେ ୧୮ ତାରିଖ ସନ୍ଧ୍ୟାରେ ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟିରୁ ସୁରକୁନା ଗ୍ରାମକୁ ଆସୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## କିଟ୍ କେଆରଏସ୍ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା




ବାରିପଦା, ୨୧।୧୧(ସମିସ): ବାରିପଦାର ଦତ୍ତ ଆବାସିକ ବିଦ୍ୟାଳୟରେ ଭୁବନେଶ୍ୱର କିଟ୍ କେଆରଏସ୍ ପକ୍ଷରୁ ସାଇବର ସୁରକ୍ଷାରେ ଛାତ୍ର ସମାଜର ଭୂମିକା ଏବଂ ସଡକ ଦୁର୍ଘଟଣା ନିବୃତ୍ତିରେ ଯୁବ ସମାଜର ଭୂମିକା ଶୀର୍ଷକ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଇବର ସୁରକ୍ଷା ପ୍ରବନ୍ଧରେ ନିହାର ରଞ୍ଜନ ମହାନ୍ତି ଓ ସଡକ ସୁରକ୍ଷା ପ୍ରବନ୍ଧରେ ଅକ୍ଷୟ କୁମାର ରୂପ ପ୍ରଥମ ସ୍ଥାନ ହାସଲ କରିଛନ୍ତି। କିଟ କେଆରସ୍ ଛାତ୍ର ସମ୍ପର୍କ ସୁରକ୍ଷା ନିର୍ଦ୍ଦେଶକ ଡ ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ ପୁଷ୍ପ ପାତ୍ର, ଇଂ ରତ୍ନାକର ନାୟକ, ବିଦ୍ୟାଳୟର ପରିଚାଳିକା ସୀମାଶ୍ରୀ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୨୩ରେ ସତ୍ୟସାଇଙ୍କ ଜନ୍ମ ବାର୍ଷିକୀ ଉତ୍ସବ

କୁଆମରା, ୨୧।୧୧(ସମିସ): ଆସନ୍ତା ୨୩ ତାରିଖ ରବିବାର ଭଗବାନ ଶ୍ରୀ ସତ୍ୟସାଇଙ୍କ ଶହେତମ ଜୟନ୍ତୀ ପାଳନ ହେବ। ଏ ନେଇ ଆଜି ଖୁଣ୍ଟା ବ୍ଲକ ଟିକରପଡ଼ା ଭଜନ ମଣ୍ଡଳୀ ସାଇ ସଂଗଠନର ଆବାହକ ରଞ୍ଜନ କୁମାର ମଡୁଆଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଇ ପରିବାରର ଗଣେଶ୍ୱର ବେହେରା, ମଞ୍ଜୁଲତା ମହାପାତ୍ର, ଦେବେନ୍ଦ୍ର ମଡୁଆଳ, ମାଳତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ବଡ଼ସାହି, ୨୧।୧୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ କେନ୍ଦୁଡ଼ିହା ପଞ୍ଚାୟତର କୁଳିଅଣା (ବି) ଗ୍ରାମର ଅବସରପ୍ରାପ୍ତ ଜୁଡିସିଆଲ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ଦାଶ (୭୭)ଙ୍କ ପରଲୋକ ହୋଇଯାଇଛି। ସେ ଜୁଡିସିଆଲ ବିଭାଗର ଦୀର୍ଘଦିନ ଧରି କାମ କରି ଅବସର ନେଇଥିଲେ। ପରେ ସେ ଗାଁର ବହୁ ବିକାଶ ମୂଳକ କାମରେ ସାମିଲ ଥିଲେ। ସେ ଜଣେ ଧର୍ମପରାୟଣ, ଆଧ୍ୟାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। କିଛି ଦିନ ଧରି ଥଣ୍ଡା କଫ ଜନିତ ରୋଗରେ ପୀଡିତ ଥାଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଶୁକ୍ରୁଳି, ୨୧।୧୧(ସମିସ): ଶୁକ୍ରୁଳି ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ ସଂଗ୍ରାମ



କେଶରୀ ମଲ୍ଲିକଙ୍କ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୦ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ଜୟନ୍ତୀ ଗୁୟା, ବାଳକ ବିଭାଗରେ ଜଗନ୍ନାଥ ସଏ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ଅଧ୍ୟାପକ ମହେଶ୍ୱର ମିଶ୍ର, ଅଧ୍ୟାପକ ନିର୍ମଳ କୁମାର ମଲ୍, ଅଧ୍ୟାପକ ସରୋଜ କୁମାର ପଲେଇ, ଅଧ୍ୟାପିକା ବିଦ୍ୟୁତ୍ ପ୍ରଭା ପୃଷ୍ଟି, ଅଧ୍ୟାପିକା ଡ ମିନାକ୍ଷୀ ଦାସ, ଅଧ୍ୟପକ୍, ଜନାର୍ଦ୍ଦନ ମହନ୍ତ, ଅଧ୍ୟାପକ ବିଶ୍ୱରଞ୍ଜନ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବଳାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ଲୋକନୃତ୍ୟ ଦଳ ଜାତୀୟସ୍ତରକୁ ମନୋନୀତ

ବାରିପଦା, ୨୧।୧୧(ସମିସ): ଭୁବନେଶ୍ୱର ୟୁନିଟ-୬ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାରିପଦାର ବଳାଙ୍ଗୀ ସରକାରୀ ଉଚ୍ଚବିଦ୍ୟାଳୟର ନୃତ୍ୟ ଦଳ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ମନୋଜ ପରିଡ଼ା ଓ




ଶିକ୍ଷୟିତ୍ରୀ ମୌସୁମୀ ଦୀକ୍ଷିତଙ୍କ ନେତୃତ୍ୱରେ ଛାତ୍ରୀମାନେ ପୋଷଣ, ସ୍ୱାସ୍ଥ୍ୟ ଓ ପରିମଳ ବିଷୟବସ୍ତୁ ଉପରେ ଲୋକନୃତ୍ୟ ପରିବେଷଣ କରିଥିଲେ। ସେମାନେ ହେଲେ ମାଳତୀ ହେମ୍ବ୍ରମ, ରଶ୍ମିତା ସିଂ, ବିନ୍ଦିଆ ସୋରେନ, ରାଇମଣି ବେଶ୍ରା, ହୀରାମଣି ହେମ୍ବ୍ରମ, ସମ୍ଭାରୀ ମୁର୍ମୁ। ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ଅଂଶ ଗ୍ରହଣ କରିଥିବା ମୋଟ ୧୫ଟି ଲୋକନୃତ୍ୟ ଦଳ ମଧ୍ୟରୁ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନୃତ୍ୟଦଳ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆସନ୍ତା ୨୦୨୬ ମସିହା ଜାନୁୟାରୀ ୬ରୁ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ରାଜ୍ୟ ଗୋଆଲିୟରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଯୋଗଦେବେ।

## ଡିଗ୍ରୀ କଲେଜରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ବାରିପଦା, ୨୧।୧୧(ସମିସ): ଭଞ୍ଜପୁର ସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ



ଡ ପ୍ରବୋଧ କୁମାର ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ ଶୁଭମ ଶ୍ରୀତମ ସାମନ୍ତରାୟ, ଡ ଇତିଶ୍ରୀ ସ୍ୱାଇଁ, ମାଦକ ଦ୍ରବ୍ୟ ନିୟନ୍ତ୍ରଣ ବିଭାଗର ସହକାରୀ ପରିଚାଳକ ଡ ନିହାର ରଞ୍ଜନ ପୃଷ୍ଟି ଏବଂ ଜନସ୍ୱାସ୍ଥ୍ୟ ପରିଚାଳକ ରାଜଶ୍ରୀ ପାଲ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ପରିଚାଳନା କରିଥିବାବେଳେ ଜ୍ୟୋସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଘୁଷୁରିଆ ଓ ଇଟାମୁଣ୍ଡିଆରେ ଜନଜାତି ଗୌରବ ଦିବସ

ସାନକେରକୋ, ୨୧।୧୧(ସମିସ): ବଡସାହି ବ୍ଲକ ଅନ୍ତର୍ଗତ ଘୁଷୁରିଆ ଓ ଇଟାମୁଣ୍ଡିଆ ଗ୍ରାମରେ ଜନଜାତି ଦିବସ ଗୌରବ ପାଳିତ ହୋଇଯାଇଛି। ଜନଜାତି ସମାଜର ପାରମ୍ପରିକ ରୀତିରେ ଗ୍ରାମର ଦେହୁରି ଧରତୀ ଆବା ଭଗବାନ ବିର୍ସାମୁଣ୍ଡାଙ୍କ ପୂଜା ଅର୍ଚ୍ଚନା କରିବା ପରେ ସମସ୍ତେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ବିର୍ସା ମୁଣ୍ଡା ଜୀବନୀ ଉପରେ ଆଲୋଚନା କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମ ସହ କ୍ଷେତ୍ର ସଂଗଠନ ସମ୍ପାଦକ ବିଶ୍ୱାମିତ୍ର ମହାନ୍ତ ଜନଜାତି ଗୌରବ ଦିବସ ପାଳନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ବିଭାଗ ସଂଗଠନ ସମ୍ପାଦକ ଘନଶ୍ୟାମ ମହାନ୍ତ ବିର୍ସା



ମୁଣ୍ଡାଙ୍କର ଟୋପି ଟୋପି ଏକ ହେଁ ଉକ୍ତିର ମର୍ମକୁ ବୁଝାଇବା ସହିତ ବିଧର୍ମୀମାନଙ୍କୁ ଗ୍ରାମରେ ପ୍ରବେଶ କରାଇ ନ ଦେବାକୁ ଆହ୍ୱାନ ଦେଇଥିଲେ। ସମାଜସେବୀ ବିକାଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷି ଯନ୍ତ୍ରପାତି ଓ ନାଫେଡ୍ ଷ୍ଟୋର ଉଦ୍‌ଘାଟିତ



ମହୁଲଡିହା, ୨୧।୧୧(ସମିସ): ମହୁଲଡିହା ବୃହଦାକାର ବହୁମୁଖୀ ଆଦିବାସୀ କୃଷିଋଣ ସମବାୟ ସମିତି ଲି. ପକ୍ଷରୁ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ୨୦୨୫ ଅବସରରେ ଅତ୍ୟାଧୁନିକ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ଓ ନାଫେଡ ଷ୍ଟୋର ଶୁକ୍ରବାର ତାରିଖରେ ଉଦଘାଟିତ ହୋଇଯାଇଛି। ଲ୍ୟାମ୍ପ ସଭାପତି ଦିଲ୍ଲୀପ କୁମାର ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ମଣ୍ଡଳର ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକଙ୍କ ଦ୍ୱାରା ନାଫେଡ ଷ୍ଟୋର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମହୁଲଡିହା ଲ୍ୟାମ୍ପସର ଅନୁବନ୍ଧିତରେ ମହାବୀର ଏଣ୍ଟରପ୍ରାଇଜର୍ସ ଆନନ୍ଦପୁର ପକ୍ଷରୁ ସାଲଚୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କରଡାପାଳ ଓ ଚାଉଳଝରୀ ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ନିରଞ୍ଜନ ନାଏକ ଗୋଟିଏ ଲେଖାଏଁ ପାୱାର ଉଇଡର ସବସିଡି ଦରରେ ଲ୍ୟାମ୍ପରୁ ନେଇଛନ୍ତି। ସେହିପରି ନାଫେଡ କମ୍ପାନୀର ଅଟା, ସୋରିଷ ତେଲ, ହରଡ଼ ଡାଲି, ଚା' ପତି ଆଦି ସୁଲଭ ମୂଲ୍ୟରେ ମିଳୁଛି। ଶେଷରେ ପରିଚାଳନା ପରିଷଦର ସଭ୍ୟ ମାନସ ରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି



ରାସଗୋବିନ୍ଦପୁର, ୨୧।୧୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦେବଶୁଳ ପଞ୍ଚାୟତର ରଙ୍ଗାମାଟିଆ ସ୍ଥିତ ଚକ୍ଷୁ ଚିକିତ୍ସାଳୟ ଗବେଷଣା ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳର ପ୍ରକଳ୍ପ ନିର୍ଦ୍ଦେଶକ ଇ. ପ୍ରତୀକ କୁମାର ପଟ୍ଟନାୟକ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚିକିତ୍ସାଳୟର ପ୍ରବନ୍ଧକ ଟ୍ରଷ୍ଟି ଆଦିତ୍ୟ କୁମାର ପଟ୍ଟନାୟକ, ଡ. ଶୌମିତ୍ର କୁମାର ଦାସ, ପ୍ରାକ୍ତନ ରାସଗୋବିନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ମହାନ୍ତ, ଚିକିତ୍ସାଳୟର ମୁଖ୍ୟ ସଦସ୍ୟ ଗୀତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରୌୟ ଜୟନ୍ତୀର କାର୍ଯ୍ୟକ୍ରମକୁ ସୂଚାରୁ ରୂପେ କିପରି ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ସମସ୍ତଙ୍କ ପରାମର୍ଶ କ୍ରମେ ପ୍ରଥମେ ଏକ କମିଟି ଗଠନ ହୋଇଥିଲା। ଉକ୍ତ ପରିଚାଳନା କମିଟିର ମୁଖ୍ୟ ଭାବେ ଗୀତା ପଟ୍ଟନାୟକ, ବସନ୍ତ କୁମାର ମହାନ୍ତ, ସାମ୍ବାଦିକ ଅଶୋକ କୁମାର ମହାନ୍ତି, ସାମ୍ବାଦିକ ଶିରିଶ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ଲେଙ୍କା, ସାମ୍ବାଦିକ ତପନ କୁମାର ମିଶ୍ର, ସାମ୍ବାଦିକ ସନ୍ତୋଷ କୁମାର ମହାନ୍ତି, ସାମ୍ବାଦିକ ତ୍ରିଲୋଚନ ସେଠୀ, ଇନ୍ଦ୍ରଜିତ ଦାଶ, ପ୍ରଫୁଲ୍ଲ ଦଳାଇଙ୍କୁ ରଖାଯାଇଛି। ଏହି ରୌପ୍ୟ ଜୟନ୍ତୀ ୨ ଦିନ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶେଷରେ ପ୍ରୋଗ୍ରାମ କୋର୍ଡ଼ିନେଟର ନୀଳାଦ୍ରି ବିହାରି ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ରାଇରଙ୍ଗପୁର, ୨୧।୧୧(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ରାଇରଙ୍ଗପୁର କଂଗ୍ରେସ ପକ୍ଷରୁ ପାଳିତ ହୋଇଛି। ବଜାର ପରିସରରେ ଥିବା ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ କଂଗ୍ରେସ ବିଧାୟକ ଶ୍ୟାମ ଚରଣ ହାଁସଦାଃ, ବରିଷ୍ଠ କଂଗ୍ରେସ ନେତା ଅଶୋକ ଅଗ୍ରୱାଲା, ବେରେଲ ସିର୍କା, ଯୁବନେତା ରୂପକ ମହାନ୍ତି, କୌଶିକ ମହାନ୍ତି, କିଶୋର ମହାନ୍ତ, ପିଥ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩ ଜଣ ମହିଳା ମଞ୍ଜୁଲତା ପାତ୍ର, ଜେମାମଣି ପାତ୍ର ଏବଂ ମାଧବୀ ପାତ୍ରଙ୍କୁ ଶ୍ରମକାର୍ଡ ପ୍ରଦାନ କରାଯାଇଥିଲା।

## ଉପଖଣ୍ଡସ୍ତରୀୟ ଶିଶୁ ମହୋତ୍ସବ 'ସର୍‌ଗି ଫୁଲ' ଉଦ୍‌ଘାଟିତ

କରଞ୍ଜିଆ, ୨୧।୧୧(ସମିସ): ଶିଶୁମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ଉଦ୍‌ଭାସିତ କରିବା ନେଇ କରଞ୍ଜିଆ ବ୍ଲକ ପାଟବିଲ ପଞ୍ଚାୟତ କେନ୍ଦୁମୁଣ୍ଡି ସ୍ଥିତ ସରକାରୀ ଏସଏସଡ଼ି ହାଇସ୍କୁଲରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଉପଖଣ୍ଡସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡର ୫ଟି ବ୍ଲକରୁ ଆସିଥିବା ଛାତ୍ରଛାତ୍ରୀ ନିଜନିଜ ପ୍ରତିଭା ଦେଖାଇଥିଲେ। କରଞ୍ଜିଆ ସ୍ୱମନିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟବିଲ ସରପଞ୍ଚ ସୌଦାମିନୀ ନାଏକ, ସମିତି ସଭ୍ୟ କୈଳାସ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝୀ, ଦେବେନ୍ଦ୍ର ସାମଲ ମଙ୍ଗଳ ସମ୍ପ୍ରସରଣ ଅଧିକାରୀ ଅଭିଜିତ ପ୍ରଧାନ, ରାକେଶ ଚନ୍ଦ୍ର ଦାସ, ସୁବାସ ହନହଗା, ଦେବଦର୍ଶିନୀ ପ୍ରୀତିରେଖା, କୁମାର ନାୟକ, କେନ୍ଦୁମୁଣ୍ଡି ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରବିଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର ମଲ୍ଲିକ, ବଳରାମ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।



ଏହି ଅବସରରେ ଚିତ୍ରାଙ୍କନ, କବିତା ପାଠ, ଗୀତ, ନୃତ୍ୟ, ନାଟକ, ଭାଷଣ, ଶିଶୁ ବିଜ୍ଞାନ ପ୍ରଦର୍ଶନ ଓ ଲୋକକଳା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସର୍ଗିଫୁଲ ହେଉଛି ଏକ ଏମିତି ମଞ୍ଚ, ଯେଉଁଠି ଶିଶୁ ପାଠ୍ୟପୁସ୍ତକଠାରୁ ବାହାରି ଆସି ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରକାଶ କରିପାରନ୍ତି ବୋଲି ଅତିଥିମାନେ ମତ ରଖିଥିଲେ। ଠାକୁରମୁଣ୍ଡା ଏସଏସଡ଼ି ହାଇସ୍କୁଲ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରକାଶ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ସହକାରୀ ଶିକ୍ଷକ ଅଜିତ କୁମାର ନାଏକ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦୁମୁଣ୍ଡି ଏସଏସଡ଼ି ହାଇସ୍କୁଲ ପ୍ରଧାନଶିକ୍ଷକ ରବିଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଭଲିଭଲ ପ୍ରତିଯୋଗିତାର ବାଳକ ବର୍ଗରେ କେନ୍ଦୁମୁଣ୍ଡି ହାଇସ୍କୁଲ ବିଜେତା ହୋଇଥିବା ବେଳେ ଏକଲବ୍ୟ ବିଦ୍ୟାଳୟ ଟାଟ ଉପବିଜେତା ହୋଇଥିଲା। ସେହିପରି ବାଳିକା ବିଭାଗରେ ଏକଲବ୍ୟ ବିଦ୍ୟାଳୟ ଟାଟ ବିଜେତା ଓ ହାତିବାରୀ ଏସଏସଡ଼ି ହାଇସ୍କୁଲ ଉପବିଜେତା ହୋଇଥିଲା। ଶେଷରେ ପ୍ରତିଯୋଗୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବ୍ଲକସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳିତ



ବିଶୋଇ, ୨୧।୧୧ (ସମିସ) ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଛି। ବିଆରସି ସୁକାନ୍ତୀ ସୋରେନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବ୍ଲକ ଜିପିଡ଼ିଓ ହରେଶ କୁମାର ନାଏକ, ।ମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ବିଏଲଏଫ ସଭାନେତ୍ରୀ ଚନ୍ଦ୍ରିକା ମହାନ୍ତି ସମେତ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ, କମ୍ୟୁନିଟି କ୍ୟାଡ଼ର ଓ ଜନ ସାଧାରଣ ଉପସ୍ଥିତ ଥିଲେ। ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ଶୌଚାଳୟ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବ୍ଲକର ୧୩ଟି ପଞ୍ଚାୟତରେ ୬୦ରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହିତ ନୂତନ ନିର୍ମିତ ଗୋଷ୍ଠୀ ଶୌଚାଳୟ ଉଦଘାଟନ କରାଯିବ।

## ବିଶ୍ୱ ମତ୍ସ୍ୟ ଦିବସ

# ଚାଷୀଙ୍କ ଆତ୍ମନିର୍ଭରଶୀଳତା ଓ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ

କେନ୍ଦୁଝର, ୨୧।୧୧(ସମିସ): କେନ୍ଦୁଝର ମତ୍ସ୍ୟ ଅଧିକାରୀଙ୍କ ତାଲିମଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଟି ବ୍ଲକରୁ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଜାଆଁଳ ଉତ୍ପାଦନକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ । କେନ୍ଦୁଝର ଜିଲ୍ଲା ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ପ୍ରମୋଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ସମ୍ମାନିତ ଅତିଥିଭାବେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରବିନ୍ଦ ଦାସ, ମତ୍ସ୍ୟ ବିଶେଷଜ୍ଞ ଦିଲ୍ଲୀପ ରାଉତରାୟ, ସିଡିଭିଓ କାର୍ଯ୍ୟାଳୟର ପ୍ରାଣୀ ଚିକିତ୍ସାଧିକାରୀ ପ୍ରତୀକ କୁମାର ପହି, କେନ୍ଦୁଝର ଅତିରିକ୍ତ ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ ଯୋଗ ଦେଇଥିଲେ । ତେଲକୋଇ ସହକାରୀ ମତ୍ସ୍ୟ ଅଧିକାରୀ ବାଲ୍ମିକୀ ପାତ୍ର, ରବିନ୍ଦ୍ର ମାରାଣ୍ଡି, ନିହାର ରଞ୍ଜନ ନାୟକ, ଦିବ୍ୟଜ୍ୟୋତି ମହାନ୍ତ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ସସ୍ମିତା ନାୟକ, ସ୍ୱପ୍ନାପ୍ରୀତି ସିଂ, ତନୁଶ୍ରୀ ବେହେରା, ଅରୁଣ ପାତ୍ର, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ଭାଗ୍ୟବାନ ଲେଙ୍କା, ସୁଶୀଲ ନାୟକ, ରଞ୍ଜନ ପାତ୍ର, ସଂଜୟ ନାୟକ ତଥା ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀ ସହଯୋଗ କରିଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ବିରେନ ନାୟକ ମଞ୍ଚ ପରିଚାଳନା କରିଥିଲେ । ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣା ବ୍ଲକର ମା' ସରସ୍ୱତୀ ବିଶ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଘଟଗାଁ ବ୍ଲକର ସୁବାସଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି ।




# ଗୋନାସିକା କେନ୍ଦୁଝର ମହୋତ୍ସବ ପ୍ରସ୍ତୁତି



କେନ୍ଦୁଝର, ୨୧।୧୧(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧକ୍ଷତାରେ ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅନନ୍ତ ନାୟକ, ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କୁମାର ନାଗଭୂଷଣ, ପିଏ ଆଇଟିଡିଏ ଶିବଶଙ୍କର ମିଶ୍ର ଏବଂ ଅନ୍ୟ ଜିଲ୍ଲା ଅଧିକାରୀ ଏହି ଜିଲ୍ଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ପାଇଁ ବ୍ୟବସ୍ଥାକୁ ଚୂଡ଼ାନ୍ତ କରିବା ପାଇଁ ଆଲୋଚନା କରିଥିଲେ । ସାଂସ୍କୃତିକ ଦଳଗୁଡ଼ିକୁ ପ୍ରାୟୋଜିତ କରିବାକୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ବଲିଉଡ ଓ ଓଲିଉଡର ପ୍ରତିଷ୍ଠିତ କଳାକାରଙ୍କ ସହିତ କେନ୍ଦୁଝରର ଆଦିବାସୀ ଏବଂ ସ୍ଥାନୀୟ ଲୋକ କଳାକାରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ । ମିନି-ମାରାଥନ/ସାଇକ୍ଲୋଥନ, ଫୁଡ୍‌କୋର୍ଟ, କବି ସମ୍ମିଳନୀ, ପୁସ୍ତକ ମେଳା, ଫୁଲସଜ୍ଜା, ପ୍ରଦର୍ଶନୀ ଏବଂ ଟେଣ୍ଟ, ଆଲୋକ ଏବଂ ସୁରକ୍ଷା ସମେତ ଭିତ୍ତିଭୂମିର ସମୀକ୍ଷା କରାଯାଇଥିଲା । ସର୍ବୋତ୍ତମ ପ୍ରଦର୍ଶନକାରୀ ଷ୍ଟଲଗୁଡ଼ିକୁ ସମ୍ମାନିତ କରିବା ଏବଂ ଟ୍ରଫି, ସ୍ମାରକୀ ପ୍ରସ୍ତୁତ କରିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଉଦ୍‌ଘାଟନର ଏକ ଅଂଶ ଭାବରେ ଆନନ୍ଦପୁର, ଘଟଗାଁ, ଗୋନାସିକା, ବଳଦେବଜୀଉ ମନ୍ଦିର ଏବଂ ଚମ୍ପୁଆରୁ ମଶାଲ ରାଲି ପ୍ରସ୍ତାବ ଦିଆଯାଇଥିଲା । ମହୋତ୍ସବ ସମୟରେ ଜିଲ୍ଲା ପ୍ରଶାସନ ଏବଂ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ଆୟୋଜନ କରାଯିବ । ସମନ୍ୱୟ ପାଇଁ ବିଭିନ୍ନ କମିଟି ଗଠନ କରିବାର ପ୍ରସ୍ତାବ ଦିଆଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିଲେ ।

## ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା



**ଆନନ୍ଦପୁର, ୨୧।୧୧ (ସମିସ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ତରଫରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ରାଜନେତା ସାମିଲ ହୋଇଥିଲେ । ସକାଳୁ ଘସିପୁରା ଝାଡେଶ୍ୱର ସ୍କୁଲଠାରେ ସମସ୍ତେ ଏକତ୍ରିତ ହେବାପରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ତେଲକୋଇ ବିଧାୟକ ଫକୀର ଚରଣ ନାୟକ, ଉପଜିଲ୍ଲାପାଳ ନୀଳମାଧବ ସୁନା ପ୍ରମୁଖ ଉପସ୍ଥିତ ଥିଲେ । ଘସିପୁରାରୁ ବାହାରିଥିବା ଏହି ପଦଯାତ୍ରା ଶାଳପଡା ଦେଇ ସହର ପରିକ୍ରମା କରି ଆନନ୍ଦପୁର ବିଏନ୍. ହାଇସ୍କୁଲ ଓ ପରେ ଆସି ଆନନ୍ଦପୁର ଷ୍ଟାଡିୟମଠାରେ ପହଞ୍ଚିଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ମରୈଗାଁ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ହାଟଡ଼ିହୀ,୨୧।୧୧(ସମିସ): ହାଟଡ଼ିହୀ ଶିକ୍ଷା ସର୍କଲ ଅଧୀନ ମରୈଗାଁ ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମରୈଗାଁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଞ୍ଜିତା ବେଗମ୍ ସଭାପତିତ୍ୱ କରିଥିଲେ । ଉଦଘାଟନୀ ଉତ୍ସବରେ ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଓଷ୍ଟା ସଭାପତି ରଞ୍ଜନ ଘଡେଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତ୍ନାକର ପଣ୍ଡା, ମରୈଗାଁ ସରପଞ୍ଚ ସତ୍ୟଭାମା ଜେନା, ଏସଏମସି ଅଧକ୍ଷ ଶରତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଦେବାଶିଷ ସୌଭାଗ୍ୟରଞ୍ଜନ ବାରିକ ଅତିଥି ପରିଚୟ କରାଇବା ସହ ମୁଖ୍ୟ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ୧୨୦ଟି ପ୍ରକଳ୍ପ ନେଇ ଏହି ବୈଜ୍ଞାନିକ ମେଳାରେ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । କଲ୍ୟାଣୀ ଜେନା, ସୁଚରିତା ବେହେରା ସହଯୋଗ କରିଥିଲେ । ବିଚାରକ ଭାବେ ଲକ୍ଷ୍ମୀନାରାୟଣ ହାଇସ୍କୁଲ ରାମଚନ୍ଦ୍ରପୁରରୁ ଶତ୍ରୁଘନ ସାହୁ, ଜନମଙ୍ଗଳ ହାଇସ୍କୁଲ କେଶଦୁରାପାଳରୁ ପ୍ରକାଶ କୁମାର ପଣ୍ଡା, ଆଶାମଣି ଉଚ୍ଚ ବିଦ୍ୟାପୀଠ କୁଣ୍ଡି ମହାନ୍ତିପଡ଼ାରୁ ସଞ୍ଜୟକୃଷ୍ଣ ମହାପାତ୍ର, ସିଦ୍ଧେଶ୍ୱର ନୋଡାଲ ସ୍କୁଲ ବାସୁଦେବପୁରରୁ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ବିଜ୍ଞାନ ଶିକ୍ଷକ ପିଣ୍ଟୁକୁମାର ଦାସ ଓ ମରୈଗାଁ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜିତା ବେଗମ୍ ପ୍ରକଳ୍ପଗୁଡ଼ିକର ନିରୀକ୍ଷଣ କରିଥିଲେ । ୧ମ ସ୍ଥାନରେ ମିଠିଗାଁ ଉପ୍ରା ବିଦ୍ୟାଳୟର ବିଶ୍ୱଜିତ ସେଠୀ, ୨ୟ ସ୍ଥାନରେ ମରୈଗାଁ ହାଇସ୍କୁଲର ଆଶୁତୋଷ ଦାସ, ୩ୟ ସ୍ଥାନରେ ଆଦିତ୍ୟ ନାୟକ ଛେନପଦି ଉପ୍ରା ବିଦ୍ୟାଳୟ, ୪ର୍ଥ ସ୍ଥାନରେ ସୁନ୍ଦରାପାଳ ଆଦର୍ଶ ବିଦ୍ୟାଳୟର ପାୟଲ ସା, ୫ମ ସ୍ଥାନରେ ସୋସୋ ବିକେ ହାଇସ୍କୁଲର ପ୍ରୀତିରାଜ ରାଉତ, ୬ଷ୍ଠ ସ୍ଥାନରେ ଲିପ୍ସାରାଣୀ ରାଉତ ଆଶାଦେବୀ ହାଇସ୍କୁଲ ଜମ୍ପିରା, ୭ମ ସ୍ଥାନରେ ରୁଦ୍ରଜିତ ଜେନା ପଞ୍ଚାୟତ ହାଇସ୍କୁଲ ଶାସଙ୍ଗରୁ ମନୋନୀତ ହୋଇଛନ୍ତି । ସମାପନ ସମାରୋହରେ ମୁଖ୍ୟଅତିଥି ଭାବେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ, ମୁଖ୍ୟବକ୍ତା ଭାବେ ଓଷ୍ଟା ସଭାପତି ରଞ୍ଜନ ଘଡ଼େଇ, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ଏସଏମସି ଅଧକ୍ଷ ଶରତ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସିଆରସିସି ସତ୍ୟନାରାୟଣ ଗିରି, ଆଲୋକ ନାଥ, ଅଞ୍ଜନ ଦାସ, ଆକାଶ ସାହୁଙ୍କ ସମେତ ଶିକ୍ଷକ ଶିବସୁନ୍ଦର ସାହୁ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ରିତା ଦାସ, ମେନକା ମଞ୍ଜରୀ ମଲ୍ଲିକ, ଗୀତାରାଣୀ ସେଠୀ, ଗୀତାଞ୍ଜଳି ମଲ୍ଲିକ, ରଞ୍ଜନ ପଣ୍ଡା, ଦିଗମ୍ବର କୁଅଁର, ରଘୁନାଥ ଓଝା, ସୌଦାମିନୀ ଜେନା, ରଞ୍ଜନ ଜେନା, ଚିନ୍ମୟୀ ଖମାରୀ ପରିଚାଳନା କରିଥିଲେ । ବିଦ୍ୟାଳୟର ସହାୟକ ନରେନ୍ଦ୍ର ପ୍ରସାଦ ଜେନା ଓ କର୍ମଚାରୀ ଘନଶ୍ୟାମ ସାହୁ ସହଯୋଗ କରିଥିଲେ ।

## ପଦ୍ମପୁର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କେନ୍ଦୁଝର,୨୧।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀୟାନ ଇଂ ବସନ୍ତ ଦାନୀ, ସମ୍ମାନିତ ଅତିଥି ପଦ୍ମପୁର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ରାମକୃଷ୍ଣ ସାହୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଭିନ୍ନ କ୍ରୀଡ଼ାରେ ୨୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବାଳକ ବିଭାଗରେ କୁଳମଣି ଜେନା, ବାଳିକାରେ ଫୁଲମଣି ମାଝୀ ଚାମ୍ପିଅନ ହୋଇଥିଲେ । ଅଧ୍ୟାପକ ରାମଶଙ୍କର ସାହୁ, ପ୍ରସନ୍ନ ପ୍ରଧାନ, ରଘୁନାଥ ମହାନ୍ତ, ଗୋଲକ ବିହାରୀ ସାହୁ, ପ୍ରକାଶ ପ୍ରଧାନ, ହରେରାମ ମାଝୀ, ଅଭୟ ଦେହୁରୀ, ସତ୍ୟବ୍ରତ ସାହୁ, ତାପସ ଜେନା, ଅଜିତ ସାହୁ, ଦୀପକ ଚାଓ୍ୱଡା, ଅଧ୍ୟାପିକା ସୌମ୍ୟାରାଣୀ ପୃଷ୍ଟି, ବିନ୍ଦୁସ୍ମିତା ପାତ୍ର, ଅର୍ପିତାରାଣୀ ମହାନ୍ତି ସମେତ କର୍ମଚାରୀ ହରିହର ମହାନ୍ତ, ସୁବୋଧ ସାହୁ, ସୁରେନ୍ଦ୍ର ସାହୁ, ରସରଞ୍ଜନ ରଣା, ପରମେଶ୍ୱର ଦେହୁରୀ, ମହେନ୍ଦ୍ର ସାହୁ, ଶିବ ସାମଲ, ଗୁରୁବାରୀ କାରୁଆ ସହଯୋଗ କରିଥିଲେ । ଅଧ୍ୟାପକ ସୁରେଶଚନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ କ୍ରୀଡ଼ା ବିଭାଗ ଉପସଭାପତି ଅଧ୍ୟାପକ ସନତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲରେ ସାରସ୍ୱତ ସମ୍ମେଳନ

ଯୋଡ଼ା, ୨୧।୧୧(ସମିସ): ଯୋଡା ବ୍ଲକ୍ ଅନ୍ତର୍ଗତ ଜିଲିଙ୍ଗସ୍ଥ ଡିଏଭି ଓମ୍‌ସି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ 'ରିଡ୍ ଟୁ ଲିଡ୍' ଥିମ୍‌କୁ ନେଇ ଏକ ସାରସ୍ୱତ ସମ୍ମେଳନ ଅନୁଷ୍ଠିତ ହୋଇଛି । ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଇଂରାଜୀ ଭାଷା ସାହିତ୍ୟର ପ୍ରାଧ୍ୟାପକ ଡକ୍ଟର ମାନସ ରଞ୍ଜନ ପଣ୍ଡା, ଯୋଡା ମହିଳା ମହାବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟ ସମାଲୋଚକ ଅର୍ଦ୍ଧାଂଶୁ ଶେଖର ପାଢୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । 'ସାହିତ୍ୟ ସମାଜର ଦର୍ପଣ ଓ ସମାଜ ପାଇଁ ଅସ୍ତ୍ର' ଶୀର୍ଷକ ବିଷୟରେ ଆଲୋଚନା ସହ ସାରଗର୍ଭକ ବକ୍ତୃତା ଏବଂ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ପ୍ରସନ୍ନ କୁମାର ପ୍ରଧାନ, ବି. ନୀରଜା, ଗୀତା କୁମାରୀ, ସତ୍ୟପ୍ରକାଶ ଦାଶ, ସୁଶ୍ରୀ ଶୋଭା ପୁନ୍, ବିଦ୍ୟାଳୟର ବରିଷ୍ଠ ଶିକ୍ଷକଶିକ୍ଷୟିତ୍ରୀ ସଞ୍ଚାଳନ କରିଥିଲେ । ବିଦ୍ୟାଳୟର ଛାତ୍ରୀ ଅଦିତି ସାମନ୍ତରାୟ ଓ ସୃଷ୍ଟି ସମୀକ୍ଷା ପାତ୍ର ପୁସ୍ତକ ସମୀକ୍ଷା ପ୍ରତିଯୋଗିତାରେ, ନୁପୂର ପ୍ରିୟଦର୍ଶିନୀ ଓ ନିର୍ମଳା ବାରିକ କବିତା ଆବୃତ୍ତି ପ୍ରତିଯୋଗିତାରେ, ବୈଷ୍ଣବୀ ପ୍ରଧାନ ଓ ହର୍ଷରାଜ ପାତ୍ର ଗଳ୍ପ କଥନ ପ୍ରତିଯୋଗିତାରେ ଏବଂ ସୁଶ୍ରୀ ଶୁଭଲକ୍ଷ୍ମୀ ମିଶ୍ର ଓ ହିମାଂଶୁ ବେହେରା ରାଇମ୍ସ ଆବୃତ୍ତି ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ଶିକ୍ଷକ ସଂଜୟ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।

# ବିଭିନ୍ନ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା





**ଚମ୍ପୁଆ, ୨୧।୧୧(ସମିସ):** ନେହରୁ ଷ୍ଟାଡିୟମରେ ଚମ୍ପୁଆ ଶିଶୁ ବିଦ୍ୟାମନ୍ଦିରର ୪୧ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଚମ୍ପୁଆ ତହସିଲଦାର ସଜତ ମାର୍କୀ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ଅବଗତ କରିଥିଲେ । ସମ୍ପାଦକ ଭୋଳାନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ମଞ୍ଚାସୀନ ଥିଲେ । ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାସ୍କରଚନ୍ଦ୍ର ମହାକୁଡ଼ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏନ୍‌ସିସି ଶିକ୍ଷକ ବସନ୍ତ କୁମାର ମହାନ୍ତ ଓ କ୍ରୀଡା ଶିକ୍ଷକ ଉମେଶଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ନିର୍ମଳଚନ୍ଦ୍ର ମହାନ୍ତ, ତ୍ରିବେଣୀ ପାତ୍ର ତଥା ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଓ ସେବକସେବିକା ସହଯୋଗ କରିଥିଲେ । ଅରୁଣ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୩ଟି ଇଭେଣ୍ଟରେ ମୋଟ ୮୪୨ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ ।

**ଆନନ୍ଦପୁର:** ଆନନ୍ଦପୁର ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ କ୍ରୀଡ଼ା ଆନନ୍ଦପୁରସ୍ଥ ଷ୍ଟାଡିୟମ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଦକ୍ଷ ଫୁଟବଲ୍ ଖେଳାଳି ମୁରଲୀଧର ମିଶ୍ର ଓ ଗଗନ ବିହାରୀ ସିଂ ଏହାକୁ ଉଦଘାଟନ କରିଥିଲେ । ପରିଚାଳନା ସମିତିର ସମ୍ପାଦକ ଗୋବିନ୍ଦ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଶାରୀରିକ ପ୍ରମୁଖ ହେମନ୍ତ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । ଅହଲ୍ୟା ଗୁରୁମା କାର୍ଯ୍ୟ ପରିଚାଳନା କରିଥିଲେ । ସଭାପତି ଉଷାରାଣୀ ଜେନା, ଉପସଭାପତି ଜଗନ୍ନାଥ ସିଂ, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର, ପୂର୍ବତନ ଗୁରୁଜୀ ବସନ୍ତ କୁମାର ସାହୁ ସହଯୋଗ କରିଥିଲେ । ଖେଳଗୁଡ଼ିକ ହରେକୃଷ୍ଣ ଗୁରୁଜୀ, ପଙ୍କଜ ଗୁରୁଜୀ, ଯୁଧିଷ୍ଠିର ଗୁରୁଜୀ, ବିଷ୍ଣୁପ୍ରିୟା ଗୁରୁମା, କିରଣ ଗୁରୁମା, ବଳରାମ ଗୁରୁଜୀ, ମାନସୀ ଗୁରୁମା ଓ ପ୍ରାତଃ ପର୍ଯ୍ୟାୟ ଦିବା ପର୍ଯ୍ୟାୟର ସମସ୍ତ କାର୍ଯ୍ୟ ଗୁରୁଜୀଗୁରୁମା, ସେବକସେବିକା ନିର୍ବାହ କରିଥିଲେ ।

**କେନ୍ଦୁଝର:** କେନ୍ଦୁଝର ସଦର ବ୍ଲକ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ମହାଲକ୍ଷ୍ମୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ଏବିଇଓ ମାସନଚନ୍ଦ୍ର ମିଶ୍ର ଏହାକୁ ଉଦଘାଟନ କରିଥିଲେ । ବିଭିନ୍ନ ଖେଳରେ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ପରିଚାଳନା ସଭାପିତି ଆଖଣ୍ଡଳ ବାରିକ, ସମ୍ପାଦକ ଜନ୍ମେଜୟ ସାହୁ, କୋଷାଧ୍ୟକ୍ଷ ଶଶିକାନ୍ତ ମହାନ୍ତ, ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ ମଞ୍ଚାସୀନ ଥିଲେ । ଗୁରୁଜୀ ଫକିର ମହାନ୍ତ, ଦିବ୍ୟଲୋଚନ ମହାନ୍ତ, ସୀତାରାମ ମଲ୍ଲିକ, ପ୍ରମୋଦ ରାଉତ, ଗୋଲକ ଦେହୁରୀ, ସୁରେଶ ଷଡଙ୍ଗୀ, ଇଶ୍ୱରଚନ୍ଦ୍ର ସର୍ଦ୍ଦାର, ଅର୍ଜୁନଚରଣ ସାହୁ, ସୁଶାନ୍ତ ଖଟୁଆ, ସହଦେବ ସାହୁ, ଗୁରୁମା ବିନତା ସାହୁ, ରେଣୁବାଳା ସାହୁ, ରେବତୀ ସାହୁ, ପଦ୍ମିନୀ ସାହୁ, ଅନୁପମା ସାହୁ, ଅଞ୍ଜଳି ସାହୁ, ସ୍ନେହଲତା ବେହେରା, ସରୋଜିନୀ ବେହେରା, ସାଗରିକା ସାହୁ, ଅନିତା ସାହୁ, ଗାୟତ୍ରୀ ମହାନ୍ତ, ବୀଣପାଣି ଗିରି, ଚିନ୍ମୟୀରାଣୀ ପ୍ରଧାନ, ମୀନା ପାତ୍ର, ଦୀପାରାଣୀ ସାହୁ, ସୁଦିପା ସାହୁ, ଚିନ୍ମୟୀ ପ୍ରଧାନ, ସ୍ମୃତିସ୍ମିତା ସାହୁ, ମିତାରଣୀ ଦାସ, ରଶ୍ମିତା ସାହୁ, ଶୈଳବାଳା ସାହୁ, ସ୍ନେହଲତା ମହାନ୍ତ ସମେତ ସେବକ ସନ୍ତୋଷ ସାହୁ, କାଳୀଚରଣ ଦେହୁରୀ, ସେବିକା ସବିତା ଦେହୁରୀ, ଗୀତା କାରୁଆ ସହଯୋଗ କରିଥିଲେ ।

## ଟ୍ରକ୍ ଧକ୍କାରେ କାର୍ ଚୁର୍‌ମାର ବର୍ତ୍ତିଗଲେ ଚାଳକ ଓ ମାଲିକ

ହାଟଡ଼ିହୀ,୨୧।୧୧(ସମିସ): କେନ୍ଦୁଝର ଜିଲ୍ଲା ୨୦ ନମ୍ବର ଜାତୀୟ ରାଜପଥର କୋଳିମାଟି ନିକଟରେ ଘଟିଛି କାର ଦୁର୍ଘଟଣା । କାରକୁ ଏକ ୧୬ ଚକିଆ ଟ୍ରକ ଧକ୍କା ଦେଇଛି । ହାଟଡ଼ିହୀ ବ୍ଲକ ଓରାଳି ଗ୍ରାମର ବିନୟ ଦାସ କେନ୍ଦୁଝରରେ ଟ୍ରେଜେରୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି । ଶୁକ୍ରବାର ସକାଳୁ କର୍ମସ୍ଥଳୀକୁ ଯିବା ବାଟରେ ଘସିପୁରା ଥାନା କୋଳିମାଟି ନିକଟରେ ଏକ ଆଇରନ



ବୋଝେଇ ୧୬ଚକିଆ ଟ୍ରକ ତାଙ୍କର ଓଡି ୦୨-ସିଡ଼ି-୮୭୫୩ ନମ୍ବର କାରଟିକୁ ସମ୍ମୁଖରୁ ପିଟିଥିଲା । ଏହି ଦୁର୍ଘଟଣାରେ ବିନୟ ଓ ତାଙ୍କ ଡ୍ରାଇଭର ସାମାନ୍ୟ ଆହତ ହୋଇ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦୁର୍ଘଟଣାରେ କାରଟି ଚୁରମାର ହୋଇ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ୨୦ନମ୍ବର ଜାତୀୟ ରାଜପଥରେ କୌଣସି ସୂଚନାଫଳକ ନଦେଇ ରାସ୍ତା ନିର୍ମାଣ କରୁଥିବା ଠିକାସଂସ୍ଥା ଗୋଟିଏ ପାର୍ଶ୍ୱ ରାସ୍ତା ବନ୍ଦ ରଖିବା ଫଳରେ ଦୈନିକ ଏଭଳି ଭୟଙ୍କର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି ।

### ● ବେଆଇନ ବାଲି ଚୋରାଚାଲାଣ

## ୨ ହାଇୱା, ୨ ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୨୧।୧୧(ସମିସ): ତୁରୁମୁଙ୍ଗା ଥାନା ୪୯ ନମ୍ବର ଜାତୀୟ ରାଜପଥର ଝାରବେଡ଼ା ଛକ ନିକଟରୁ ଶୁକ୍ରବାର ଭୋରରୁ ୨ ବାଲି ବୋଝେଇ ହାଇୱା ସହ ଦୁଇଟି ଟ୍ରାକ୍ଟରକୁ ଜବତ କରାଯାଇଛି । ଉଭୟ ଗାଡ଼ିରେ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ରାତ୍ରକାଳୀନ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲା । ବାଲି ଚୋରା ଚାଲାଣ ବେଆଇନ ହେଉଥିବା ଜଣାପଡିବା ପରେ ପୁଲିସ ଉଭୟ ଦୁଇ ଗାଡ଼ିକୁ ଜବତ କରିଛି । ଗୋଟିଏ ଗାଡିର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୁଲିସ ଆଉ ଏକ ଡ୍ରାଇଭରକୁ ଅଟକ ରଖିଛି । ତୁରୁମୁଙ୍ଗା ଥାନା ଏଏସଆଇ ସାୟଦ ସଲିମ ହୁସେନଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ । ସେହିପରି ପାଟଣା ଥାନା ଏସଆଇ ଲକ୍ଷଣ ମାଝୀ ଗଦଗଦି ନିକଟରୁ ୨ ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଗାଡି ମାଲିକଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ବାଲିବନ୍ଧ, ୨୧।୧୧(ସମିସ):** ଝୁମ୍ପୁରା ବ୍ଲକ ବାଲିବନ୍ଧ ଖେଳପଡ଼ିଆଠାରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ କାର୍ଯ୍ୟକ୍ରମ ଅନ୍ତର୍ଗତ "ମୋ ଭାରତ' କେନ୍ଦୁଝର ପ୍ରଯୋଜିତ ଗଜାନନ ଯୁବକ ସଂଘ ତରଫରୁ ବିଭିନ୍ନ ଗ୍ରାମର ପ୍ରତିଯୋଗୀଙ୍କୁ ନେଇ ଦୁଇ ଦିନ ଧରି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବାଲିବନ୍ଧ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କଳାକର ମହାନ୍ତ, ସମ୍ମାନିତ ଅତିଥି ବାଲିବନ୍ଧ ଆରଆଇ ନିବେଦିତା ନାୟକ ଯୋଗ ଦେଇଥିଲେ । କବାଡ଼ି, ଖୋଖୋ, ସଟପୁଟ, ବ୍ୟାଡମିଣ୍ଟନ, ୱେଟ୍ ଲିଫ୍ଟିଙ୍ଗ, ତୀରନ୍ଦାଜ, ମ୍ୟୁଜିକ ଚେୟାର, ସାଇକଲ ଏବଂ ଲୋକାଲ ଖେଳ ଚକି ଇତ୍ୟାଦି ଖେଳ ହୋଇଥିଲା । ଖେଳ ଶିକ୍ଷକ ବାସୁଦେବ ପ୍ରଧାନ ଉକ୍ତ ସମସ୍ତ ଖେଳକୁ ପରିଚାଳନା କରିଥିଲେ । ଉତ୍ତୀର୍ଣ୍ଣ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଯୁବକ ସଂଘର ସଭାପତି ଅଭିଷେକ ପ୍ରଧାନ, ଭରତ, ମଳୟ, ହିତେଶ, ବାବୁଲି, ତୁଷାର, ଦୀପକ, ଡେନିସ, ତାପସ, ରାଜା, ହାବଲୁ, ମିଥୁନ, ଟିକଲୁ, ଶୁଭମ, ପପୁ, ଶିବୁ ସହଯୋଗ କରିଥିଲେ ।

## ବାତୋ ବ୍ରାହ୍ମଣୀଦେବୀ ମନ୍ଦିରରେ ସ୍ମୃତିସଭା

ଆନନ୍ଦପୁର, ୨୧।୧୧ (ସମିସ): ଘସିପୁରା ବ୍ଲକ ବାତୋ ପଞ୍ଚାୟତ ନିକଟସ୍ଥ ଅତା ଗ୍ରାମର ବ୍ରାହ୍ମଣୀଦେବୀ ମନ୍ଦିର ପରିସରରେ ମନ୍ଦିରର ବରିଷ୍ଠ କର୍ମୀ ସ୍ୱର୍ଗତ ଅଞ୍ଜନା ନାଥଙ୍କ ଏକାଦଶ କ୍ରିୟା ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମା' ବ୍ରାହ୍ମଣୀ ଦେବୀ ଭଜନ ପରିବାରର ବହୁ ସଦସ୍ୟ ଓ ସଦସ୍ୟା ଯୋଗଦାନ କରିଥିଲେ । ତାଙ୍କ ଆତ୍ମାର ସଦଗତି ନିମନ୍ତେ ସମୂହ ଦୀପଦାନ କରିଥିଲେ । ବାବାଜୀ ପଣ୍ଡା, ଚନ୍ଦନ ନାଥ, ଶଙ୍କର୍ଷଣ ବେହେରା, ମେନକା ପାଗଳ, ରଶ୍ମିରାଣୀ ପାଗଳ, କୁନଲତା ନାଥ, ବିନିରାଣୀ ନାଥ, ଭବାନୀ ପାଗଳ, ଝିଲିରାଣୀ ପାଗଳ, ହବିରାଣୀ ନାଥ, ଦୀପ୍ତିମୟୀ ନାଥ, ତୃପ୍ତିମୟୀ ନାଥ ସହଯୋଗ କରିଥିଲେ ।

# ସହାୟତା ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଦୃଷ୍ଟିହୀନ ବନମାଳି

ଚମ୍ପୁଆ,୨୧।୧୧(ସମିସ): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ବାଲିବନ୍ଧ ପଞ୍ଚାୟତର ଦୁଧକୁଣ୍ଡି ଗ୍ରାମର ଦୃଷ୍ଟିହୀନ ବନମାଳି ଶୁକ୍ରବାର ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ଭେଟି ସହାୟତା ଦାବି କରିଛନ୍ତି । ଗାଡ଼ି ଚାଳକ ବନମାଳି ଦୀର୍ଘ ୧୫ ବର୍ଷ ହେବ ୨ ଚକ୍ଷୁ ହରାଇ ଏକପ୍ରକାର ଅସହାୟ ଜୀବନ ବିତାଉଛନ୍ତି । ପେଟ ଚାଖଣ୍ଡକ ପାଇଁ ଝୁମ୍ପୁରା, ରିମୁଳି ଓ ଚମ୍ପୁଆ ସପ୍ତାହିକ ହାଟରେ ଭିକ୍ଷାବୃତ୍ତିକୁ ଆପଣାଇ ନେଇଥିବା କହିଛନ୍ତି । ଦୁଧକୁଣ୍ଡି ଗ୍ରାମର ମଧୁ ନାଏକଙ୍କ ପୁଅ ବନମାଳି ଛୋଟ ବେଳୁ ଜେନେତେନେ ପ୍ରକାରଣ ଦୋକାନଗୁଡିକରେ କାମ କରି ନିଜକୁ ପ୍ରତିପୋଷଣ କରିଆସୁଥିବା ବେଳେ ଅଧିକ ରୋଜଗାର କରିବା ପାଇଁ ସେ ଯୋଡାରେ ଦୋକାନଗୁଡିକରେ କାମ କରୁକରୁ ଗାଡିର ହେଲପର ଭାବରେ କାମ ଆରମ୍ଭ କରିଥିଲେ । ଝାଡଖଣ୍ଡ ଅଞ୍ଚଳର ରିନା ନାଏକଙ୍କୁ ବିବାହ କରି ସୁଖରେ ସଂସାର ଚଳେଇ ଆସୁଥିଲେ । ପରେ ଜଣେ ଡ୍ରାଇଭର ଭାବରେ ଗାଡି ଚଳାଉଥିବା ସମୟରେ ତାଙ୍କ ଦୃଷ୍ଟି ଶକ୍ତି ହ୍ରାସ ହେବାକୁ ଲାଗିଲା । ଏନେଇ ସେ ବିଭିନ୍ନ ସ୍ଥାନରେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା । ଫଳରେ ୨ ଚକ୍ଷୁକୁ ହରାଇ ବନମାଳି ଘରେ ପଡି ରହିଥିବା ବେଳେ ସ୍ତ୍ରୀ ରିନା ନାଏକ ୩ ଛୁଆଙ୍କୁ ଧରି ପଳାଇଯାଇଥିଲେ । ଅନ୍ଧତ୍ୱର କଷ୍ଟ ସହିତ ଅନାହାରର ଜ୍ୱାଳାରେ ଛଟପଟ ହେଉଥିବା ବନମାଳି ଶେଷରେ ଭିକ୍ଷାବୃତ୍ତିକୁ ଆପଣାଇ ନେଇଥିଲେ । ସେ ଝୁମ୍ପୁରା, ଚମ୍ପୁଆ ଓ ରିମୁଳି ସପ୍ତାହିକ ହାଟଗୁଡିକରେ ଭିକ୍ଷାବୃତ୍ତି କରି ନିଜକୁ ପ୍ରତିପୋଷଣ କରିଆସୁଥିଲେ । ଦେଢ ବର୍ଷ ତଳେ ନିକଟସ୍ତ ଗ୍ରାମର ଗୋଟାଏ ଆଖି ହରାଇଥିବା ତାରା ନାଏକଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ । ପୂର୍ବରୁ ତାରା ନାଏକଙ୍କ ପୁଅ ଓ ଝିଅ ଥିବା ବେଳେ ସମସ୍ତଙ୍କୁ ବନମାଳି ଆପଣାଇ ନେଇଥିଲେ । ବର୍ତ୍ତମାନ ବନମାଳିଙ୍କ ତିନି ମାସର ଏକ ଶିଶୁକନ୍ୟା ଟିକିଲି ନାଏକ ସମେତ ଏକାଠି ରହୁଥିବା ବେଳେ ତାରା ନାଏକଙ୍କ ସହାୟତାରେ ସେ ଚଳପ୍ରଚଳ କରୁଛନ୍ତି । ମାତ୍ର ତାରା ନାଏକ କିମ୍ବା ତାଙ୍କ ତିନି ଶିଶୁର ଜନ୍ମ ପ୍ରମାଣପତ୍ର ଓ ଆଧାର ପ୍ରମାଣପତ୍ର ନଥିବାରୁ କେବଳ ବନମାଳିକୁ ଛାଡି ଏମାନଙ୍କ ଭିତରେ ୪ ଜଣଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ୫ କି.ଗ୍ରା ଚାଉଳ ଆଜିପର୍ଯ୍ୟନ୍ତ ମିଳିପାରିଲା ନାହିଁ । ଏପରିକି ଦୁଇ ଛୁଆ ଶିବ ନାଏକ ଓ ଗୀତା ନାଏକ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ଯାଉ ନଥିବା ବନମାଳି ସୂଚନା ଦେଇଛନ୍ତି । ଏନେଇ ଉପଜିଲାପାଳ ତୁରନ୍ତ ପଦକ୍ଷେପ ଗ୍ରହହଣ କରିବା ସହିତ ଆଧାର ଓ ଜନ୍ମ ପ୍ରମାଣପତ୍ର ବ୍ୟବସ୍ଥା କରିବା ପାଇଁ ସେ ଉପଜିଲାପଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଉପଜିଲ୍ଲାପଳ ଶ୍ରୀ ପରିଡା କହିଛନ୍ତି ଯେ ପ୍ରଥମେ ଏମାନଙ୍କ ଜନ୍ମ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର ଓ ଆଧାର ପ୍ରମାଣପତ୍ର ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ପରେ ଶିବ ନାଏକ ଓ ଗୀତା ନାଏକଙ୍କୁ ସ୍ଥାନୀୟ ବିଦ୍ୟାଳୟରେ ଥଇଥାନ କରାଯିବ ।



# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



କେନ୍ଦୁଝର, ୨୧।୧୧(ସମିସ): କେନ୍ଦୁଝର ଜିଲ୍ଲାରେ ଖରିଫ ୨୦୨୫-୨୬ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପ୍ରକାଶଚନ୍ଦ୍ର ସୂତ୍ରଧର, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ ବେହେରା ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୨୬ରୁ ପର୍ଯ୍ୟାୟକ୍ରମେ ୭୯୧୦୮ ପଞ୍ଜିକୃତ ଚାଷୀଙ୍କଠାରୁ ୯୫ଟି ମଣ୍ଡି ଓ ୮୨ଟି ପାକ୍ସ ତଥା ଲ୍ୟାମ୍ପସ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୩,୧୩,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ। ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍‌ଏମସିର ଅଧ୍ୟକ୍ଷଙ୍କୁ ଚାଷୀଙ୍କ ସହ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକନ୍ ଦେବା ବ୍ୟବସ୍ଥା କରିବା, କଳାବଜାର ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥିରାଜ ମଣ୍ଡଳ, ଡ଼ିଆରସିଏସ ପର୍ଶୁରାମ ପାତ୍ର, କୃଷକ ପ୍ରତିନିଧି ଓ ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

### ଡିସେମ୍ବରୁ ୨୬ରୁ ୭୯୧୦୮ ଚାଷୀଙ୍କଠାରୁ ଧାନକିଣା

## ମାମୁ ଘରକୁ ଆସି ଆତ୍ମହତ୍ୟା

ତୁରୁମୁଙ୍ଗା, ୨୧।୧୧(ସମିସ): ମାମୁ ଘରକୁ ବୁଲିବାକୁ ଆସିଥିବା ଭଣଜାର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ବାରିଆ ଥାନା ମଉଦିର ଶୁକଲାଲ ମୁଣ୍ଡାଙ୍କ ବଡ଼ପୁଅ ପିଙ୍କୁମୁଣ୍ଡା (୨୦)। ସେ ସାନଭାଇ ସହ ଗୁରୁବାର ମାମୁଘରତେନ୍ତୁଳିଖୁଣ୍ଟି ଗ୍ରାମର ବିଶ୍ୱନାଥ ମୁଣ୍ଡାଙ୍କ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ସକାଳୁ ଗାଁ ନିକଟ ହୁଡ଼ିରେ ଥିବା ଏକ ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମା'ଙ୍କ ସହ ଝଗଡା ପରେ ସେ ମାମୁଘରକୁ ଆସି ଆତ୍ମହତ୍ୟା କରିଥିବା ପୁଲିସ କହିଛି। ତୁରୁମୁଙ୍ଗା ଥାନା ଏଏସଆଇ ଦେବେନ୍ଦ୍ର ମୁର୍ମୁ ମୃତଦେହକୁ କେନ୍ଦୁଝର ମେଡ଼ିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବିଡିଓଙ୍କ ବଦଳି ଦାବିରେ ସରପଞ୍ଚଙ୍କ ଧାରଣା ଜାରି



ବହଳଦା, ୨୧।୧୧ (ସମିସ): ବହଳଦା ବିଡିଓ ଶରତ କୁମାର ମଲ୍ଲିକଙ୍କ ବଦଳି ଦାବିରେ ସରପଞ୍ଚଙ୍କ ଦ୍ୱିତୀୟ ଦିନରେ ଧାରଣା ପହଞ୍ଚିଛି। ଜିଲ୍ଲା ସରପଞ୍ଚ ସଂଘ ସଭାପତି ଖଗେଶ୍ୱର ସିଂ ଏବଂ ସଂଯୋଜକ ଦାନ୍ଧୁ ମୁର୍ମୁ ଧାରଣାସ୍ଥଳରେ ପହଞ୍ଚିଥିଲେ। ବିଡିଓଙ୍କୁ ବହଳଦା ବ୍ଲକରୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ସରପଞ୍ଚମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରେ ବସିଛନ୍ତି। ରାଇରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତି ଲାକ୍ରା ଧାରଣା ସ୍ଥଳକୁ ପହଞ୍ଚି ସରପଞ୍ଚଙ୍କୁ ଧାରଣାରୁ ଅହରିବାକୁ ନିବେଦନ କରିଥିଲେ। ଆସନ୍ତା ୨୪ ତାରିଖରେନ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ ଉପରେ ବିଚାର ବିମର୍ଶ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ଦାବି ପୂରଣ ହେବା ଯାଏ ଆନ୍ଦୋଳନ ଜାରି ରଖିବେ ବୋଲି ସରପଞ୍ଚମାନେ କହିଛନ୍ତି।

## ପୁଲିସ ଆଖିକୁ ଧୋକା; ଖସି ପଳାଇଲା ବାଲି ଟ୍ରାକ୍ଟର

ତେଲକୋଇ, ୨୧।୧୧(ସମିସ): ସମାକୋଇ ନଦୀ ପଠା ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଥିବା ବେଳେ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ତେଲକୋଇ ପୁଲିସ ଚର୍ଚ୍ଚାକୁ ଆସିଛି। ଏକ ବାଲି ବୋଝେଇ ଗାଡ଼ିକୁ ଜବତ କରିବାକୁ ଯାଇ ଛାଡ଼ି ଦେବା ପରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାଟି "ମନ୍ଦିର ଭିତରେ କିଏ ? ନା, ମୁଁ କଦଳୀ ଖାଇନି' ଭଳି ଚର୍ଚ୍ଚାକୁ ଆସିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୭ରୁ ଏକ ବାଲି ବୋଝେଇ ଟ୍ରାକ୍ଟର ହାଇସ୍କୁଲ ଛକ ଦେଇ ହାଲପୁଡ଼ି ରାସ୍ତାରେ ଯାଉଥିଲା। ତେଲକୋଇ ପୁଲିସ ପିଛା କରି ହାଲପୁଡି ଗ୍ରାମ ପହଞ୍ଚିବା ପୂର୍ବରୁ ଥିବା ପୋଲ (ବାଲି ଦାଣ୍ଡି ପୋଲ) ନିକଟରେ ଯାଇ ଅଟକାଇଥିଲା। ଜଣେ ବ୍ୟକ୍ତି ସେଠାରେ ପହଞ୍ଚିଲା ପରେ ପୁଲିସ୍ ଗାଡ଼ି ପଛକୁ ଫେରିଥିଲା। ବାଲି ବୋଝେଇ ଗାଡ଼ିଟି ଆଗକୁ ନଯାଇ ସେଠାରୁ ଗାଡ଼ି ବୁଲାଇ ପଛକୁ ଫେରୁଥିଲା। ବଙ୍କନାଳୀ ଛକରେ ଡାହାଣ ମୋଡ ଦେଇ ପତ୍ରଫଡି ଆଡ଼କୁ ଚାଲିଯାଇଥିଲା। ବାଲି ବୋଝେଇ ଟ୍ରାକ୍ଟରଟି ଥାନା ପରିସରକୁ ଆସି ନଥିଲା। ଏ ସମ୍ବନ୍ଧରେ ତେଲକୋଇ ଆଇଆଇସି ଅଞ୍ଜନ ପାତ୍ର କହିଛନ୍ତି, ସରକାରୀ ଘର ନିର୍ମାଣ ପାଇଁ ବାଲି ଯାଉଥିବା କାର୍ଯ୍ୟାଦେଶ ଦେଖିବା ପରେ ଗାଡ଼ିକୁ ଛାଡ଼ି ଦିଆଯାଇଛି। ଏଠି ପ୍ରଶ୍ନ ଉଠୁଛି ଯେ ବାଲି ବୋଝେଇ ଗାଡ଼ି ଯଦି ହାଲପୁଡ଼ି ଗ୍ରାମକୁ ଯାଉଥିଲା ହାଲପୁଡ଼ି ଗ୍ରାମରେ ବାଲି ନ ପକାଇ ସେଠାରୁ ପଛକୁ ଫେରି ବାଙ୍କନାଳୀ ଆଡ଼କୁ ଗାଡ଼ି କାହିଁକି ଗଲା ? ଗାଡିଟି ଚନ୍ଦ୍ରଶେଖରପୁର୍ ଅଞ୍ଚଳର ହୋଇଥିବା ବେଳେ ବାଙ୍କନାଳି ପତ୍ରଫଡି ଦେଇ ଖସାଇ ଦିଆଯାଇଥିବା ଅଭିଯୋଗ ହୋଇଛି।

## ଅବକାରୀ ବିଭାଗର ଚଢ଼ଉ; ୪ ଗିରଫ

ମୋରଡ଼ା,୨୧।୧୧(ସମିସ): ଶୁକ୍ରବାର ମୋରଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ୭୫ଲିଟର ଦେଶୀ ମଦ ଜବତ ଜବତ କରାଯିବା ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହରିଣାଶୋଳ ଗାଁର ଗୁରୁବାରୀ ଟୁଡୁ, ହରିଚାନ୍ଦ ମୁର୍ମୁ, ସୁବାନଡ଼ିହି ଗାଁର ରାଇମାତ ଟୁଡୁ ଏବଂ ଘାଗରା ଗାଁର ମାଳତୀ ସୋରେନ।

## ମହିଳାଙ୍କ ଅଶ୍ଳୀଳ ଫଟୋ ଛାଡ଼ି ଗିରଫ



ତୁରୁମୁଙ୍ଗା, ୨୧।୧୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବାଇକଳା ଗ୍ରାମର ଜଣେ ବିବାହିତା ମହିଳାଙ୍କ ଅଶ୍ଳୀଳ ଫଟୋକୁ ସମ୍ପର୍କୀୟ ଭାଇ ନିଜ ଇନ୍ସଟାଗ୍ରାମ ଆଇଡିରେ ଛାଡିବା ପରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁକରି ସମ୍ପର୍କୀୟ ଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଶୁକ୍ରୁଳି ଗ୍ରାମର ସୁଜିତ ଗିରି(୨୫)। ଏନେଇ ମହିଳା ଜଣଙ୍କ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୯୩/୨୫ରେ ମାମଲା ରୁଜୁକରି ଯୁବକଙ୍କୁ ଆଇଟି ଆକ୍ଟରେ ଗିରଫ କରିଛି। ତୁରୁମୁଙ୍ଗା ଥାନା ଇନସପେକ୍ଟର କିରଣ ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଜଜପଶି ପଞ୍ଚାୟତ ଇଓ, ଏଡିଓଙ୍କ ଦରମା ବନ୍ଦ

ତୁରୁମୁଙ୍ଗା, ୨୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ଅଚଳାବସ୍ଥା ନେଇ ଅଭିଯୋଗ ପରେ ବିଡିଓ ସମ୍ପୃକ୍ତ ପିଇଓ ଏବଂ ଏଡିଓଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ୍ୱର ପ୍ରଧାନ ଏବଂ ଏଡିଓ ଗଗନ ପଲେଇଙ୍କ ଦରମା ବନ୍ଦ କରାଯାଇଥିବା ନେଇ ବିଡିଓ ସ୍ମୃତିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଗୁରୁବାର ଉଭୟ ଅଧିକାରୀ ପଞ୍ଚାୟତକୁ ଆସୁ ନଥିବାରୁ ପଞ୍ଚାୟତରେ ଅଚଳାବସ୍ଥା ସହ ଉନ୍ନୟନ କାର୍ଯ୍ୟ ଠପ ହୋଇଥିବା ନେଇ ଖବର ପ୍ରକାଶ ହୋଇଥିଲା। ଉଭୟ ଅଧିକାରୀ ଆସୁ ନଥିବା ଯୋଗୁଁ ଭତ୍ତା ଟଙ୍କାଠାରୁ ଆରମ୍ଭ କରି ଜବକାର୍ଡ, ସହ ଅନ୍ୟ କୌଣସି କାମ ହୋଇ ପାରୁନଥିବା ସହ ସ୍ଥାନୀୟ ଲୋକେ କୌଣସି ସରକାରୀ ସହାୟତା କିମ୍ବା ସରକାରୀ ଯୋଜନା ଉପରେ ଜାଣି ପାରୁ ନଥିବା ଅଭିଯୋଗ ହୋଇଥିଲା।

## ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମ 'ଭର୍ଦନା'



ବାରିପଦା, ୨୧।୧୧(ସମିସ): ମହାରାଜପୁର ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କ ପକ୍ଷରୁ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିବା ପାଇଁ 'ଭର୍ଦନା' ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ରୂପାମାଞ୍ଜରୀ ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍ଭିଦ ବିଜ୍ଞାନ ପାଠ୍ୟକ୍ରମର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ଶ୍ରୀମତୀ ବେହେରା ମହାବିଦ୍ୟାଳୟର ବିଗତ ବର୍ଷର ସଫଳତା ଉପରେ ସୂଚନା ଦେଇଥିଲେ। ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ନୂତନ ଛାତ୍ରଛାତ୍ରୀଙ୍କୁ ପାଠ ପଢା ପାଇଁ ଯାହା ଆବଶ୍ୟକ ତାହା ମହାବିଦ୍ୟାଳୟ ତରଫରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପିକା କସ୍ତୁରିବା ମହାନ୍ତ, ଏନ. ବିଜୟଲକ୍ଷ୍ମୀ ଓ ଅଧ୍ୟାପକ କୀର୍ତ୍ତିକୌଶିକ ନାୟକ ଯୋଗଦେଇ ଅଭିଭାଷଣ ରଖିଥିଲେ। ଅଧ୍ୟାପିକା ଦିପାଞ୍ଜଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଓ ଭଲିବଲ୍ ପ୍ରତିଯୋଗିତା

କୁଳିଅଣା, ୨୧।୧୧(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବାରିପଦା ଉପଖଣ୍ଡ ସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଓ ଭଲିବଲ୍ ପ୍ରତିଯୋଗିତା କୁଳିଅଣା ବ୍ଲକ୍ ଅସନଯୋଡା ପି.ଏମ.ଶ୍ରୀ ସରକାରୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସରଗିଫୁଲ ଆଦିବାସୀ ସମ୍ପ୍ରଦାୟର ସଂସ୍କୃତିକୁ ଏକ ପ୍ରତୀକ ରୂପେ ବିବେଚନା କରାଯାଏ। ତେଣୁ ସରଗିଫୁଲର ନାମ ସହିତ ସଂଯୋଗ କରି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମଟି ନିଶ୍ଚିତରୂପେ ସରକାରଙ୍କ ଏକ ଅଭିନବ ପ୍ରୟାସ। ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ସମ୍ମାନିତ ଅତିଥି ଭାବେ କୁଳିଅଣା ବିଡିଓ ଜିତେନ୍ଦ୍ର ମୁର୍ମୁ ଓ ରଶ୍ମିରଞ୍ଜନ ଗିରି, ମୁଖ୍ୟବକ୍ତା ଭାବେ ବାରିପଦା ସଦର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ଓ ସଂଯୋଜକ ଭାବେ ଅସନଯୋଡା ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ଭଲିବଲ୍ ପ୍ରତିଯୋଗିତାକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏଥିରେ ୧୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



● ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ୍ ପ୍ରତିଯୋଗିତା

## ବାଳକ, ବାଳିକା ବର୍ଗରେ କେନ୍ଦୁଝର ଚାମ୍ପିଅନ



କେନ୍ଦୁଝର, ୨୧।୧୧(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଏବଂ ଭଲିବଲ ପ୍ରତିଯୋଗିତା ନରଣପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନମେଳାରେ କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ଯାଜପୁର, କଟକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାରୁ ୧୩ଟି ପ୍ରକଳ୍ପ ଏଠାରେ ସ୍ଥାନ ପାଇଥିଲା। ୧୩ଟି ପ୍ରକଳ୍ପ ପାଇଁ ବିଭିନ୍ନ ବିଦ୍ୟାଳୟରୁ ୧୩ଜଣ ଗାଇଡ୍ ଟିଚର ଏବଂ ୨୬ ଜଣ ଶିଶୁ ବିଜ୍ଞାନୀ ବିଜ୍ଞାନମେଳାରେ ଭାଗ ନେଇଥିଲେ। ଏହି ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଅନୁଗୁଳ ଜିଲ୍ଲା ଫୁଲମ୍ବା ସରକାରୀ ଉଚ୍ଚବିଦ୍ୟାଳୟ ସିମରନ ପ୍ରିୟଦର୍ଶିନୀ ନାଏକ ଏବଂ ପ୍ରିୟଙ୍କା ସେଠୀ, କଟକ ଜିଲ୍ଲାର ସରକାରୀ ଉଚ୍ଚବିଦ୍ୟାଳୟ ମାଧପୁରର ମିରୁ ହେମ୍ବ୍ରମ ଓ ଚନ୍ଦ୍ରିକା ହାଁସଦା, କେନ୍ଦୁଝର ଜିଲ୍ଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅସନପାଟରୁ ଶୁଭଲକ୍ଷ୍ମୀ ନାୟକ ଓ ଶୁଭସ୍ମିତା ତନ୍ତୀ, କୁସୁମିତା ବାଳିକା ଉଚ୍ଚବିଦ୍ୟାଳୟର ପ୍ରତିମା ମୁଣ୍ଡା ଓ ଅର୍ଚ୍ଚିତା ନାଏକ, ଜଗତସିଂହପୁର ଜିଲ୍ଲାରୁ ପାରେଶ୍ୱର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟପାରାଦୀପରୁ ସାରଥୀ ଟୁଡୁ ଓ ବିଷ୍ଣୁପ୍ରୀୟ ସେଠୀ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନୟାଗଡର ରୂପାଞ୍ଜଳି ମଲ୍ଲିକ ଓ ସସ୍ମିତା ଜାନୀଙ୍କ ପ୍ରଦର୍ଶିତ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଛି। ଶ୍ରେଷ୍ଠ ୬ଟି ପ୍ରକଳ୍ପ ଡିସେମ୍ବର ୧୮ ରୁ ୨୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡିଛି। ମଣ୍ଡଳସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ବାଳକ ଏବଂ ବାଳିକା ବିଭାଗରେ ୧୪ଟି ଦଳ ଭାଗ ନେଇଥିଲେ। ଏଥିରେ ଉଭୟ କେନ୍ଦୁଝର ବାଳକ ଏବଂ ବାଳିକା ଦଳ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛି। ଉଦ୍‌ଯାପନୀ ସମାରୋହରେ କେନ୍ଦୁଝର ଜୋନ ଶିକ୍ଷା ମଣ୍ଡଳାଧୀଶ ସଞ୍ଚିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ ଧଳ, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋରଚନ୍ଦ୍ର ରାଉତ, ପ୍ରଧାନଶିକ୍ଷୟିତ୍ରୀ ଅପରିମିତା ବେହେରା, ପ୍ରଧାନଶିକ୍ଷକ ସୋମନାଥ ଆଇଚ ମନୋନୀତ ସମସ୍ତ ଦଳକୁ ଟ୍ରଫି ଏବଂ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତାରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ବିକାଶ ଶତପଥୀ, ସଚ୍ଚିଦାନନ୍ଦ ଦାଶ, ଶିକ୍ଷକ ରଘୁନାଥ ସାହୁ, ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି, ଶିକ୍ଷୟିତ୍ରୀ ସଞ୍ଚିତା କର, ଶିକ୍ଷକ ନିଶିକାନ୍ତ କିସ୍କୁ, ଶିକ୍ଷକ ଲାଲମୋହନ ସର୍ଦ୍ଦାର, ଅଧ୍ୟାପକ ସୌମ୍ୟକାନ୍ତ ସାହୁ ସହଯୋଗ କରିଥିଲେ।

## ଶିଶୁ କନ୍ୟାକୁ ଦୁଷ୍କର୍ମ; ଅଭିଯୁକ୍ତ ନାବାଳକ କିଶୋର ନ୍ୟାୟ ବୋର୍ଡକୁ ସ୍ଥାନାନ୍ତର

ବହଳଦା, ୨୧।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୁଣି ଘଟିଛି ଏକ ଲଜ୍ଜା। ଜଣେ ୬ ବର୍ଷ ବୟସର ଶିଶୁକନ୍ୟାକୁ ସଂପର୍କୀୟ ନାବାଳକ ମାମୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଜଣେ ନାବାଳକ ୬ ବର୍ଷର ଶିଶୁକନ୍ୟାକୁ ଚକଲେଟ୍ ଦେବା ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ବହଳଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ନାବାଳକକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୀଡିତାକୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଆଜି ନାବାଳକର ସ୍ୱାସ୍ଥ୍ୟ ପରୀକ୍ଷା ପରେ କିଶୋର ନ୍ୟାୟ ବୋର୍ଡକୁ ପଠାଇ ଦିଆଯାଇଛି ବୋଲି ତଦନ୍ତକାରୀ ଅଫିସର ଅନନ୍ତ ଦାସ ସୂଚନା ଦେଇଛନ୍ତି।

## ମାଧ୍ୟମିକ ଶିକ୍ଷକଙ୍କ ଇଂରାଜୀ ଭାଷା ପାଇଁ ତାଲିମ



ବାରିପଦା, ୨୨।୧୧(ସମିସ): ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ଇଂରାଜୀ ଭାଷା ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୨୦ଜଣ କଳା ଓ ୨୦ଜଣ ବିଜ୍ଞାନ ଶିକ୍ଷକଙ୍କ ୨ୟ ପର୍ଯ୍ୟାୟ ପ୍ରତ୍ୟକ୍ଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର ଶିବିରକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ସଂଯୋଜକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଆଲୋଚନା କରିଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଇଂରାଜୀ ପ୍ରତି ପିଲାଙ୍କ ମନରୁ ଭୟ ଦୂର କରିବା ସହିତ ଏହିଭାଷା ପ୍ରତି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଭାବରେ ବିବେକ କୁମାର ନାୟକ, ସୁବ୍ରତ କିଶୋର ଆଚାର୍ଯ୍ୟ, ସୁରେଶ କୁମାର ବେହେରା ଓ ଗାୟତ୍ରୀ ବେହେରା ପ୍ରଶିକ୍ଷଣ ଦେଇଥିଲେ। ୯ ସପ୍ତାହ ବ୍ୟାପୀ ଏହି ତାଲିମ କାର୍ଯ୍ୟକ୍ରମରେ ୫ଟି ୱେବିନାର ହୋଇଥିବା ବେଳେ ୨ଟି ପ୍ରତ୍ୟକ୍ଷ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବଶିଷ୍ଟ ୨ଟି ୱେବିନାର ଆଗାମୀ ଦୁଇ ସପ୍ତାହ ମଧ୍ୟରେ ହେବ। ପରବର୍ତ୍ତୀ ସମୟରେ ବ୍ଲକସ୍ତରରେ ଶିକ୍ଷକଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯିବ।

## ଡିଏନ୍ ବିଦ୍ୟାପୀଠ ପ୍ଲାଟିନମ୍ ଜୁବିଲି



ଆନନ୍ଦପୁର, ୨୧।୧୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତୀ ଦରିଦ୍ର ନାରାୟଣ ବିଦ୍ୟାପୀଠର ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳନ ଫିକା ପଡ଼ିଛି। ଚୌକି ଫାଙ୍କା ପଡ଼ିଥିଲା ବେଳେ ଅତିଥିମାନେ କେବଳ ମଞ୍ଚରେ ଭାଷଣ ଦେଇ ଚାଲି ଯାଇଥିଲେ। ପ୍ରଥମ ପର୍ଯ୍ୟାୟରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ମା' ହରଚଣ୍ଡୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ସହ ଏକ ଗଣଦୌଡ଼ ଆୟୋଜିତ ହୋଇଥିଲା। ପରେ ପୂର୍ବତନ କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥୀଙ୍କ ସଂଯୋଜନାରେ ପ୍ଲାଟିନମ୍ ଜୁବୁଲି ସଭାପତି ଡ ରତିକାନ୍ତ ବରାଳ ଧ୍ୱଜା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ର ଆଦିବାସୀ ବ୍ୟାପାର କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ନେତାଜୀ ଅଭିନନ୍ଦନ, ବରେଣ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମହିଳା ନେତ୍ରୀ ସୁକେଶୀ ଓରାମ, ପୁରାତନ ଛାତ୍ର ସଂସଦ ସମ୍ପାଦକ ପ୍ରଭାତ ବରାଳ, ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଭରତ ଭୁଷଣ ପଣ୍ଡା ଅତିଥି ପରିଚୟ କରାଇଥିଲା ବେଳେ ମଞ୍ଚ ଉପସ୍ଥାପନା ମଧୁମିତା ମହାନ୍ତି ଓ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ପ୍ରସନ୍ନ ପଣ୍ଡା, ଆଦିତ୍ୟ ନାୟକ, ବିଷ୍ଣୁ ନାରାୟଣ ସାମଲ, ପ୍ରିୟବ୍ରତ ବରାଳ, ପ୍ରସନ୍ନ ନାୟକ, ଜିତେନ୍ଦ୍ର ଓଝା, ଅମିତ୍ ଦାଶ, ନିଖିଳାଦ୍ରି ମହାରଣା, ପ୍ରଶାନ୍ତ ନାୟକ, ଆକାଶ ଦାସ, ପ୍ରକାଶ ଦାସଙ୍କ ସହ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା

ମୋରଡା,୨୧।୧୧(ସମିସ): ମୋରଡା ବ୍ଲକ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ବିଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ,ସ୍ୱତନ୍ତ୍ର ଅତିଥି ଭାବେ ଉତ୍ତର ଓଡିଶା ଜୋନର ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ଡ଼ାଇରେକ୍ଟର ରାଜେଶ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ ମୋରଡା ବିଆରସିସି ପୃଥୁନାଥ ବାସ୍କେ, ଏବିଇଓ ପାଲୁ ହାଁସଦା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଦର୍ଶନୀରେ ୧୨୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପିଥନାଥ ସରେନ, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ମୋରଡା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର, ଏବିଇଓ ଲକ୍ଷ୍ମୀଧର ମହାନ୍ତ, ମୁରଲୀଧର ବାରିକ, ରତିକାନ୍ତ ସାହୁ, ସିଆରସିସି ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜନଜାତିଙ୍କ ସମାବେଶରେ ହୋ ଯୁବ ସମାଜସେବୀଙ୍କ ଯୋଗଦାନ



ଶରତ,୨୧।୧୧(ସମିସ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ବାର୍ଷିକ ଜନଜାତି ସମ୍ମିଳନୀ 'ସମ୍ବାଦ' ଚଳିତ ବର୍ଷ ଉଚ୍ଚମାନର ହୋଇଛି। ଏହି ଅବସରରେ ଜାମସେଦପୁରରେ ଏକ ଉଚ୍ଚକୋଟୀର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇାଇଛି। ସେପ୍ଟେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ୧୫୩ ଜନଜାତି ସମ୍ପ୍ରଦାୟର ପ୍ରତିନିଧି ସେମାନଙ୍କ ସଂସ୍କୃତି, ଭାଷା, କଳା, ପାରମ୍ପରିକ ଜ୍ଞାନ ଏବଂ ସାମାଜିକ ପରିଚୟ ପ୍ରଦର୍ଶନ କରିଥିଲେ। ପ୍ରାୟ ୨ ହଜାର ୫୦୦ ଅତିଥି ଏବଂ ଅଂଶୀଦାର ଯୋଗଦେଇଥିଲେ। ଏହି ସମାବେଶରେ ଓଡ଼ିଶାରୁ ପ୍ରାୟ ୧୦୦ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, ନବରଙ୍ଗପୁର, ମାଲକାନଗିରି ଏବଂ ଅନ୍ୟାନ୍ୟ ଜିଲ୍ଲାର ଯୁବକମାନେ ଗର୍ବର ସହିତ ସେମାନଙ୍କର ଭାଷା ଏବଂ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ନିମିତ ଉଦ୍ୟମରତ ଜ୍ଞାନ ବାଣ୍ଟିଥିଲେ। ଓଡ଼ିଶାରୁ ୬୪ ଜନଜାତିଙ୍କ ମଧ୍ୟରୁ ହୋ ସମ୍ପ୍ରଦାୟରୁ ମଧ୍ୟ ମୟୂରଭଞ୍ଜର ଗଣେଶ୍ୱର ଗାଗାରାଇ, ଗୋମେୟା ଅମଙ୍ଗ, ପୁନମ୍ ପୂର୍ତ୍ତି, ଟୁନିତା ଜାମୁଦା, ଧିରେନ୍ଦ୍ର ହାଇବ୍ରୁ, କେଉଁଝର ଜିଲ୍ଲାରୁ ପିଣ୍ଟୁ ହେମ୍ବ୍ରମ, ସାଧୁଚରଣ ବିରୁଆ, ଯାଜପୁରରୁ ବିକାଶ ସୁଲି, ପ୍ରିୟଦର୍ଶିନୀ ସଏ, କଟକରୁ ଶଶି ପୂର୍ତ୍ତି ପ୍ରମୁଖ ଯୋଗଦାନ କରିଥିଲେ। ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଆଦିବାସୀ ଶାସନ, ପାହାଡିଆ ଅଞ୍ଚଳରୁ ଜ୍ଞାନ, ବନଜାତ ଦ୍ରବ୍ୟ ଉପରେ ଆଧାରିତ ପଦକ୍ଷେପ, ପାରମ୍ପରିକ ଔଷଧ, ଆଦିବାସୀ ଭାଷା ସଂରକ୍ଷଣ ଏବଂ ଆଜିର ଯୁବପିଢ଼ି ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୬୩- ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଟେକ୍ସାସରେ ହତ୍ୟା କରାଯାଇଥିଲା।
- ୧୯୬୮ -ମାଡ୍ରାସର ନାମ ବଦଳାଇ ତାମିଲନାଡୁ ରଖାଗଲା।
- ୧୯୯୭- ଡାଏନା ହେଡେନ୍ ବିଶ୍ୱସୁନ୍ଦରୀ ହେଲେ।
- ୧୯୯୮ -ବାଂଲାଦେଶୀ ଲେଖିକା ତସ୍‌ଲିମା ନାସ୍‌ରିନ୍ ଢାକା ଅଦାଲତରେ ଆତ୍ମସମର୍ପଣ କଲେ।
- ୨୦୦୨- ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ ପ୍ରତିବାଦରେ ନାଇଜେରିଆରେ ହୋଇଥିବା ଦଙ୍ଗାରେ ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

### ଆଜି ଆସିଥିଲେ...

# ଶହୀଦ ଲକ୍ଷ୍ମଣ ନାୟକ




ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଫାଶୀଖୁଣ୍ଟରେ ଝୁଲିଥିଲେ ତନ୍ମଧ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ଥିଲେ ଅନ୍ୟତମ। ସେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ସଂଘର୍ଷ ଓ ସଂଗ୍ରାମ କରି ଏକ କାଳଜୟୀ ଉଦାହରଣ ସୃଷ୍ଟି କଲେ। ଆଦିବାସୀମାନଙ୍କୁ ଏକତ୍ର କରି ଇଂରେଜ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଏକ ବୈପ୍ଳବିକ ଝଡ଼ ସୃଷ୍ଟି କରିଥିଲେ। ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଏକ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୩୦ ମସିହାରେ ଲକ୍ଷ୍ମଣଙ୍କୁ ମୁସ୍ତାଦାର ଭାବରେ ନିଯୁକ୍ତ କରାଯାଇଥିଲା। ଏହାପରେ ସେ ଲକ୍ଷ୍ମଣ ଭୁମିୟାରୁ ଲକ୍ଷ୍ମଣ ନାୟକ ଭାବରେ ପରିଚିତ ହୋଇଥିଲେ। ମୁସ୍ତାଦାର ଭାବେ ନିଯୁକ୍ତ ହେବା ପରେ ଲକ୍ଷ୍ମଣ ନିଜ ଗ୍ରାମରେ ଅନେକ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ୧୯୩୬ ମସିହାରେ ଲକ୍ଷ୍ମଣ ନାୟକ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୩୭-୩୮ ମସିହାରେ ଜୟପୁର ନିକଟସ୍ଥ ନୂଆପୁଟରେ ଖୋଲିଥିବା ତାଲିମ ଶିବିରରେ ସେ ଯୋଗଦାନ କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଶୃଙ୍ଖଳିତ ଜୀବନଯାପନ ବିଷୟରେ ଶିକ୍ଷାଲାଭ କରିଥିଲେ। ସେ ଗାଁକୁ ଗାଁ ବୁଲି ଲୋକଙ୍କୁ ନିର୍ଭୀକ ହେବାକୁ କହିବା ସହ ସରକାରଙ୍କୁ ଟିକସ ନ ଦେବା, ଅହିଂସା ମାର୍ଗରେ ପରିଚାଳିତ ହେବା ତଥା ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନଧାରଣ କରିବା ନିମନ୍ତେ ପ୍ରଚାର କରୁଥିଲେ। ମାତ୍ର ଏକ ମୁସ୍ତାଦାର ହୋଇ ମଧ୍ୟ ଲୋକଙ୍କୁ ଟିକସ ନ ଦେବା ପାଇଁ କହିବାର ପରିଣାମ ସ୍ୱରୂପ ଲକ୍ଷ୍ମଣଙ୍କୁ ରାଜଦ୍ରୋହୀ ଘୋଷଣା କରି ତାଙ୍କଠାରୁ ସରକାରଙ୍କ ତରଫରୁ ଦିଆଯାଇଥିବା ପଦବୀ ଓ ଚାଷ ଜମି ଛଡ଼ାଇ ନିଆଯାଇଥିଲା। ପ୍ରଥମେ ସେ ସାଧାରଣ କଂଗ୍ରେସ ସଭ୍ୟ ହୋଇଥିଲେ। ପରେ ତେନ୍ତୁଳିଗୁମ୍ମା ପ୍ରାଥମିକ କଂଗ୍ରେସ କମିଟିର ସଭାପତି ଓ ପରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ଜଣେ ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ। ୧୯୪୨ ମସିହାରେ କଂଗ୍ରେସ "ଭାରତ ଛାଡ଼" ପ୍ରସ୍ତାବ ଆଗତ କରିଥିଲା। ଲକ୍ଷ୍ମଣ ଗାଁ ଗାଁ ବୁଲି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଦ୍ୱାରା ଲଢ଼େଇର ବାର୍ତ୍ତା ପ୍ରଚାର କରିଥିଲେ। ପରବର୍ତ୍ତୀ କାଳରେ ଏକ ଜନ ଆନ୍ଦୋଳନରେ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଦିନ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ମାଥିଲି ଥାନା ଘେରାଉ କରିଥିଲେ। ଏହି ଆନ୍ଦୋଳନର ଦମନ ନିମନ୍ତେ ପୁଲିସ ଆନ୍ଦୋଳନକାରୀମାନଙ୍କ ଉପରେ ଲାଠିମାଡ଼ କରିବା ସହ ଲକ୍ଷ୍ମଣ ନାୟକଙ୍କୁ ସମସ୍ତଙ୍କ ଦ୍ୱାରା ଦେଖିଲା ପରି ସ୍ଥାନକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। ମାତ୍ର ଏତାଦୃଶ୍ୟ ଅତ୍ୟାଚାର ପରେ ମଧ୍ୟ କର୍ମୀମାନେ ଆଗକୁ ବଢ଼ିଚାଲିବାରୁ ପୁଲିସ ସେମାନଙ୍କ ଉପରେ ଗୁଳିଚାଳନା ଆରମ୍ଭ କରିଦେଇଥିଲା। ଯାହାର ଫଳସ୍ୱରୂପ ଅନେକ କର୍ମୀ ମୃତାହତ ହୋଇଥିଲେ। ଏ ଗୁଳିକାଣ୍ଡରେ ଫରେଷ୍ଟଗାର୍ଡ ଜି. ରାମୟାର ମୃତ୍ୟୁ ହେଇଥିଲା। ଆନ୍ଦୋଳନକୁ ଦମନ କରିବା ପରେ ପୁଲିସ ଲକ୍ଷ୍ମଣ ନାୟକଙ୍କ ଅଚେତ ଶରୀରକୁ ମୃତ ମନେକରି ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲା। ଚେତା ଫେରିପାଇବା ପରେ ତେନ୍ତୁଳିଗୁମ୍ମାକୁ ଫେରି ଆସି ସଂଘର୍ଷ ଜାରି ରଖିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ମାସ ୨ ତାରିଖରେ ତେନ୍ତୁଳିଗୁମ୍ମାରୁ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଜି. ରାମୟାର ହତ୍ୟା ଅଭିଯୋଗରେ ଲକ୍ଷ୍ମଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା ଓ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ତାଙ୍କୁ ଫାଶୀ ଦିଆଯାଇଥିଲା।

# ମସଲାସ୍ତରକୁ ଜାଣିବ 'କୃତ୍ରିମ ଜିଭ'



ଚୀନର ବୈଜ୍ଞାନିକମାନେ ଏକ କୃତ୍ରିମ ଜିଭ ବିକଶିତ କରିଛନ୍ତି। ଏହା ଖାଦ୍ୟରେ ଥିବା ରାଗ ତଥା ମସଲାର ସ୍ତରକୁ କିଛି ସେକେଣ୍ଡରେ ଚିହ୍ନଟ କରିପାରିବ। ତେବେ ରାଗ ଓ ମସଲା ପ୍ରତି ଯେଉଁମାନେ ଅଧିକ ସମ୍ବେଦନଶୀଳ, ସେମାନଙ୍କ ଲାଗି ଏହା ଉପକାରୀ ସାବ୍ୟସ୍ତ ହୋଇପାରେ। ଏହାସହ ସ୍ୱାଦ ବାରିବାରେ ଦୁର୍ବଳ ଲୋକେ ବି କୃତ୍ରିମ ଜିଭ ଦ୍ୱାରା ଉପକୃତ ହେବା କୁହାଯାଉଛି। ସେହିପରି ଏହି ଟେକ୍ନିକ୍ ଭବିଷ୍ୟତରେ ରୋବଟ୍, ଫୁଡ୍ ଟେଷ୍ଟିଂ ଡିଭାଇସ୍ ଏବଂ ସ୍ୱାଦ ସମ୍ବନ୍ଧିତ ପୀଡ଼ିତ ରୋଗୀଙ୍କ ପାଇଁ ସଫଳ ସାବ୍ୟସ୍ତ ହେବ। ତେବେ କୃତ୍ରିମ ଜିଭର ଡିଜାଇନ୍ କ୍ଷୀରରେ ମିଳୁଥିବା କେସିନ୍ ପ୍ରୋଟିନ୍‌ରୁ ପ୍ରେରିତ। କେସିନ୍ ହେଉଛି ସେହି ପ୍ରୋଟିନ୍, ଯାହା କ୍ୟାପସାଇସିନ୍ ଅର୍ଥାତ୍ ଲଙ୍କାରେ ରାଗ ପଣ ଆଣୁଥିବା ତତ୍ତ୍ୱକୁ ନିଷ୍କ୍ରିୟ କରିଥାଏ। ସେହିପରି ରାଗ ଅଧିକ ଲାଗିଲେ, କ୍ଷୀର ପିଇଲେ ଆଶ୍ୱସ୍ତି ମିଳେ। ଏହି ବିଜ୍ଞାନ ହିଁ ଏବେ କୃତ୍ରିମ ଜିଭର ଆଧାର ହୋଇଛି। ବୈଜ୍ଞାନିକମାନେ ଏକ୍ରିଲିକ୍ ଏସିଡ୍, କୋଲିନ କ୍ଲୋରାଇଡ୍ ଏବଂ ସ୍କିମ୍‌ଡ ମିଲ୍କ ପାଉଡରକୁ ମିଶାଇ ଜେଲ ଭଳି ଏକ ପତଳା ପାରଦର୍ଶୀ ଆସ୍ତରଣ ତିଆରି କରିଥିଲେ। ଏହାକୁ ୟୁଭି ଲାଇଟ୍ ବା ଅତିବାଇଗଣୀ ରଶ୍ମିରେ ରଖିଲେ। ଏହାଦ୍ୱାରା ଏହା ନମନୀୟ ଏବଂ ହାଲୁକା ଅସ୍ୱଚ୍ଛ ପଦାର୍ଥରେ ପରିଣତ ହେଲା। ସେହିପରି ଏହି ଜେଲ୍ ବିଦ୍ୟୁତ୍ ପ୍ରବାହକୁ ପ୍ରବାହିତ କରିପାରେ। ତେବେ ଏହା ଯେତେବେଳେ କ୍ୟାପ୍‌ସାଇସିନ୍ କିମ୍ବା କୌଣସି ରାଗ ଜିନିଷ ସଂସ୍ପର୍ଶରେ ଆସେ ଏହି ଧାରାରେ ପରିବର୍ତ୍ତନ ଦେଖାଯାଏ। ଏହି ପରିବର୍ତ୍ତନ କୃତ୍ରିମ ଜିଭକୁ ଖାଦ୍ୟଟି କେତେ ରାଗ କିମ୍ବା ମସଲାଯୁକ୍ତ ବୋଲି ଜଣାଇଥାଏ। ବୈଜ୍ଞାନିକମାନେ ଏହି ପରୀକ୍ଷଣ ଆଠ ପ୍ରକାର ଲଙ୍କା ଏବଂ ଆଠ ପ୍ରକାର ମସଲା ବ୍ୟଞ୍ଜନ ଉପରେ କରିଛନ୍ତି। ଏଥିରୁ ଜଣାପଡ଼ିଲା କ୍ୟାପ୍‌ସାଇସିନ୍‌କୁ ଏହି ଆସ୍ତରଣ ଉପରେ ରଖିବା ଦ୍ୱାରା କେବଳ ୧୦ ସେକେଣ୍ଡରେ ହିଁ ବିଦ୍ୟୁତ୍ ପ୍ରବାହରେ ପରିବର୍ତ୍ତନ ଆସିଛି। ଏଥିରୁ ସ୍ପଷ୍ଟ ହେଲା ଯେ, କୃତ୍ରିମ ଜିଭ ମସଲା ସ୍ତର ଜାଣିବାକୁ ସକ୍ଷମ। ଅନ୍ୟପକ୍ଷରେ ଏହି କୃତ୍ରିମ ଜିଭ କମ୍ ରାଗ, ମସଲା ଠୁ ଆରମ୍ଭ କରି ଅଧିକ ରାଗୁଆ ଭଳି ଦୁଇଟି ସ୍ତରକୁ ବାରିପାରେ।

# ଆସିବ 'ଦବଙ୍ଗ ୪'



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏହା କିନ୍ତୁ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ସଲମାନ୍ ଏଥିପାଇଁ ତାଙ୍କ ଆଗାମୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଅପୂର୍ବ ଲାଖିଆଙ୍କ ଏହି ଫିଲ୍ମରେ ସଲମାନ୍ ସୈନିକ ଭାବେ ଦେଖାଯିବେ। ଫିଲ୍ମର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରେ ସରିଯାଇଛି। ଇତିମଧ୍ୟରେ 'ଦବଙ୍ଗ ୪'କୁ ନେଇ ଖବର ଆସିଛି। ୨୦୧୦ ମସିହାରେ ସଲମାନ୍‌ଙ୍କ ଫିଲ୍ମ 'ଦବଙ୍ଗ' ଆସିଥିଲା। ୨୦୧୨ ମସିହାରେ ଏହାର ଦ୍ୱିତୀୟ ପାର୍ଟ ଓ ୨୦୧୯ରେ ତୃତୀୟ ପାର୍ଟ ଆସିଥିଲା। ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ ଆସିବ। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରେ ଅରବାଜ୍ ଖାନ୍ କହିଛନ୍ତି ଯେ, 'ଦବଙ୍ଗ ୪' ଆସିବ। ସଲମାନ୍ ଭାଇଙ୍କ ସହ ଆଲୋଚନା କରିବା ପରେ ହିଁ ଏହା କେବେ ଆସିବ ବୋଲି ସ୍ଥିର କରାଯାଇ ପାରିବ। ଏହା କେବେ ଆସିବ ତ ମୁଁ ଜାଣି ନାହିଁ, କିନ୍ତୁ ଯେବେବି ଆସିବ ଦେଖିଲା ଭଳି ହେବ।' ତେବେ ଚୁଲ୍‌ବୁଲ୍ ପାଣ୍ଡେ ଭୂମିକାରେ ପୁଣିଥରେ ସଲମାନ୍ ପରଦାକୁ ଫେରୁଥିବା ଜାଣି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି।

## ପ୍ରହେଳିକା



- ଏମିତି ଅଟଇ ପୂଜାଟି ସିଏ
ଗୁରୁବାର ଦିନ ପାଳିତ ହୁଏ
ମଗୁଶିର ମାସ ଗୁରୁବାରରେ
ପାଳନ ହୁଅଇ ଆଡ଼ମ୍ବରରେ
ଝୋଟିଚିତାରେ ସୁନ୍ଦର ଦିଶେ
ଚନ୍ଦନ କର୍ପୂର ମହକି ବାସେ
ଓଡ଼ିଆଙ୍କ ମୁଖ୍ୟ ପୂଜାଟି ସିଏ
ନାମଟି ତାହାର କହିବ କିଏ ?

ଉ-ଲକ୍ଷ୍ମୀପୂଜା(ମାଣବସା)

- ଲକ୍ଷ୍ମୀପୁରାଣର ମୁଖ୍ୟ ଚରିତ୍ର ସିଏ
ପୂଜୁଥିଲେ ଦେବୀ ଲକ୍ଷ୍ମୀଙ୍କୁ ଯିଏ
ଯାହାଙ୍କ ପୂଜାରେ ଦେବୀ ସନ୍ତୁଷ୍ଟ ହୋଇ
ପାଦେ ଦେଇଥିଲେ ତାଙ୍କ ଘରରେ ଯାଇ
ଯାହାଙ୍କ ପାଇଁ ହେଲା ଦେଉଳ ମନା
ଲକ୍ଷ୍ମୀପୁରାଣରେ ହେଲା ତାଙ୍କ ବର୍ଣ୍ଣନା
ଯିଏ ଶୁଣିଅଛି ସେହି କାହାଣୀ
ନାମଟି ତାଙ୍କର ଦିଅ ବଖାଣି ?

ଉ- ଶ୍ରୀୟା ଚଣ୍ଡାଲୁଣୀ

- ଏମିତି ଅଟଇ ପବିତ୍ର ସିଏ
ଛୁଇଁଦେଲେ ଯାଗା ପବିତ୍ର ହୁଏ
ମାଟିର କାନ୍ଥରେ ଲିପନ୍ତି ନେଇ
ଦାଣ୍ଡରେ ଛିଞ୍ଚନ୍ତି ପବିତ୍ର ପାଇଁ
ସେହି ଦରବଟି ଗୋମାତା ଦିଏ
ନାମଟି ତାହାର କହିବ କିଏ ?

ଉ-ଗୋବର

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୭୮୩୪୫

## ଶୀତ ସକାଳ

ଶୀତ ସକାଳଟି ଲାଗେ ଭାରି ଭଲ
ଆଳସ୍ୟକୁ ଦେଲେ ଛାଡ଼ି
ଶୀତ ଶୀତ ବୋଲି ଘୋଡ଼େଇ ଶୋଇଲେ
ଶୀତ ଧରିଥାଏ ମାଡ଼ି ।
ଭୋରରୁ ଉଠିକି ଶଯ୍ୟାତ୍ୟାଗ କରି
ସକାଳୁଆ ବୁଲା କଲେ
ଶୀତ ଡରି ଯାଇ ପଳାଏ ଦୂରକୁ
ନ ଡର ଶୀତକୁ ପିଲେ ।
କଅଁଳ କିରଣ ଦେହରେ ପଡ଼ିଲେ
ରୋଗ ହୋଇଯାଏ ଦୂର
ବ୍ୟାୟାମ କରିକି ସକାଳ ଶୀତରେ
ସୁସ୍ଥ ରଖିବା ଶରୀର ।
ଶୀତୁଆ ସକାଳେ ଭଲ ଲାଗେ ସତେ
ନିଆଁ ପୋଇବାକୁ ଭାଇ
ସତର୍କ ହୋଇ ନିଆଁ ପୋଇବା ଯଦି
ଭୟ ହିଁ ଲାଗିବ ନାହିଁ ।
ଟୋପା ଟୋପା ହୋଇ କାକର ବୁନ୍ଦାରେ
ଫୁଲର ପାଖୁଡ଼ା ହସେ
ପତର ଉପରେ ଶିଶିର ପଡ଼ିକି
ମୁକୁତା ପରିକା ଦିଶେ ।■



ସନ୍ତୋଷ କୁମାର ଅଦାବର
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮



## ଟିକି ଚଢ଼େଇ

ଟିକି ଚଢ଼େଇ ମୁଁ ଟିକି ଚଢ଼େଇ
ଗଛରେ ଦେଇଛି ବସା ଗଢ଼େଇ
ଯାଉଅଛି ନୀଳ ଆକାଶେ ଉଡ଼ି
ଗୀତ ଗାଇ ଦୁଇ ଡେଣାକୁ ଝାଡ଼ି ।
ଦୁଃଖ ଟିକେ ନାହିଁ ମୋର ମନରେ
ଖୁସିରେ ନିତି ମୁଁ ଆକାଶେ ଘୁରେ
ସ୍ୱାଧୀନ ଭାବରେ ବଞ୍ଚେ ଜୀବନ
ହେବିନାହିଁ କେବେ ମୁଁ ପରାଧୀନ ।
ଖାଦ୍ୟ ଖୋଜି ଆଣେ ଟିକି ଥଣ୍ଟରେ
କେତେ ଦାଉ ସହି ବାଟ ଘାଟରେ
ପ୍ରତିଦିନ ଆମେ ଲାଗୁ କାମରେ
ସଞ୍ଚି ରଖୁ ଖାଦ୍ୟ ଖାଉ ଖୁସିରେ ।
ଆମ ପରି ପିଲେ ହେବ ଚଞ୍ଚଳ
ଉଠୁଥିବ ତୁମେ ନିତି ସଅଳ
ନିଜ କାମ ତୁମେ ନିଜେ କରିବ
ଅଳସ ପଣକୁ ଆଗ ଛାଡ଼ିବ ।
ମୋ ପରି ପିଲାଏ ହେବ ସ୍ୱାଧୀନ
ହେବ ନାହିଁ କେବେ କାହା ଅଧୀନ
ଭଲପାଠ ପଢ଼ି ଗଢ଼ିବ ଦେଶ
ଉଡୁଥିବ ଦେଶେ ଗୌରବ ଯଶ ।■



ନଳିନୀ ଦାଶ
ଭିକାରିପଡ଼ା, ନୟାଗଡ଼ ।

## ସୁମନ




ନଗେନ୍ଦ୍ର ନାଥ ପଟ୍ଟନାୟକ

### ଧୈର୍ଯ୍ୟର ଶକ୍ତି

ଗୋଟିଏ ଜଙ୍ଗଲରେ ଦୁଇଟି ଠେକୁଆ ରହୁଥାନ୍ତି। ଚିକୁ ଆଉ ମିକୁ। ଦୁହେଁ ଭାରି ସାଙ୍ଗ। ଦୁହେଁଯାକ ମିଳିମିଶି ଖେଳକୁଦ, ଡିଆଁଡେଇଁ କରନ୍ତି। ଦୁଇସାଙ୍ଗ ମିଳିମିଶି ଗାଜର ଖାଆନ୍ତି। ଦିନକର କଥା, ଚିକୁ କହିଲା; ମିକୁ ଚାଲ ସେ ବଡ଼ ଝରଣାଟି ଆଡ଼େ ଯାଇ ବୁଲି ଆସିବା। ମତେ ଖୁବ୍ ଭୋକ ଲାଗିଲାଣି। ସେଇ ଝରଣା ପାରି ହେଇ ସେଠିକାର ମିଠା ଗାଜର ଖାଇବା। ତା'ପରେ ମିକୁ କହିଲା: ଆରେ ! ରାସ୍ତାଟା ତ ଖୁବ୍ ଲମ୍ବା; ଟିକେ ଆସ୍ତେ ଆସ୍ତେ ଚାଲିଲେ ମଜା ଆସିବ। ଚିକୁ ସଦାବେଳେ ବେଗିବେଗି ଚାଲୁଥାଏ। ତେଣୁ ସେ କହିଲା; ମୁଁ ତ ଦଉଡ଼ିଯାଇ ଆଗେ ପହଞ୍ଚିଯିବି। ତେଣୁ ସେ ଚଟାପଟ୍ ଧାଇଁଗଲା। ବାଟରେ ଲତାବୁଦା, ଝାଟିଆ ପଛରେ ଯେ ଗାତଟିଏ ଅଛି ସେ ଆଡ଼ିକି ଚିକୁ ଠେକୁଆର ନଜର ନ ଥାଏ। ସେ ଆଗକୁ କୁଦି ପଡ଼ିଲାବେଳେ ଗାତରେ ଦାଲୁକିନା ଗଳିପଡ଼ିଲା। ଟିକିଏ ପରେ ମିକୁ ପହଞ୍ଚିଲା ସେଠି। ସେ ଢୁଲୁଢୁଲୁ ଆଖିରେ ଦେଖେତ, ମିକୁ ଠେକୁଆ ଗାତରେ ଫସିଯାଇଚି। ମିକୁ ବାଡ଼ି ଖଣ୍ଡିକରେ ଲତାଟିଏ ଯୋଡ଼ି ଗାତରେ ପୂରାଇଲା। ଆଉ, ଚିକୁ ସେଇ ବାଡ଼ିର ସାହାରା ନେଇ ଭିତରୁ ପଦାକୁ ବାହାରି ଆସିଲା। ଚିକୁ ଲାଜ ସରମରେ ଜଡ଼ସଡ଼ ହେଇ କହିଲା: ସାଙ୍ଗ, ମତେ କ୍ଷମା କରିଦେ; ମୁଁ ସଦାବେଳେ ତରତର ହେଲାରୁ ଏ ଦଶା ଭୋଗିଲି, ମୁଁ ତ ହରବର ହୋଇ କାମକରେ; କାମ ପ୍ରତି ମୋର ମୋଟେ ଧ୍ୟାନ ନ ଥାଏ। ମିକୁ ଠେକୁଆ ମୁରୁକି ମୁରୁକି ହସି କହିଲା- ଏଥିରେ କିଛି କଥା ନାଇଁ। ଧୀରେ ଚାଲିବା ବି ଦୂରଦୃଷ୍ଟିର ପରିଚୟ। କାରଣ- ଯେ ବୁଝି ବିଚାରି ଚାଲେ, ସେ ନିରାପଦରେ ପହଞ୍ଚିଯାଏ।

ନୀତିଶିକ୍ଷା- ଚଞ୍ଚଳତା ସଦାବେଳେ ଠିକଣା ରାସ୍ତାରେ ନେଇଯାଏନା। ବୁଝିବିଚାରି ଧୈର୍ଯ୍ୟର ସହ କାମ କରିନେବା ପ୍ରକୃତରେ ବୁଦ୍ଧିମତାର ପରିଚୟ।■




ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮

## ପ୍ରତିଭା ପ୍ରଦର୍ଶନୀ





ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ





ଦମୟନ୍ତୀ ଟୁଡୁ
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ






ଅଦ୍ୱିତା ବିଶ୍ୱାଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର






**ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ**

# ଗିଲ୍ ଖେଳିବେନି, ପନ୍ତ ନେବେ ନେତୃତ୍ୱ

ଗୌହାଟି,୨୧।୧୧(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଖେଳାଯିବ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ଅଧିନାୟକ ଶୁବମନ ଗିଲ (ନେକ୍ ସ୍ପାଜମ୍) ଆହତ ହୋଇଥିବାରୁ ଏଠାରେ ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ଏହା ଫଳରେ ତାଙ୍କ ସ୍ଥାନରେ ଉପଅଧିନାୟକ ଋଷଭ ପନ୍ତ ଦଳର ନେତୃତ୍ୱ ନେବେ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୩୦ ରନ୍‌ରେ ପରାଜିତ ହୋଇଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗୁଆ ରହିଛି। ଏଠାରେ ଯଦି ଦଳ ପରାଜୟ ବରଣ କରେ ତେବେ ଗୌତମ ଗମ୍ଭୀରଙ୍କ ତତ୍ତ୍ୱବଧାନରେ ଭାରତୀୟ ଦଳ ଘରୋଇ ମାଟିରେ ଦ୍ୱିତୀୟ ଥର ଲାଗି ସିରିଜ୍ ସୁଇପ୍ ବରଣ କରିବ। ଏଣୁ ଏହି ମ୍ୟାଚ୍ ଭାରତ ଲାଗି କର ଅବା ମରସ୍ଥିତି ସୃଷ୍ଟି କରିଛି। ଏହି ଟେଷ୍ଟ ଅଧଘଣ୍ଟା ଅର୍ଥାତ ସକାଳ ୯ଟାରୁ ଆରମ୍ଭ ହେଉଥିବାରୁ ପ୍ରଥମେ ଚା'ପାନ ବିରତି ଓ ପରେ ମଧ୍ୟାହ୍ନ ଭୋଜନ ବିରତି ହେବ।

ଗିଲ୍‌ଙ୍କ ଅନୁପସ୍ଥିତିରେ ପନ୍ତ ଭାରତୀୟ ଦଳର ନେତୃତ୍ୱ ନେବେ। ଘରୋଇ ଦଳର ଚୂଡ଼ାନ୍ତ ଏକାଦଶ ଘୋଷଣା ହୋଇ ନ ଥିଲେ ମଧ୍ୟ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭଲ ଖେଳି ନ ଥିବା ଅକ୍ଷର ପଟେଲଙ୍କୁ ବାଦ୍ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଆଫ୍ରିକା ସ୍ପିନରଙ୍କୁ ଉଚିତ ମୁକାବିଲା କରିବା ଲାଗି ଦଳ ଦୁଇ ଜଣ ବ୍ୟାଟର ଯଥା ନଂ-୩ରେ ବି ସାଇ ସୁଦର୍ଶନ ଓ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଖେଳାଇବାର ସମ୍ଭାବନା ଅଧିକ। ଏମାନଙ୍କ ବ୍ୟତୀତ ପିଚ୍‌କୁ ଦେଖି ଦଳରେ କିଛି ପରିବର୍ତ୍ତନ କରାଯିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଭାରତ ଏପରି ସ୍ଥିତିରେ ଅଛି ଯେ ଆଗୁଆ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରୁ ନାହିଁ। ବ୍ୟାଟିଂ ହେଉ କିମ୍ବା ବୋଲିଂ ସବୁଥିରେ ଦକ୍ଷିଣ ଆଫ୍ରିକାକୁ ମୁକାବିଲା କରିବାରେ ଭାରତ ଲାଗି କଷ୍ଟକର ହୋଇଛି। ଏଣୁ ଭ୍ରମଣକାରୀ ଦଳକୁ କିପରି ମୁକାବିଲା କରିବ ତାହା ଏବେ ଦଳ ଲାଗି ଚିନ୍ତାର କାରଣ ପାଲଟିଛି।



ଅନ୍ୟ ପକ୍ଷରେ ଭ୍ରମଣକାରୀ ଦଳର ଦୁଇ ଟପ୍ ବୋଲର କାଗିସୋ ରାବାଡା ଖେଳୁ ନ ଥିଲାବେଳେ କେଶବ ମହାରାଜ ବିଫଳ ହୋଇଥିଲେ। ଏହା ସତ୍ତ୍ୱେ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଓ ସାଇମନ୍ ହାର୍ମରଙ୍କ ବିପଜ୍ଜନକ ବୋଲିଂ ବଳରେ ଦୀର୍ଘ ୩ ଦଶନ୍ଧି ମଧ୍ୟରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। କୋଲକାତା ଟେଷ୍ଟରେ ଅଲ୍‌ରାଉଣ୍ଡର ୱିଆନ୍ ମୁଲ୍ଡରଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଖେଳାଳିଙ୍କ ଯୋଗଦାନ କିଛି ନା କିଛି ରହିଥିଲା। କ୍ରମାଗତ ମ୍ୟାଚ୍ ଖେଳିଲାବେଳେ ଦଳଗୁଡ଼ିକ ବିଜୟୀ ହୋଇଥିବା ଏକାଦଶ ଖେଳାଳିଙ୍କୁ ପରିବର୍ତ୍ତନ କରି ନ ଥାନ୍ତି। ଦଳ ଯଦି ପ୍ରଭାବହୀନ ମୁଲ୍ଡରଙ୍କୁ ପରିବର୍ତ୍ତନ କରେ ତେବେ ତାଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ସେନୁରନ୍ ମୁଥୁସ୍ୱାମୀ କିମ୍ବା ସ୍ପେଶାଲିଷ୍ଟ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ଖେଳାଇପାରେ। ଅନ୍ୟ କିଛି ପରିବର୍ତ୍ତନର ଆଶା କମ୍।

ଭାରତ ଗତ ୧୮ଟି ଟେଷ୍ଟରେ ନଂ-୩ରେ ୭ଜଣ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ପୋଜିସନରେ ଗୌତମ ଗମ୍ଭୀର ସ୍ଥିର ନିଷ୍ପତ୍ତି ନେଇ ପାରୁ ନାହାନ୍ତି। ସେହିପରି ତାଙ୍କ କୋଚିଂ ସମୟରେ ପନ୍ତଙ୍କୁ ମିଶାଇ ୪ଜଣ ଖେଳାଳି ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଆଉ ଏକ ଘଟଣା ହେଲା ଏଠାରେ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏଣୁ ପିଚ୍ କିପରି ପ୍ରଦର୍ଶନ କରିବ ତାହା କେହି ଜାଣି ନାହାନ୍ତି। ଏଭଳି ସ୍ଥିତିରେ ଭାରତ ଘରୋଇ ମାଟିରେ ରକ୍ଷଣାତ୍ମକ ଖେଳିବାକୁ ବାଧ ହୋଇଛି।

**ଖେଳ ଆରମ୍ଭ: ସକାଳ ୯ଟା**
**ସିଧା ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର**

## ଦିନିକିଆରେ ମଧ୍ୟ ବଭୁମାଙ୍କୁ ନେତୃତ୍ୱ

ଜୋହାନ୍ସବର୍ଗ,୨୧।୧୧(ଏଜେନ୍ସି): ଟେଷ୍ଟ ଅଧିନାୟକ ଟେମ୍ବା ବଭୁମାଙ୍କୁ ଭାରତ ସହ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ଦିଆଯାଇଛି। କିନ୍ତୁ ଆହତ ହୋଇଥିବା କାଗିସୋ ରାବାଡାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରାଞ୍ଚିରେ ନଭେମ୍ବର ୩୦, ରାୟପୁରରେ ଡିସେମ୍ବର ୩ ଓ ବିଶାଖାପାଟଣାରେ ଡିସେମ୍ବର ୬ରେ ଖେଳାଯିବ।

**ଦିନିକିଆ ଦଳ**: ଟେମ୍ବା ବଭୁମା (ଅଧିନାୟକ), ଓଟ୍‌ନେଲ ବାର୍ଟମ୍ୟାନ୍, କର୍ବିନ ବୋଷ୍ଟ, ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ୍, ନାନ୍ଦ୍ରେ ବର୍ଜର, କ୍ୱିଣ୍ଟନ ଡି କକ୍, କେଶବ ମହାରାଜ, ଟୋନି ଡି ଜୋର୍ଜି, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ୍, ଆଇଡେନ୍ ମାରକ୍ରମ, ଲୁଙ୍ଗି ଏନ୍‌ଗିଡି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।

### ମାରକ୍ରମ ଟି-୨୦ ଅଧିନାୟକ

ଦିନିକିଆ ସିରିଜ୍ ପରେ ଉଭୟ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍‌ରେ ଆଇଡେନ୍ ମାର୍କରାମ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଡିସେମ୍ବର ୯ରେ କଟକ, ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୧୧ରେ ମୋହାଲିର ମୁଲାନପୁର, ତୃତୀୟ ମ୍ୟାଚ୍ ଡିସେମ୍ବର ୧୪ରେ ଧର୍ମଶାଳା, ଚତୁର୍ଥ ମ୍ୟାଚ୍ ଡିସେମ୍ବର ୧୭ରେ ଲକ୍ଷ୍ନୌ ଡିସେମ୍ବର ୧୯ରେ ୫ମ ତଥା ଶେଷ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ।

**ଟି-୨୦ ଦଳ** : ଆଇଡେନ୍ ମାରକ୍ରମ (ଅଧିନାୟକ), ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି, ଡେଭିଡ୍ ମିଲର, ଡୋନୋଭାନ ଫେରେରା, କର୍ବିନ ବୋଷ୍ଟ, ମାର୍କୋ ଜାନ୍‌ସେନ୍, ଜର୍ଜ ଲିଣ୍ଡେ, କ୍ୱେନା ମାଫକା, ଲୁଙ୍ଗି ଏନ୍‌ଗିଡି, ଓଟ୍‌ନେଲ ବାର୍ଟମ୍ୟାନ୍, ଆନ୍‌ରିଚ୍ ନୋର୍କେ ଓ କେଶବ ମହାରାଜ।

**ବାରବାଟୀରେ ଟି-୨୦ ମୁକାବିଲା**

# ଗ୍ୟାଲେରୀରେ ରହିବ ପାଥ୍-ୱେ

କଟକ,୨୧।୧୧(ସମିସ): ପ୍ରତି ଗ୍ୟାଲେରୀରେ ତିନୋଟି ଲେଖାଏ ପାଥ୍-ୱେ ନିର୍ମାଣ କରାଯାଉଛି। ଗ୍ୟାଲେରୀରେ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ସ୍ୱତନ୍ତ୍ର ରାସ୍ତା ଥିଲେ ମଧ୍ୟ ପାଥ-ୱେ ଜରିଆରେ ଦର୍ଶକ ମ୍ୟାଚ୍ ଚାଲିଥିବା ବେଳେ ଯାତାୟତ କରିପାରିବେ। ଏହି ରାସ୍ତା ଜରୁରୀକାଳୀନ ସମୟରେ ମଧ୍ୟ ଉପଯୋଗ କରାଯିବ। ବାରବାଟୀ ଷ୍ଟାଡିୟମରେ ଏଭଳି ବ୍ୟବସ୍ଥା ପ୍ରଥମଥର ହୋଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ଗ୍ୟାଲେରୀର ନବୀକରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଭୁବନେଶ୍ୱର ଆଇଆଇଟି ସିଭିଲ୍ ବିଭାଗର ୮ଜଣିଆ ପ୍ରତିନିଧି ଦଳ ବାରବାଟୀ ଷ୍ଟାଡିୟମ ଅନୁଧ୍ୟାନ କରି ଫେରିଛନ୍ତି। ଅନ୍ୟପକ୍ଷରେ ନବୀକରଣ କାର୍ଯ୍ୟ ପରେ ବାରବାଟୀରେ ସିଟ୍ ସଂଖ୍ୟା ପ୍ରାୟ ଅଢ଼େଇ ହଜାର କମିବ ବୋଲି ଓସିଏର କନସଲଣ୍ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ପ୍ରକାଶଥାଉକି, ଆଉ ୧୭ ଦିନ ପରେ ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲା ହେବ। ଏହି ପରିପ୍ରେକ୍ଷୀରେ ଓସିଏ ପକ୍ଷରୁ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍‌କୁ ଚଉଡା କରାଯାଇ ୨୨ ଇଞ୍ଚ କରାଯାଇଛି। ୭ଟି ଯାକ ଗ୍ୟାଲେରୀରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଓସିଏ ଅନୁରୋଧକ୍ରମେ ଆଇଆଇଟି ପ୍ରତିନିଧି ଆଜି ଷ୍ଟାଡିୟମ ଅନୁଧ୍ୟାନ କରି ସ୍ଥିତାବସ୍ଥା ତଦାରଖ କରିବା ପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଷ୍ଟାଡିୟମର ଫିଟ୍‌ନେସ୍ ରିପୋର୍ଟ ଏହି ଟିମ୍ ପ୍ରସ୍ତୁତ କରିବ। ଡିସେମ୍ବର ୬ ତାରିଖ ସୁଦ୍ଧା ଫିଟନେସ୍ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ।



**ସିଟ୍ କମିଲା ଅଢ଼େଇ ହଜାର**
**ନବୀକରଣ କାର୍ଯ୍ୟ ଅନୁଧ୍ୟାନ କଲେ ଆଇଆଇଟି ଟିମ୍**

**ରାଇଜିଂ ଷ୍ଟାର୍ସ ଏସିଆ କପ୍ କ୍ରିକେଟ**

# ଭାରତ ବିଦା: ଫାଇନାଲରେ ବାଂଲାଦେଶ

ଦୋହା,୨୧।୧୧(ଏଜେନ୍ସି): ସୁପର ଓଭରରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାର ସୁଯୋଗ ନ ଦେବା ଭାରତ-ଏ' ଦଳ ଲାଗି ଘାତକ ସାବ୍ୟସ୍ତ ହୋଇଛି। ସୂର୍ଯ୍ୟବଂଶୀଙ୍କ ଅନୁପସ୍ଥିତିରେ ଭାରତ ସୁପର ଓଭରରେ ୨ଟି ବଲ୍‌ରେ ୨ଟି ୱିକେଟ ହରାଇ ଅଲଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ-ଏ' ୱାଇଡ୍‌ବଲ ମାଧ୍ୟମରେ ଭାରତକୁ ହରାଇ ଏଠାରେ ଚାଲିଥିବା ରାଇଜିଂଷ୍ଟାର୍ସ ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ର ବିଜେତା ସହ ବାଂଲାଦେଶ ଏଠାରେ ରବିବାର ଫାଇନାଲ ଖେଳିବ। ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ-ଏ' ୬ ୱିକେଟରେ ୧୯୪ ରନ୍ କରିଥିଲା। ଜବାବରେ ବାଂଲା ଫିଲ୍ଡରଙ୍କ ମିସ୍ ଫିଲ୍ଡ ଯୋଗୁଁ ଭାରତ ମଧ୍ୟ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ସମାନ ୧୯୪ କରିଥିଲା। ଫଳରେ ସୁପର ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଖାତା ଖୋଲିପାରି ନଥିଲା।


**୨୩ ନଭେମ୍ବର ୨୦୨୫ ରବିବାର**

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

5th Anniversary

**ବିତର୍କ ପ୍ରତିଯୋଗିତା ୨୦୨୫**

ଭାଷା: ଓଡ଼ିଆ

In Association with: CBSE-XI & XII SRI VINAYAKA Concept School BHUBANESWAR

**ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.**

| | | |
|---|---|---|
| ଭୁବନେଶ୍ୱର | ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୨୬୭୪୫୪୬୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ ସାମନ୍ତରାୟ - ୯୪୩୭୪୫୬୭୬୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୦ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୭୦୬୭୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୫୬୭୬୧ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୮୦୮୩ |
| ଢେଙ୍କାନାଳ | ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର - ୯୪୩୭୬୪୦୦୦୭ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୧୧୭୦୩୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୭୬୫୬୧୯ |
| କେନ୍ଦ୍ରାପଡ଼ା | ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଗୋପ, କେନ୍ଦ୍ରାପଡ଼ା | ଦେବଦତ୍ତ ଦାଶ - ୯୪୩୭୨୨୨୭୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୭୬୧୩୭୬୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ ରାଉ - ୯୪୩୭୪୯୭୨୫୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ଫ୍ରେଞ୍ଚ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୭୪୫୨୨୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୪୦୯୦୪୦୬୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଣିଆପାଟ, କେନ୍ଦୁଝର (ଲର୍ଡ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ୍) | ଶରତ ଦାସ - ୭୩୭୭୧୧୨୦୫୫ |
| ରାୟଗଡ଼ା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁକିଏମଆଇଟି କଲେଜ ପାଖରେ, ରାୟଗଡ଼ା | ଶିବ ନାରାୟଣ ଗୌଡ଼ - ୭୦୦୮୯୪୧୨୧୭ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ଼, ମିର୍ଗାନ୍ ଗୁଡ଼ା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୯୬୬୮୭୩୩୬୩୭ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୨୭ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଡା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୬୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୪୫୪୬୭ |
| ଦେବଗଡ଼ | ଅଗ୍ରାଇଜ ଏଡୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୩୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୭୯୨ |
| ନୂଆପଡ଼ା | ନ୍ୟାସନାଲ ହାଇସ୍କୁଲ ନୂଆପଡ଼ା | ଘନଶ୍ୟାମ ଭୋଇ - ୯୯୩୭୬୭୬୨୧୩ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ ଜେନା - ୯୪୩୭୫୪୯୧୬୭ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୨ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୭୬୭୭୭ |
| ଝାରସୁଗୁଡ଼ା | PKSS କଲେଜ, ଝାରସୁଗୁଡ଼ା | ତୁଳେଶ୍ୱରୀ ପ୍ରଧାନ - ୭୭୭୩୩୪୭୬୩୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୭୫୪୦ |
| ବରଗଡ଼ | ରାଣୀ ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୪୩୭ ୦୬୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS